

ଇଟାଲୀୟ ଓପନ କ୍ୱାର୍ଟରରେ ଜୋକୋଭିକ୍ | ୧୧

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ଦିଶା-ଟାଇଗରଙ୍କ ସମ୍ପର୍କକୁ ନେଇ ମୁହଁ ଖୋଲିଲେ ଆୟଶା | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୫୫ Vol. 20 No-55 17 MAY 2023 WEDNESDAY BHUBANESWAR ବୁଧବାର, ୧୭ ମଇ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୧୮ ତାରିଖରେ ମାଟ୍ରିକ୍ ରେଜଲ୍ଟ

କଟକ, ୧୬।୫ (ଭାସ୍କର ନ୍ୟୁଜ): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଫଳ ମେ' ୧୮ ତାରିଖ ସକାଳ ୧୦ଟା ବେଳେ ପ୍ରକାଶ ପାଇବ । ଦିନ ୧୨ଟା ସୁଦ୍ଧା ଛାତ୍ରଛାତ୍ରୀ ସେମାନଙ୍କର ରେଜଲ୍ଟ ଜାଣିପାରିବେ। ଏ ନେଇ ବୋର୍ଡର ଉପସଭାପତି ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ଏହି ପରୀକ୍ଷାରେ ମୋଟ ୫ ଲକ୍ଷ ୪୧ ହଜାର ୨୪୭ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରୀକ୍ଷା ପାଇଁ ୩୨୧୮ କେନ୍ଦ୍ର ସ୍ଥାପନ କରାଯାଇଥିଲା। କପି ରୋକିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

### ଗଡ଼କରୀଙ୍କୁ ହତ୍ୟା ଧମକ

ନୂଆଦିଲ୍ଲୀ, ୧୬।୫: କେନ୍ଦ୍ର ସଡ଼କ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ହତ୍ୟା ଧମକ ମିଳିଛି । ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନ ଫୋନ୍ ନମ୍ବରରେ ଜଣେ ଅଜଣା ବ୍ୟକ୍ତି ଏହି ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ମିଳିବା ପରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି ।


### ବିଦ୍ୟୁତ ବିହାରୀ ସ୍ୱାଇଁ ୟୁପିଏସ୍‌ସି ସଦସ୍ୟ ନିଯୁକ୍ତ

ନୂଆଦିଲ୍ଲୀ, ୧୬।୫: ୧୯୮୮ ବ୍ୟାଚ୍‌ର ଗୁଜରାଟ କ୍ୟାଡର ଆଇଏଏସ୍ ବିଦ୍ୟୁତ ବିହାରୀ ସ୍ୱାଇଁ ୟୁପିଏସ୍‌ସିର ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି । ଶ୍ରୀ ସ୍ୱାଇଁ ଗୁଜରାଟରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟରେ ମଧ୍ୟ କାର୍ଯ୍ୟ କରିଛନ୍ତି ।

ସେନ୍‌ସେକ୍ସ: ୬୧,୯୩୨.୪୭
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୮.୬ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

**୧୬।୫ର ମତାମତ**

ଦେଶଦ୍ରୋହ ମାମଲାରେ ସଂପୃକ୍ତ ଅଭିଯୁକ୍ତଙ୍କୁ କଠୋରେ ଦଣ୍ଡରେ ଦଣ୍ଡିତ କରିବା ଉଚିତ ନୁହେଁ କି ?




**ଆଜିର ପ୍ରସଙ୍ଗ**

ଚଳିତବର୍ଷର ମାଟ୍ରିକ ରେଜଲ୍ଟ ସ୍ୱଚ୍ଛ ଓ ନିରପେକ୍ଷ ହେବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ରାଜନେତା ଡନ୍ ଅତିକ୍. ଅସ୍ରଫ
ଦୟନୀୟ ମୃତ୍ୟୁ ମଲେ,
ସତେ କଣ ଆଉ ଡର ମାଡ଼ିବନି
ଉତ୍ତରପ୍ରଦେଶ ଗଲେ !
ଯୋଗୀ ସିନା କହିଥିଲେ,
'ଦୁଇ ଅପରାଧୀ' ମାଟିରେ ମିଶିଲେ
'ତିନିଟା' ଜନମ ହେଲେ !!

## ପଶ୍ଚିମବଙ୍ଗରେ ବଡ଼ଧରଣର ଅଘଟଣ

# ବିସ୍ଫୋରଣରେ ୯ ମୃତ



କୋଲକାତା, ୧୬।୫: ମଙ୍ଗଳବାର ପୂର୍ବାହ୍ନରେ ପଶ୍ଚିମବଙ୍ଗରେ ଏକ ବଡ଼ଧରଣର ଅଘଟଣ ଘଟିଛି। ଏକ ବେଆଇନ ବାଣ ତିଆରି କାରଖାନାରେ ବିସ୍ଫୋରଣ ଘଟିବାରୁ ୯ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୭ ଜଣ ଗୁରୁତର ହୋଇଥିବା ବେଳେ ଏକାଧିକ ଆହତ ହୋଇଥିବା ସୂଚନା ମିଳିଛି। ସମସ୍ତ ଗୁରୁତର ଓ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନାରୁ ପ୍ରକାଶ ପଶ୍ଚିମବଙ୍ଗ ପୂର୍ବମେଦିନପୁର ଜିଲ୍ଲା ଏଗ୍ରା ଖାଦିକୁଲ ଗାଁରେ ଏକ ବେଆଇନ ବାଣ କାରଖାନାରେ ଏହି ଅଘଟଣ ଘଟିଛି। କୁହାଯାଉଛି ଯେ ଏହି ବାଣ କାରଖାନା ଦୀର୍ଘଦିନ ହେବ ବେଆଇନ ଭାବେ ଚାଲୁ ରହିଥିଲା। ତେବେ ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ପରେ ସ୍ଥାନୀୟ ଜନତାଙ୍କ ରୋଷର ଶିକାର ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ପୋଲିସକୁ ଗୋଡ଼ାଇ ଗୋଡ଼ାଇ ପିଟିବା ସହ ଦୁଇଟି ପୋଲିସ ଜିପ୍ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ବିସ୍ଫୋରଣର ତୀବ୍ରତା ଏତେ ଭୟଙ୍କର ଥିଲା ଯେ ସ୍ଥାନୀୟ ଅଞ୍ଚଳ ବେଶ କିଛି ସମୟ ପାଇଁ ଥରି ଉଠିଥିଲା। ଏଥିରେ ମୃତ୍ୟୁ ସଂଖ୍ୟା ଅଧିକ ଥିବାର ଚର୍ଚ୍ଚା ମଧ୍ୟ ଜୋର ଧରିଛି। କୁହାଯାଉଛି ଦୀର୍ଘଦିନ ହେବ ତୃଣମୂଳ କଂଗ୍ରେସର ସ୍ଥାନୀୟ ନେତା କୃଷ୍ଣପଦ ବାଗ ଓରଫ ଭାନୁ ବାଗ ନିଜ ଘରେ ଏହି ବାଣ କାରଖାନା ଚଳାଇ ଆସୁଥିଲେ। ତେବେ ବାଣ ତିଆରି ପରିବର୍ତ୍ତେ ସେଠାରେ ବୋମା ପ୍ରସ୍ତୁତ କରାଯାଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ଏଥିପୂର୍ବରୁ ଗତମାସରେ ଏହି ବାଣ କାରଖାନା ଉପରେ ଚଢଉ କରାଯାଇ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏପରିକି ତାଙ୍କୁ ଗିରଫ କରାଯାଇ ଜେଲ ପଠା ଯାଇଥିଲା। ତେବେ ଜେଲରୁ ମୁକୁଳିବା ପରେ ସେ ପୁଣି ଥରେ ବେଆଇନ ଭାବେ ବାଣ ପ୍ରସ୍ତୁତ କରୁଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଲାଗି ରହିଥିବାରୁ ଅଧିକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଘଟଣାର କ୍ରାଇମବ୍ରାଞ୍ଚ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଅନ୍ୟ ପକ୍ଷରେ ପଶ୍ଚିମବଙ୍ଗ ବିଜେପି ରାଜ୍ୟ ସଭାପତି ସୁକାନ୍ତ ମଜୁମଦାର ଏହି ଘଟଣାରେ ଏନଆଇଏ ଯାଞ୍ଚ ଦାବି କରିଛନ୍ତି।

- ଏକାଧିକ ଗୁରୁତର ହସ୍ପିଟାଲରେ ଭର୍ତ୍ତି
- ତୀବ୍ର ଉତ୍ତେଜନା, ପୋଲିସ ଗାଡ଼ି ଭଙ୍ଗାରୁଜା
- ପୋଲିସକୁ ଗୋଡ଼ାଇ ଗୋଡ଼ାଇ ପିଟିଲେ
- ବାଣ ତିଆରି ନାଁରେ ଚାଲିଥିଲା ବୋମା ଭିଡ଼ା
- ମୁଖ୍ୟମନ୍ତ୍ରୀଙ୍କ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

## ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ

# ଏଥର ବିଳମ୍ବିତ ମୌସୁମୀ




ନୂଆଦିଲ୍ଲୀ, ୧୬।୫: ସାଧାରଣତଃ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୧ରେ କେରଳ ଉପକୂଳ ଛୁଇଁଥାଏ। ହେଲେ ଏଥର ସାମାନ୍ୟ ବିଳମ୍ବରେ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବ। ସମ୍ଭବତଃ ଜୁନ ୪ ସୁଦ୍ଧା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ବିଳମ୍ବରେ ମୌସୁମୀ ଆସିଲେ ମଧ୍ୟ ଏହାର ପ୍ରଭାବରେ ସ୍ୱାଭାବିକ ବର୍ଷା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବାରେ ସାମାନ୍ୟ ବିଳମ୍ବ ଘଟିବ। କେରଳ ଉପକୂଳ ଛୁଇଁବାର ୧୦ ଦିନ ପରେ ମୌସୁମୀ ଓଡ଼ିଶାକୁ ପ୍ରବେଶ କରିଥାଏ। ସୂଚନାଯୋଗ୍ୟ ଯେ ଗତବର୍ଷ ମେ ମାସ ୨୯ ତାରିଖରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁଥିଲା। ସେହିପରି ୨୦୨୧ରେ ଜୁନ ୩ ଓ ୨୦୨୦ରେ ଜୁନ ୧ରେ ମୌସୁମୀ ବାୟୁ କେରଳରେ ପ୍ରବେଶ କରିଥିଲା। ଗତମାସରେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଥିଲା ଯେ ଚଳିତ ବର୍ଷ ଏଲନିନୋର ପ୍ରଭାବ ପଡ଼ିପାରେ। ତଥାପି ଦେଶରେ ସ୍ୱାଭାବିକ ବର୍ଷା ହେବ। ଜୁନରୁ ସେପ୍ଟେମ୍ବର ମଧ୍ୟରେ ୯୬ ପ୍ରତିଶତ ବର୍ଷା ହେବା ନେଇ ଆକଳନ କରାଯାଇଛି। ତେବେ ସାରା ଦେଶରେ ସ୍ୱାଭାବିକ ବର୍ଷା ନେଇ ଆକଳନ କରାଯାଇଥିଲେ ● ପୃଷ୍ଠା ୮ ଦେଖନ୍ତୁ

**ଜୁନ୍ ୪ ସୁଦ୍ଧା କେରଳ ଛୁଇଁବା ସମ୍ଭାବନା**

## ୭୧ ହଜାର ଆଶାୟୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

# ରୋଜଗାରର ସୁବର୍ଣ୍ଣ ଯୁଗ ଚାଲିଛି



ନୂଆଦିଲ୍ଲୀ, ୧୬।୫: କେନ୍ଦ୍ର ସରକାର ଶିକ୍ଷିତ ବେକାର ଯୁବକମାନଙ୍କୁ ଦକ୍ଷତା ଆଧାରରେ ନିଯୁକ୍ତି ଦେବା ନେଇ ଉଦ୍ୟମ ଜାରି ରଖିଛନ୍ତି। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡ଼ିଓ କନଫରେନସିଂ ମାଧ୍ୟମରେ ୭୧ ହଜାର ଆଶାୟୀଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଚାକିରି ଆଶାୟୀ ଯୁବଗୋଷ୍ଠୀଙ୍କୁ ତାଙ୍କ ସମ୍ବୋଧନରେ କହିଥିଲେ ଯେ ଦେଶରେ ରୋଜଗାରର ସୁବର୍ଣ୍ଣ ଯୁଗ ଚାଲିଛି। ୯ ବର୍ଷ ପୂର୍ବେ ୨୦୧୪ ମେ ୧୬ରେ ବିଜେପି ଲୋକସଭା ନିର୍ବାଚନରେ ଜିତିବା ପରେ ବେକାର ଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସେବେଠାରୁ ନିଯୁକ୍ତିର ଯୁଗ ଆରମ୍ଭ ହୋଇଛି। ଗତ ୯ ବର୍ଷ ମଧ୍ୟରେ କେନ୍ଦ୍ର ସରକାର କ୍ୟାପିଟାଲ ଏକ୍ସପେଣ୍ଡିଚର ବାବଦରେ ୩୪ ହଜାର ଲକ୍ଷ କୋଟି ଟଙ୍କା ବ୍ୟୟ କରିଛନ୍ତି। ଏହି ଅର୍ଥରେ ଦେଶରେ ବିକାଶର ଧାରା ଅବ୍ୟାହତ ରହିଛି। ୯ କୋଟି ଲୋକଙ୍କୁ ମୁଦ୍ରା ଯୋଜନାରେ ଋଣ ପ୍ରଦାନ ସହ ଆତ୍ମନିର୍ଭରଶୀଳ ହେବା ପାଇଁ ସହାୟତା ଯୋଗାଇ ଦିଆଯାଇଛି। ଶିକ୍ଷିତ ଯୁବଗୋଷ୍ଠୀ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତାକୁ ପ୍ରତିପାଦିତ କରିବାରେ ସମର୍ଥ ହୋଇ ପାରିଛନ୍ତି। ଏହା କେବଳ ଆଇଆଇଏମ୍, ଆଇଆଇଟି ଓ କୌଶଳ ବିକାଶ କେନ୍ଦ୍ର ଦ୍ୱାରା ସମ୍ଭବ ହୋଇ ପାରିଛି ବୋଲି ମୋଦୀ କହିଥିଲେ। ସୂଚନାଯୋଗ୍ୟ ଯେ ଶିକ୍ଷିତ ବେକାରଙ୍କୁ ନିଯୁକ୍ତି ଦେବା ପାଇଁ ମଙ୍ଗଳବାର ଦେଶର ୪୫ଟି ସ୍ଥାନରେ ରୋଜଗାର ମେଳାର ଆୟୋଜନ କରାଯାଇଥିଲା। ଏଥିରେ ଚୟନ ହୋଇଥିବା ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୭୧ ହଜାର ଆଶାୟୀଙ୍କୁ ଦକ୍ଷତା ଆଧାରରେ ନିଯୁକ୍ତି ଦିଆଯାଇଛି। ଏହା ସେମାନଙ୍କୁ ସଶକ୍ତ କରିବା ସହ ରୋଜଗାରକ୍ଷମ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ■ କଳବଳ କରୁଛି ତାତି ■

# ୪୪ ଡିଗ୍ରୀ ଉପରେ ୪ ସହର




ଭୁବନେଶ୍ୱର, ୧୬।୫ (ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଛି । ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଅସହ୍ୟ ଗରମ ସହ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି । ଘରୁ ପଦାକୁ ବାହାରିବା ସମ୍ଭବପର ହୋଇପାରୁ ନାହିଁ । ରାତି ପାହିଲେ ତାତିର ପ୍ରଭାବ ବେଶ୍ ଅନୁଭୂତ ହେଉଛି । ସୂର୍ଯ୍ୟଙ୍କ ତେଜରେ ଦେହରୁ ଗମ୍‌ଗମ୍ ହୋଇ ଝାଳ ବୋହିଯାଉଛି । ବିଶେଷକରି ପଶ୍ଚିମ ଓ ଆଭ୍ୟନ୍ତର ଓଡ଼ିଶାରେ ତାତିର ପ୍ରଭାବ ଦେଖିବାକୁ ମିଳୁଛି । ବାୟୁମଣ୍ଡଳରେ ଆର୍ଦ୍ରତା ଅଂଶ ଅଧିକ ରହୁଥିବାରୁ ପ୍ରବଳ ● ପୃଷ୍ଠା ୮ ଦେଖନ୍ତୁ

## କାଳବୈଶାଖୀ ଦେଲା ଆଶ୍ୱସ୍ତି

# ଗଛ ପଡ଼ି ୨ ମୃତ

ଭୁବନେଶ୍ୱର, ୧୬।୫ (ଭାସ୍କର ନ୍ୟୁଜ): ଗତ କିଛିଦିନ ହେବ ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବା ବେଳେ ମଙ୍ଗଳବାର ଅପରାହ୍ନରେ ସେଥିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଅପରାହ୍ନରେ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ବର୍ଷା ହେବା ଫଳରେ ପାଗରେ ପରିବର୍ତ୍ତନ ଘଟିଛି। ପ୍ରଚଣ୍ଡ ତାତିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ଉଠୁଥିବା ବେଳେ ସେଥିରୁ ଆପାତତଃ କିଛିଟା ମୁକ୍ତି ମିଳିଛି। ଆସନ୍ତା ୧୮ ତାରିଖରୁ ରାଜ୍ୟରେ ପୁଣି କାଳବୈଶାଖୀର ପ୍ରଭାବ ଆରମ୍ଭ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଏହାର ପ୍ରଭାବ ଦେଖାଦେବ ଓ ଗରମ ତଥା ● ପୃଷ୍ଠା ୮ ଦେଖନ୍ତୁ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦୁଝର ପ୍ରଜାମେଳି ନେତା ବିପ୍ଳବୀ ଧରଣୀଧର ନାଏକ(ଭୂୟାଁ)ଙ୍କ ୭୯ତମ ଶ୍ରାଦ୍ଧୋତ୍ସବ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ଜୟଦେବ ବିହାର ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ଅଖିଳ ଭାରତୀୟ ଭୂୟାଁ ସମାଜର କର୍ମକର୍ତ୍ତା ବିଜୟ ନାଏକ, ମାନସୀ ନାଏକ, ନୀଳମଣି ମାଝୀ, ପ୍ରବୀର ମହାନ୍ତି, ଗିରିଜା ଶଙ୍କର ମହାପାତ୍ର, ଜୟ ଓଡ଼ିଶା ଅଧକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ଅଧ୍ୟାପକ ଡ଼ଃ ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, କର୍ପୋରେଟର ଜୟନ୍ତୀ ସାହୁ, ସାମାଜିକ କର୍ମୀ ସନାତନ ବେହେରା, କବୟିତ୍ରୀ ଅନ୍ନଦା ମିଶ୍ର, କେନ୍ଦୁଝର ବିକାଶ ପରିଷଦ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ମାନବିକ ଅଧିକାର ସୁରକ୍ଷା ସହ ବେଠି ବେଗାରୀ, ରାଜ ଅତ୍ୟାଚାର କବଳରୁ ପ୍ରଜାଙ୍କ ସୁରକ୍ଷା ପାଇଁ ଧରଣୀଧରଙ୍କ ତ୍ୟାଗ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ ।

## ରୋଜଗାର ମେଳାର ପଞ୍ଚମ ପର୍ଯ୍ୟାୟ

# ୪୭୩ ଜଣଙ୍କୁ ନିଯୁକ୍ତି ପତ୍ର ବିତରଣ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବର୍ତ୍ତମାନର ପରିବର୍ତ୍ତିତ ଦୁନିଆ ଏବଂ ଟେକ୍ନୋଲୋଜି ଯୁଗରେ ନିଜକୁ ସ୍କିଲିଂ, ରି-ସ୍କିଲିଂ ଏବଂ ଅପ ସ୍କିଲିଂ କରାଇବା ଜରୁରୀ । ବିଶେଷ ଭାବରେ ଆଜି ଯୁବବନ୍ଧୁମାନେ ନିଯୁକ୍ତି ପାଇଥିବା ଏହି ମନ୍ତ୍ରକୁ ନିରନ୍ତର ଜପନ୍ତୁ ଏବଂ ଓଡ଼ିଶା ପାଇଁ ବଡ ଭାବିବା ସହ ବଡ ସ୍ୱପ୍ନ ଦେଖନ୍ତୁ ବୋଲି ମଙ୍ଗଳବାର ଭୁବନେଶ୍ୱର ଠାରେ 'ରାଷ୍ଟ୍ରୀୟ ରୋଜଗାର ମେଳା'ର ପଞ୍ଚମ ପର୍ଯ୍ୟାୟ ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓଡ଼ିଶାର ୪୭୩ ଜଣ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ବିରତଣ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏମ୍ସ ଭୁବନେଶ୍ୱର, ଆଇଆଇଟି ଭୁବନେଶ୍ୱର, ଭାରତୀୟ ରେଳ, ଡ଼ାକ ବିଭାଗ, ଇଏସଆଇସି, ଇସ୍ପାତ୍ ବିଭାଗ, ଜିଏସଆଇ ସମେତ ବିଭିନ୍ନ ବର୍ଗରେ ନିଯୁକ୍ତି ପାଇଥିବା ଯୁବକ



ଯୁବତୀମାନେ ଆଜି ଦାୟିତ୍ୱବୋଧର ନୂଆ ଅଧ୍ୟାୟକୁ ଯାଉଛନ୍ତି । ତେବେ ଦାୟିତ୍ୱ ଏତିକିରେ ସୀମିତ ନୁହେଁ । ଆମ ଦେଶ ଆଉ ପ୍ରାୟ ୨୫ ବର୍ଷ ପରେ ୨୦୪୭ରେ ସ୍ୱତନ୍ତ୍ରତାର ୧୦୦ ବର୍ଷ ପୂରଣ ହେବ ଏବଂ ପ୍ରାୟ ୧୩ ବର୍ଷ ପରେ ୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ । ଏହି କାଳଖଣ୍ଡରେ ଆମେ ବଡ ଦାୟିତ୍ୱରେ ଥିବା ସମୟରେ କେବଳ ନିଜ କଥା ଭାବିବା ନାହିଁ ବରଂ ସମସ୍ତଙ୍କ କଥା ଚିନ୍ତା କରିବା । ସ୍ୱୟଂ ପାଇଁ ନୁହେଁ ସମୂହଙ୍କ ପାଇଁ ଚିନ୍ତା କରିବା ଦରକାର । ଆନନ୍ଦ ଓ ଉତ୍ସାହ ଭରା ଏହି ଉତ୍ସବରେ ଆଜି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଠାରୁ ୭୦ ହଜାରରୁ ଅଧିକ ଯୁବକ ଯୁବତୀମାନେ ବିଭିନ୍ନ ବିଭାଗରେ କାମ କରିବା ପାଇଁ ରୋଜଗାରର ସ୍ୱୀକୃତି ପତ୍ର ପାଇଛନ୍ତି । ଏହି ରାଷ୍ଟ୍ରୀୟ ନିଯୁକ୍ତି ମେଳା ଯୁବକମାନଙ୍କ ପ୍ରତି ମୋଦି ସରକାରଙ୍କ ପ୍ରତିବଦ୍ଧତାର ପ୍ରମାଣ । ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଜୀବନର ନୂଆ ଅଧ୍ୟାୟ ଆରମ୍ଭ କରିଥିବା ଯୁବବର୍ଗଙ୍କୁ ଶୁଭେଚ୍ଛା ଜଣାଇବା ସହ କେନ୍ଦ୍ରମନ୍ତ୍ରୀ ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏହି ସମାରୋହରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଇଆଇଆଇଇ ସିଇଓ ସମ୍ମିଳନୀରେ ସୋଆ ସମ୍ମାନିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜାତୀୟ ସ୍ତରୀୟ ବୃତିଗତ ଅନୁଷ୍ଠାନ ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁସନ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଇଞ୍ଜିନିୟରିଂ (ଆଇଆଇଆଇଇ) ପକ୍ଷରୁ ଶ୍ରୀଲଙ୍କାର କଲମ୍ବୋରେ ନିକଟରେ ଆୟୋଜିତ ଏହାର ୨୩ତମ ସିଇଓ ସମ୍ମିଳନୀରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)କୁ ସମ୍ମାନଜନକ 'ପରଫର୍ମାନ୍ସ ଏକ୍ସିଲେନ୍ସ ଆୱାର୍ଡ'ରେ ସମ୍ମାନିତ କରାଯାଇଛି। ସୋମବାର ଆଇଆଇଆଇଇ ଜାତୀୟ କାଉନ୍ସିଲ୍‌ର ଅଧ୍ୟକ୍ଷ ଡକ୍ଟର ଅମୀୟ ବେହେରା ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ ଏଠାରେ ଭେଟି ଏହି ସମ୍ମାନ ପ୍ରଦାନ କରିଛନ୍ତି। କାର୍ଯ୍ୟଧାରାରେ ଶ୍ରେଷ୍ଠତା ହାସଲ କରିବାର ଲକ୍ଷ୍ୟ ନେଇ ଅବିରତ ଉଦ୍ୟମ ଜାରି ରଖିଥିବାରୁ ସୋଆକୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଡକ୍ଟର ବେହେରା କହିଛନ୍ତି। ବିଗତ ୬ ଦଶନ୍ଧି ହେବ ଆଇଆଇଆଇଇ ଇଣ୍ଡଷ୍ଟ୍ରିଆଲ୍ ଇଞ୍ଜିନିୟରିଂ କ୍ଷେତ୍ରକୁ ପରିବ୍ୟାପ୍ତ, ବିକଶିତ ଓ ଉନ୍ନତ କରିବାର ଲକ୍ଷ୍ୟ ନେଇ କାର୍ଯ୍ୟ କରିଆସୁଛି। ଏହି ସମ୍ମିଳନୀଟି ମେ' ୫ ରୁ ୭ ତାରିଖ ପର୍ଯ୍ୟନ୍ତ କଲମ୍ବୋ ଠାରେ ଆୟୋଜିତ ହୋଇଥିବା ବେଳେ ଏହି



ସମ୍ମିଳନୀରେ ପ୍ରସଙ୍ଗ ଥିଲା ସର୍କୁଲାର ଇକୋନୋମି ଆଣ୍ଡ ଷ୍ଟ୍ରାଟେଜିକ୍ ସଷ୍ଟେନେବଲ ଡେଭଲପ୍‌ମେଣ୍ଟ। ବିଶ୍ୱସ୍ତରୀୟ ବ୍ୟବସ୍ଥାକୁ ଆପଣାଇଥିବା ଅନୁଷ୍ଠାନମାନଙ୍କୁ ଚିହ୍ନଟ ଓ ସମ୍ମାନିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏହି ସମ୍ମିଳନୀରେ ମ୍ୟାନେଜମେଣ୍ଟ ଗୁରୁ, ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ନେତୃତ୍ୱ, ରାଷ୍ଟ୍ରଦୂତ, ଶିକ୍ଷାବିତ୍, ଗଣମାଧ୍ୟମ ବ୍ୟକ୍ତିବିଶେଷ, କର୍ପୋରେଟ ନେତୃତ୍ୱ ଏବଂ ବିଶ୍ୱର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ସାମିଲ ହୋଇ ସେମାନଙ୍କର ବିଚାରଧାରା ଓ ଗବେଷଣା ସମ୍ପର୍କିତ ମତ ଉପସ୍ଥାପନ କରିଥିଲେ।



ରବୀନ୍ଦ୍ରମଣ୍ଡପରେ ୫୫ତମ ବାଣୀଚିତ୍ର ପୁରସ୍କାର ପ୍ରଦାନ ସମାରୋହ

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ସୁଦୃଢ ନଦୀବନ୍ଧ ନିର୍ମାଣ ଓ ପ୍ରାକ ବିପର୍ଯ୍ୟୟ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ




କଟକ(ଭାସ୍କର ନ୍ୟୁଜ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ସୁଦୃଢ ନଦୀବନ୍ଧ ନିର୍ମାଣ ଓ ପ୍ରାକ ବିପର୍ଯ୍ୟୟ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରାଯାଇଛି । ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକରେ ଯୋଗଦେଇ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତ । ବୈଠକରେ ଯୋଗଦେଇ କଟକ ଲୋକସଭା ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ କହିଲେ ଯେ, ମହାନଦୀରେ ଦିନକୁ ଦିନ ଉଦବେଗଜଣକ ଭାବେ ଜଳସ୍ତର କମିବାରେ ଲାଗିଛି । ଆଗାମୀ ଦିନରେ ଏହି ପରିମାଣ ହ୍ରାସ ପାଇବା ଆଶଙ୍କା ରହିଛି । ବିଗତ ୨୦ବର୍ଷର ଉପଲବ୍ଧିକୁ ନେଇ ଆମେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ସମିଚୀନ ବୋଲି ସାଂସଦ ଶ୍ରୀ ମହତାବ ପ୍ରକାଶ କରିଥିଲେ । ବୈଠକରେ ଯୋଗଦେଇ ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର କହିଲେ ଯେ, ବଡମ୍ବା ଓ ନରସିଂହପୁର ଅଞ୍ଚଳରେ ନଦୀବନ୍ଧ ଗୁଡିକର ମରାମତି ଓ ନିୟମିତ ବିଦ୍ୟୁତ ସରବରାହ ନିମନ୍ତେ ଅନୁଭୂତ ହେଉଥିବା ସମସ୍ୟା ଗୁଡିକର ସମାଧାନ ଦିଗରେ ସଂପୃକ୍ତ ଅଧିକାରୀ ଓ ଯନ୍ତ୍ରୀମାନେ ଧ୍ୟାନ ଦିଅନ୍ତୁ । ବୈଠକରେ ଯୋଗଦେଇ ନଗରପାଳ, କଟକ ମହାନଗର ନିଗମ ସୁବାସ ଚନ୍ଦ୍ର ସିଂହ କହିଲେ ଯେ, କଟକ ସହରର ୨୦ଟି ସ୍ଥାନରେ ଜଳ ଉପଲବ୍ଧସ୍ଥଳ ନିର୍ମାଣ କରାଯାଉଛି । ବିଧାୟକ କଟକ ସଦର ଚନ୍ଦ୍ର ସାରଥୀ ବେହେରା କହିଲେ ଯେ , ଅନେକ ସ୍ଥାନରେ ନଦୀବନ୍ଧ ଦବିଯିବା ଭଳି ଏବଂ ନଦୀଶଯ୍ୟାର ଉଚ୍ଚତା ବୃଦ୍ଧି ହେବା ଅନୁଭୂତ ହେଉଛି । ବାରବାଟୀ-କଟକ ବିଧାୟକ ଇଂ ମୋହମ୍ମଦ ମୁକିମ କହିଲେ ଯେ, ସହରରେ ବିଭିନ୍ନ ଅଞ୍ଚଳରେ ଜଳଛତ୍ର ମାଧମରେ ଆଗନ୍ତୁକମାନଙ୍କୁ ପାନୀୟଜଳ ଯୋଗାଯାଇଥାଏ । ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ନଦୀବନ୍ଧ ଗୁଡିକର ମରାମତି ଓ ବୁଦା ଅପସାରଣ ଦିଗରେ ଯନ୍ତ୍ରୀମାନେ ଗୁରୁତ୍ୱାରୋପ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆୟୁକ୍ତ କଟକ ମହାନଗର ନିଗମ ନିଖିଲ ପଓ୍ୱନ କଲ୍ୟାଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଶିବୋ ଟପୋ, କମାଣ୍ଡର ଏନଡ଼ିଆରଏଫ ଜୟାଶଙ୍କର ସିଂହ, ପୋଲିସ ଅତିରିକ୍ତ ଉପ-ଆୟୁକ୍ତ, କଟକ ଅନିଲ କୁମାର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ଛୋଟରାୟ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଆଠଗଡ ଉପଜିଲ୍ଲାପାଳ ହେମନ୍ତ କୁମାର ସ୍ୱାଇଁ, ବାଙ୍କୀ ଉପଜିଲ୍ଲାପାଳ ରଞ୍ଜନ କୁମାର ଜେନା ଓ ଉପଜିଲ୍ଲାପାଳ କଟକ ସଦର କମଳଜିତ ଦାସ, ଡେପୁଟୀ କଲେକ୍ଟର ପ୍ରିୟଦର୍ଶିନୀ ଜେନା, ନିର୍ବାଚନ ଅଧିକାରୀ ସଶାଙ୍କ ଶେଖର ମିଶ୍ରଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ବି.ଡ଼ି.ଓ, ବିଭାଗୀୟ ନିର୍ବାହି ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ବୈଠକରେ ଯୋଗଦେଇଥିବା ବେଳେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଏନ.ଏନ. ରାଜଲକ୍ଷ୍ମୀ ଓଝା ବୈଠକ ପରିଚାଳନା କରିଥିଲେ ।

## ପ୍ରଣବ ପଟ୍ଟନାୟକ ପାଇବେ ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମଇ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଚଳିତ ବର୍ଷ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ଓ ଫାଉଣ୍ଡେସନ୍‌ର ୩୧ ତମ ବାର୍ଷିକୋତ୍ସବ ପାଳିତ ହେଉଛି। ଏହି ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ସନ୍ଧ୍ୟା ସାଢ଼େ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସଙ୍ଗୀତଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



ଏଥର ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପି ସାଧନା ନିମନ୍ତେ ଡ. ପ୍ରଣବ କିଶୋର ପଟ୍ଟନାୟକଙ୍କୁ 'ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ-୨୦୨୩' ପ୍ରଦାନ କରାଯିବ। ସମ୍ମାନ ସ୍ୱରୂପ ୧ ଲକ୍ଷ ଟଙ୍କାର ଅର୍ଥରାଶି ସମେତ ଉପଢ଼ୌକ, ପୁଷ୍ପଗୁଚ୍ଛ ଓ ସ୍ମୃତିଫଳକ ପ୍ରଦାନ କରାଯିବ। ଏଥିସହ ଗୁରୁ ଅଖିଳ କୁମାର ଲେଙ୍କାଙ୍କୁ 'ସଙ୍ଗୀତ ସରସ୍ୱତୀ' ଓ ଡ. ରଞ୍ଜନ କୁମାର ଦାସଙ୍କୁ 'ଗୀତ ସରସ୍ୱତୀ', ଗୁରୁ ଶରତ ପାଣିଙ୍କୁ 'ବାଦ୍ୟ ସରସ୍ୱତୀ' ସମ୍ମାନରେ ବିଭୂଷିତ କରାଯିବ। ସମ୍ମାନ ସ୍ୱରୂପ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କାର ଅର୍ଥରାଶି ସମେତ ଉପଢ଼ୌକ, ପୁଷ୍ପଗୁଚ୍ଛ ଓ ସ୍ମୃତିଫଳକ ପ୍ରଦାନ କରାଯିବ। ଏହାସହ ଯୁବ ପ୍ରତିଭା ସନ୍ଧ୍ୟାରାଣୀ ରାଉତଙ୍କୁ 'ସଙ୍ଗୀତ ସୁଧାକର ସ୍ମୃତି ବୃତ୍ତି' ସ୍ୱରୂପ ୫ ହଜାର ଟଙ୍କାର ଅର୍ଥରାଶି ସମେତ ଉପଢ଼ୌକନ, ପୁଷ୍ପଗୁଚ୍ଛ ଓ ସ୍ମୃତିଫଳକ ପ୍ରଦାନ କରାଯିବ। ଏଥି ସହିତ ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟ ଦେଓ ଓ ବିଶ୍ୱଜିତ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯିବ।

## ବୟନ ଶିଳ୍ପ ଓ ପୋଷାକ କ୍ଷେତ୍ର ପାଇଁ ବେଙ୍ଗାଲୁରୁରେ ଓଡ଼ିଶା ନିବେଶକ ସମ୍ମିଳନୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଘରୋଇ ଏବଂ ବୈଶ୍ୱିକ ନିବେଶକଙ୍କ ପାଇଁ ନିବେଶର ଗନ୍ତବ୍ୟସ୍ଥଳ ହେବା ନିମନ୍ତେ ଓଡ଼ିଶା ରାଜ୍ୟ ସରକାର ବୟନ, ପୋଷାକ ଏବଂ ବୈଷୟିକ ବୟନ ଶିଳ୍ପ କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେଇ ଚଳିତ ମାସ ୧୭ ଓ ୧୮ ତାରିଖରେ ବେଙ୍ଗାଲୁରୁଠାରେ 'ଓଡ଼ିଶା ନିବେଶକ ସମ୍ମିଳନୀ' ଆୟୋଜନ କରିବାକୁ ଯାଉଛନ୍ତି। ମୁଖ୍ୟ ସଚିବ, ଓଡ଼ିଶା ପ୍ରଦୀପ କୁମାର ଜେନାଙ୍କ ନେତୃତ୍ୱରେ ରାଜ୍ୟ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଇପିକଲର ଅଧକ୍ଷ ହେମନ୍ତ ଶର୍ମା, ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ସହିତ ଏକ ବରିଷ୍ଠ ପ୍ରତିନିଧି ଦଳ, ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ଏହି ବୈଠକରେ ଯୋଗଦେବେ। ମଇ ୧୭ ତାରିଖରେ ବେଙ୍ଗାଲୁରୁର ତାଜ ୱେଷ୍ଟ ଏଣ୍ଡ'ରେ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ଅନୁଷ୍ଠିତ ହେବ ଯାହାକୁ ଓଡ଼ିଶା ସରକାର ଆୟୋଜନ କରି କର୍ଣ୍ଣାଟକ ଏବଂ ଆଖପାଖ ରାଜ୍ୟର ସମ୍ଭାବ୍ୟ ନିବେଶକଙ୍କୁ ସାମିଲ କରିବେ। ନିକଟରେ ଓଡ଼ିଶା ସରକାର 'ଓଡ଼ିଶା ଶିଳ୍ପ ନୀତି ୨୦୨୨' ଏବଂ ଓଡ଼ିଶା ପୋଷାକ ଓ ବୈଷୟିକ ପ୍ରଦାନର ବ୍ୟବସ୍ଥା ରହିଛି। ଗସ୍ତ କରୁଥିବା ଏହି ପ୍ରତିନିଧି ଦଳ ରାଜ୍ୟରେ ଥିବା ବିଭିନ୍ନ ତଥା ଆଗାମୀ ପୁଞ୍ଜିନିବେଶ ସୁଯୋଗ ସମ୍ପର୍କରେ ନିବେଶକମାନଙ୍କୁ ଅବଗତ କରାଇବା ସହ ଓଡ଼ିଶାକୁ ଟେକ୍ସଟାଇଲ ଓ ଆପାରେଲ୍ ହବ୍‌ରେ ପରିଣତ କରିବା ପାଇଁ ଓଡ଼ିଶା ସରକାର ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକୁ ପ୍ରଦର୍ଶିତ କରିବେ। ରୋଡ୍ ଶୋ' ଅବସରରେ ୧୭ ଓ ୧୮ରେ ମୁଖ୍ୟ ଶାସନ ସଚିବ ଓଡ଼ିଶାଙ୍କ ନେତୃତ୍ୱରେ ଏହି ବରିଷ୍ଠ ପ୍ରତିନିଧି ଦଳ ସମ୍ଭାବ୍ୟ ନିବେଶକଙ୍କ ସହ ଅନେକ ଜି୨ବି ବୈଠକ ଆୟୋଜନ କରିବେ।

## ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତରିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତରିତ ହୋଇଛି । ପୂର୍ବରୁ କ୍ୟାପିଟାଲ ହସ୍‌ପିଟାଲ ପରିସରରେ ଥିବା ଏହି କାର୍ଯ୍ୟାଳୟ ଏବେ ସତ୍ୟନଗରସ୍ଥିତ ତୋଷାଳି ଭବନକୁ ସ୍ଥାନାନ୍ତରିତ ହୋଇଛି । ତୋଷାଳି ଭବନ ଏ-୧ ବ୍ଲକର ତଳ ମହଲାରେ ଆୟୁକ୍ତଙ୍କ କାର୍ଯ୍ୟାଳୟ କାର୍ଯ୍ୟ କରୁଛି । ରାଜ୍ୟର ଭିନ୍ନକ୍ଷମ ହିତାଧିକାରୀମାନେ ଏଣିକି ସେମାନଙ୍କ ସମସ୍ୟା ତଥା ଅଭିଯୋଗଗୁଡ଼ିକର ସମାଧାନ ନିମନ୍ତେ ଆୟୁକ୍ତଙ୍କ କାର୍ଯ୍ୟାଳୟକୁ ଆସିପାରିବେ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କୁହାଯାଇଛି ।

## ‘ଜୀବନ ସଉଦା’ ଉନ୍ମୋଚିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାମାଜିକ କର୍ମୀ ମୁରଲୀଧର ରଥଙ୍କ ଜୀବନୀ ଉପରେ ଜ୍ଞାନରଞ୍ଜନ ମହାନ୍ତିଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଜୀବନ ସଉଦା' ପୁସ୍ତକ ଉନ୍ମୋଚନ ହୋଇଯାଇଛି । ଡ଼ ଗୋବିନ୍ଦ ଚନ୍ଦ୍ର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ଅଧାପକ ସଂଗ୍ରାମ କେଶରୀ ମଲ୍ଲିକ, ସାହିତ୍ୟିକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଡଃ.ସୁରେନ୍ଦ୍ରନାଥ ତ୍ରିପାଠୀ, ଆଇନଜୀବୀ ବୀରନାରାୟଣ ପାତ୍ର ପ୍ରମୁଖ ଶ୍ରୀ ରଥଙ୍କ କର୍ମମୟ ଜୀବନୀ ଉପରେ ବକ୍ତବ୍ୟ ଦେବା ସହ ପୁସ୍ତକ ଉନ୍ମୋଚନ କରିଥିଲେ । ଏହି ବୈଠକକୁ ହେମନ୍ତ ରଥ ପରିଚାଳନା କରିଥିଲେ ।

## ରାଜଭବନରେ ସିକ୍କିମ୍ ଦିବସ ପାଳିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ରାଜଭବନରେ ସିକ୍କିମ୍ ଦିବସ ପାଳିତ ହୋଇଯାଇଛି। ଅଭିଷେକ ହଲ୍‌ରେ ଆୟୋଜିତ ଉତ୍ସବରେ ଓଡ଼ିଶାରେ ରହୁଥିବା ସିକ୍କିମ୍‌ର ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ସହ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଅତିରିକ୍ତ ସଚିବ ଚିତ୍ତରଞ୍ଜନ ମହାନ୍ତି, ବେଦବନ୍ଧୁ ମିଶ୍ର, ଲେଖା ନିୟନ୍ତ୍ରକ ଗୌତମ ଚୌଧୁରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ବୃଦ୍ଧ ମୃତ

ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡମୁହାଣଛକ ଆଦିମାତା ପୀଠ ନିକଟରେ ଏକ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି । ମୃତ ବୃଦ୍ଧ ଜଣକ ହେଲେ ଫକୀରପଡା ଗ୍ରାମର ବିକଳ ଭୋଇ (୬୦) । ସେ ଘରୁ ଏକ ସାଇକେଲ ଯୋଗେ ନିକଟସ୍ଥ ବଜାରକୁ ସାମଗ୍ରୀ ଆଣିବାକୁ ଯାଉଥିବା ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା ।

## ବିନା ଡାକ୍ତରୀ ପରାମର୍ଶରେ ଗର୍ଭ ନିରୋଧ ବଟିକା ବିକ୍ରି ମାମଲା

# ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କୁ ଶୁଣାଣି ପାଇଁ ନିର୍ଦ୍ଦେଶ

କଟକ(ଭାସ୍କର ନ୍ୟୁଜ): ବିନା ଡାକ୍ତରୀ ପରାମର୍ଶରେ ବଜାରରେ ଗର୍ଭ ନିରୋଧ ବଟିକା ବିକ୍ରିକୁ ବିରୋଧ କରି ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ହୋଇଯାଇଛି । ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀଙ୍କ ଅଭିଯୋଗ ଆଧାରରେ ଶୁଣାଣି କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ବଜାରରେ ବେଆଇନ ଭାବେ ଉପଲବ୍ଧ ହେଉଥିବା ଗର୍ଭ ନିରୋଧ ବଟିକା ବିକ୍ରୀ ଉପରେ ରୋକ୍ ଲଗାଇବା ପାଇଁ ବିହିତ ପଦକ୍ଷେପ ନେବାକୁ ଆଦେଶ ଦେଇଛନ୍ତି । ସୂଚନାଥାଉକି ମହିଳାମାନଙ୍କ ମାସିକ ଧର୍ମ ନିୟମିତ କରିବା ଏବଂ ଗର୍ଭ ନିରୋଧ ପାଇଁ ବିନା ଡାକ୍ତରୀ ପରାମର୍ଶ ଓ ଅନିୟନ୍ତ୍ରିତ ଭାବେ ବଟିକା ସେବନ ଦ୍ୱାରା ମହିଳାଙ୍କଠାରେ କର୍କଟ ରୋଗ ହେବାର ଆଶଙ୍କା ରହିଥିବା ଦର୍ଶାଇ ସମାଜସେବୀ ବିନ୍ଦୁଜା ଉପାଧ୍ୟାୟ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ।

## ବିଏସ୍‌କେୱାଇରେ ଉଲ୍ଲେଖନୀୟ ଅଗ୍ରଗତି

- ସାମିଲ ହେଲେ ୬୮୧ ଘରୋଇ ସୁପର ସ୍ପେସାଲିଟି ହସ୍ପିଟାଲ
- ହସ୍ପିଟାଲସ୍ତରରେ ରୋଗୀମାନଙ୍କ ସହାୟତା ପାଇଁ ୬୬୮ ଛାମୁଆ କର୍ମଚାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ନିମନ୍ତେ ଓଡିଶା ସରକାରଙ୍କ ଅନନ୍ୟ ପ୍ରଚେଷ୍ଟା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବି.ଏସ୍.କେ.ୱାଇ.) ଇତି ମଧ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି । ଯୋଜନାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ାକ୍ତର ବୃନ୍ଦା ଡ଼ି. ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଭ୍ୟନ୍ତରୀଣ ସମୀକ୍ଷାରୁ ଏହା ଜଣାପଡିଛି । ଯୋଜନାର କାର୍ଯ୍ୟାୟନ ଅଗ୍ରଗତି ସମୀକ୍ଷା କରି ହସ୍ପିଟାଲ ସ୍ତରରେ ରୋଗୀମାନଙ୍କ ସହାୟତା ନିମନ୍ତେ ସର୍ବଦା ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବା ପାଇଁ ଡ଼ଃ ବୃନ୍ଦା ଜିଲ୍ଲା ସଂଯୋଜକ ଓ ସ୍ୱାସ୍ଥ୍ୟ ମିତ୍ର ଆଦି ଛାମୁଆ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଦାୟୀତ୍ୱ ଦିଆଯାଇଥିବା ହସ୍ପିଟାଲର ବିଭିନ୍ନ ବିଭାଗ, ନିଦାନ କେନ୍ଦ୍ର, ୱାର୍ଡ, ଆଇ.ସି.ୟୁ. ରୋଗୀ ଓ ସହାୟକମାନଙ୍କ ପାଇଁ ଥିବା ସୁବିଧା କେନ୍ଦ୍ର, ଆନୁସଂଗିକ ସେବା ସୁବିଧା ଆଦି ବିଷୟରେ ସଂପୂର୍ଣ୍ଣ ଅବଗତ ରହି ଲୋକମାନଙ୍କୁ ନିର୍ଭରଯୋଗ୍ୟ ସୂଚନା ଦେବା ସହ ବି.ଏସ୍.କେ.ୱାଇ କାର୍ଡଧାରୀ ରୋଗୀମାନଙ୍କର ପଞ୍ଜୀକରଣ, ଆଡମିଶନ୍, ନିଦାନ ପରୀକ୍ଷା ନିରୀକ୍ଷା ଓ ଚିକିତ୍ସାପରେ ହସ୍ପିଟାଲରୁ ଡ଼ିସଚାର୍ଜ ଆଦି କାମରେ ସିଧାସଳଖ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବିଶେଷତଃ ଦୂରଦୁରାନ୍ତ ଗ୍ରାମରୁ ଆସିଥିବା ମହିଳା, ବୃଦ୍ଧ, ଦିବ୍ୟାଙ୍ଗ ଓ ନିଃସହାୟ ବ୍ୟକ୍ତିମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଡ଼ଃ ବୃନ୍ଦା ନିର୍ଦ୍ଦେଶ ଦେଇଥିଲେ । ନାଡାଲ୍ ଅଫିସରମାନେ ନିୟମିତ ଭାବେ ତାଲିକାଭୁକ୍ତ ହସ୍ପିଟାଲମାନଙ୍କ ସହ ହ୍ୱାଟସ୍ ଆପ୍ ଗ୍ରୁପ୍ ଓ ଭିଡିଓ କନଫେରେନସିଂ ଆଦି ମାଧ୍ୟମରେ ସଂଯୋଜିତ ରହି ବି.ଏସ୍.କେ.ୱାଇ. ର ପ୍ରକ୍ରିୟାଗତ ବୈଷୟିକ ବିଷୟର ଆଶୁ ସମାଧାନ ପାଇଁ ପରାମର୍ଶ ଦେଇଥିଲେ ।



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ଠାକୁରାଣୀ ଯାତ୍ରା ପରିଦର୍ଶନ କରିଛନ୍ତି ଗଞ୍ଜାମ ଏସ୍‌ପି ଜଗମୋହନ ମୀନା। ଠାକୁରାଣୀ ଯାତ୍ରାର ଅସ୍ଥାୟୀ ପୀଠରେ ବିଜେ ମା'ଠାକୁରାଣୀ ଏବଂ ମା' ବାଗଦେବୀଙ୍କୁ ଦର୍ଶନ କରିଥିଲେ। ଏହାସହ ଠାକୁରାଣୀ ଯାତ୍ରା କମିଟି ତଥା ସ୍ଥାନୀୟ ନଗରପାଳଙ୍କ ସହ ଆଲୋଚନା କରିଥିଲେ। ଠାକୁରାଣୀ ଯାତ୍ରା ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଅଧିକ ଗୁରୁତ୍ୱାରୋପ କରିଥିଲେ। ଏହା ସହ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ୧ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯିବା ସହ ଭଜନଗର ଥାନାଧିକାରୀ ଏବଂ ଏସ୍‌ଡିପିଓ ଦାୟିତ୍ୱ ତଦାରଖ କରୁଥିବା ନେଇ ଏସ୍‌ପି ଶ୍ରୀ ମୀନା ସୂଚନା ଦେଇଥିଲେ। ଏହା ସହ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ୧ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯିବା ସହ ଭଜନଗର ଥାନାଧିକାରୀ ଏବଂ ଏସ୍‌ଡିପିଓ ଦାୟିତ୍ୱ ତଦାରଖ କରୁଥିବା ନେଇ ଏସ୍‌ପି ଶ୍ରୀ ମୀନା ସୂଚନା ଦେଇଥିଲେ। ଏସ୍‌ପି ଦର୍ଶନ ସମୟରେ ଥାନାଧିକାରୀ ଧିରେଶ୍ କୁମାର ଦାସ, ନଗରପାଳ ଗୋପବନ୍ଧୁ ମହାପାତ୍ର, ଶୁଶାନ୍ତ କୁମାର ମହାପାତ୍ର, ଜଗଦିଶ ପାଣିଗ୍ରାହୀ, ଶୂଳପାଣି ଶତପଥୀ, ଯାତ୍ରା କମିଟି ସଦସ୍ୟ ଓ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ଓୟୁଜେ ପକ୍ଷରୁ ଡିଆଇଜିଙ୍କୁ ଦାବିପତ୍ର

# ସାମ୍ବାଦିକଙ୍କ ନାମରେ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହାର ଦାବି



କୋରାପୁଟ, (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ଗୁଣୁପୁରର ବରିଷ୍ଠ ସାମ୍ବାଦିକ ରଞ୍ଜିତ ପାଢ଼ୀଙ୍କ ବିରୁଦ୍ଧରେ ଆକ୍ରୋଶ ମୂଳକ ଓ ଯୋଜନା ବଦ୍ଧ ଭାବେ ଗୁଣୁପୁର ପୋଲିସ୍ କରିଥିବା ମିଥ୍ୟା ମାମଲା ପ୍ରତ୍ୟାହାର କରିବାକୁ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତଙ୍କୁ ଅବିଭକ୍ତ କୋରାପୁଟ ଜିଲ୍ଲା ଓୟୁଜେ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରା ଯିବା ସହ ଆଲୋଚନା କରିଛନ୍ତି। ପୋଲିସ୍ କରିଥିବା ମିଥ୍ୟା ମାମଲାକୁ ବିରୋଧ କରିବା ସହ ମିଥ୍ୟାମାମଲା ପ୍ରତ୍ୟାହାର କରିବା ସକାଶେ ସଂଘ ତରଫରୁ ଦାବି କରାଯାଇଛି। କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଦିଲ୍ଲିପ ମହାନ୍ତିଙ୍କ ସଭାପତିତ୍ୱରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବହୁ ସଂଖ୍ୟାରେ ସାମ୍ବାଦିକମାନେ ଯୋଗ ଦେଇଥିଲେ। ବାରମ୍ବାର ସାମ୍ବାଦିକଙ୍କ ଉପରେ ଓଡ଼ିଶା ପୋଲିସ ଆକ୍ରୋଶ ମୂଳକ କାର୍ଯ୍ୟାନୁଷ୍ଠାନ ବନ୍ଦ କରାଯାଉ,ଏଥିସହ ମିଥ୍ୟା ମାମଲା କରିଥିବା ପୋଲିସ କର୍ମଚାରୀଙ୍କ ବିରୁଦ୍ଧରେ ରାଜ୍ୟ ସରକାର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମିଥ୍ୟା ମାମଲା ୭ ଦିନ ଭିତରେ ପ୍ରତ୍ୟାହାର କରାନଗଲେ ଆଗାମୀ ଦିନରେ ସାରା ରାଜ୍ୟର ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି କୁହାଯାଇଛି। ଗୁଣୁପୁର ଏସ୍‌ଡିପିଓ ସାମ୍ବାଦିକ ଶ୍ରୀ ପାଢ଼ିଙ୍କ ବିଷୟରେ କଥା ହେବା ସକାଶେ କିଛି ସାମ୍ବାଦିକ ଯାଇଥିବା ବେଳେ ରଞ୍ଜିତ ପାଢ଼ିଙ୍କୁ ଏନ୍‌କାଉଣ୍ଟର କରିଦେବି ବୋଲି ରୋକ୍‌ଠୋକ୍ ଧମକ ଦେବା କଥାକୁ ଡିଆଇଜିଙ୍କୁ ଅବଗତ କରାଯିବା ସହ ଏସ୍‌ଡିପିଓଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଥିଲା। ଡିଆଇଜି ସାମ୍ବାଦିକମାନଙ୍କ ସହ ଆଲୋଚନା କରିବା ପରେ ଏକ ନିର୍ଭୟ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଦିଲିପ୍ ମହାନ୍ତି, ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ଼, ସଂଗଠନ ସମ୍ପାଦକ ପରମେଶ୍ୱର ସାହୁ, ଉପଦେଷ୍ଟା ପରୀକ୍ଷିତ ବିଶ୍ୱାଳ, ଶସଧର ରାଉତ, ଟି.ଗୌରି ଶଙ୍କର, ରାଜ୍ୟ ସଂଗଠନ ସମ୍ପାଦକ ମନୋଜ ପଟ୍ଟନାୟକ, ରାଜ୍ୟ ଉପସଭାପତି ରାଜେଶ ପଟ୍ଟନାୟକ, ରାୟଗଡ଼ା ଜିଲ୍ଲା ସଭାପତି ରାଧାକୃଷ୍ଣ ପଟ୍ଟନାୟକ, ନବୀନ ସାହୁ, ଅମିତାଭ୍ ବେହେରା, ଘନଶ୍ୟାମ ରଥ, ଜିତେନ୍ଦ୍ର କୁମା ମିଶ୍ର, ସିଏଚ୍ ଭଗବତ ଆଚାରୀଙ୍କ ସମେତ ଅବିଭକ୍ତ କୋରାପୁଟ ଜିଲ୍ଲାର ଶତାଧିକ ସାମ୍ବାଦିକ ଯୋଗ ଦେଇଥିଲେ।

## ରଥଯାତ୍ରା ପ୍ରସ୍ତୁତି ବୈଠକ

ଗୁଣପୁର, (ଭାସ୍କର ନ୍ୟୁଜ୍): ଗୁଣପୁର ଉପଜିଲ୍ଲାପାଳଙ୍କ ସଦ୍‌ଭାବନା ସଭା ଗୃହଠାରେ ପବିତ୍ର ରଥଯାତ୍ରା ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଣପୁର ଉପଜିଲ୍ଲାପାଳ ଲଳିତ କୁମାର କହଁର ଅଧକ୍ଷତା କରିଥିବା ବେଳେ ମାନ୍ୟବର ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ମୁଖ୍ୟ ଅତିଥି ଓ ଗୁଣପୁର ପୌରାଧକ୍ଷା ମମତା ଗୌଡ଼, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିକାଶ ଚନ୍ଦ୍ର ଦେହୁରୀ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକ ସଂଯୋଜନା କରିଥିଲେ। ଆସନ୍ତା ଜୁନ ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ଘୋଷଯାତ୍ରା ଉପଲକ୍ଷେ ବିଭିନ୍ନ କମିଟି ଗଠନ କରାଯାଇ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ଅନୁରୋଧ କରାଯାଇଥିଲା। ରଥ ତିଆରି ପାଇଁ କାଠ, ରଥ ଚକ ତିଆରି ପାଇଁ କାଠ, ମନ୍ଦିର ରଙ୍ଗ ଦିଆ, ଆଲୋକ ସାଜସଜ୍ଜା, ପରିମଳ ବ୍ୟବସ୍ଥା ଗ୍ରହଣ, ଆଇନ ଶୃଙ୍ଖଳା ବ୍ୟବସ୍ଥା ଆଦି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଗୁଣ୍ଡିଚା ମନ୍ଦିର ତୁରନ୍ତ ଶେଷ କରିବା, ମୀନାବଜାର ବ୍ୟବସ୍ଥିତ ଭାବେ ବସାଇବା, ଉଠା ଦୋକାନୀଙ୍କୁ ଟିକଟ ପ୍ରଦାନ କରିବା ସହ ସ୍ଥାନ ନିରୂପଣ କରିବା ଆଦି ଆଲୋଚନା ହୋଇଥିଲା। ରଥଯାତ୍ରା ନିମନ୍ତେ ଆଦାୟ ପାଣ୍ଠି କମିଟି ଅଧୀନରେ ରଖି ଖର୍ଚ୍ଚ କରିବା ସହ ପାଣ୍ଠି ଆଦାୟ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆଜିର ଏହି ବୈଠକରେ ନିର୍ବାହୀ ଅଧିକାରୀ, ଗୁଣପୁର ପୌର ସଂସ୍ଥା, ଉପଖଣ୍ଡ ଚିକତ୍ସା ଅଧିକାରୀ, ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ ବିଭାଗ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡ଼ି, ଥାନା ଅଧିକାରୀ, ବନଖଣ୍ଡ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଗୁଣପୁର ପୌର ଉପାଧକ୍ଷ, ଉମା ଦାସ, ସୁଦାମ ପାଢ଼ୀ, ଗୁପ୍ତ ପ୍ରସାଦ ରଥ ଶର୍ମା, ଟୁକୁନା ରଥ, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ପୌରପାଳିକା ଗୋଦାମଘର

ଯାଜପୁର, (ଭାସ୍କର ନ୍ୟୁଜ୍): ଯାଜପୁର ଟାଉନରେ ଥିବା ଯାଜପୁର ପୌରପାଳିକାର ଗୋଦାମ ଘରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିବାର ଖବର ମିଳିଛି। ଏହାଫଳରେ ମଶା ତେଲ ସହ ବସ୍ତାବସ୍ତା ବ୍ଲିଚି ପାଉଡର ଜଳିଯାଇଛି। ଯାଜପୁର ଟାଉନ ମଧ୍ୟରେ ଥିବା ଯାଜପୁର ପୌରପାଳିକାର ଗୋଦାମ ଘରେ କୌଣସି କାରଣବଶତଃ ନିଆଁ ଲାଗିଯିବ ଫଳରେ ପୌରପାଳିକା ପକ୍ଷରୁ ଗଚ୍ଛିତ ଥିବା ମଶା ଧୂଆଁ ଏବଂ ବ୍ଲିଚିଂ ପାଉଡର ସହ ସଫେଇରେ ବ୍ୟବହୃତ ଅନେକ ସାମଗ୍ରୀ ଜଳିଯାଇଯିବା ଜଣାପଡ଼ିଛି। ପରିତ୍ୟକ୍ତ ଅବସ୍ଥାରେ ଥିବା ଯାଜପୁର ଲାଲବାଗ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରେ ଏହି ଗୋଦାମ କରାଯାଇଥିଲା। ଏଥିରେ ନିଆଁରେ ଆହୁରି ଅନେକ ସାମଗ୍ରୀ ବି ଜଳିଯାଇଛି। ଖବର ପାଇ ତେବେ ୪ଟି ଦମକଳ ଆସିନିଆଁକୁ ଆୟତ୍ତ କରିଛି। ଏନେଇ ଯାଜପୁର ପୌରପାଳିକାର ଉପାଧକ୍ଷ ସନ୍ତୋଷ ମଲ୍ଲିକ ସୂଚନା ଦେଇଛନ୍ତି।

## ବଜ୍ରକାପ୍ତା କାତି ଡିଲ୍ ବେଳେ ଚଢ଼ଉ ବନପାଳଙ୍କ ସମେତ ୬ ଅଟକ



ମୟୂରଭଞ୍ଜ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ କପ୍ତିପଦା ଥାନା ଶାଣଦେଇ-ସମୀବୃକ୍ଷ ରାସ୍ତାର ବଡ଼ଝାଡ଼ ଅଞ୍ଚଳରେ ବଜ୍ରକାପ୍ତା କାତି ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ସୋମବାର ସନ୍ଧ୍ୟାରେ ପୁଲିସ ଚଢ଼ଉ କରି ଘଟଣାସ୍ଥଳରୁ ୩ ଫୁଟ୍ ଲମ୍ବ ଓ ୩ କେଜି ଓଜନର ଏକ ବଜ୍ରକାପ୍ତା କାତି ସହ ୩ଟି ବାଇକ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ୬ ଜଣଙ୍କୁ ଅଟକ ରଖାଯାଇଛି। ଅଟକ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ବନପାଳ ଅଛନ୍ତି। ସେ ହେଲେ ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜ ଅଯୋଧାର ବନପାଳ ରାମଚନ୍ଦ୍ର ମାରାଣ୍ଡି (୩୬)। ଅନ୍ୟ ଅଭିଯୁକ୍ତମାନେ ହେଲେ ଦେଉଳି ଅଞ୍ଚଳର ସନ୍ତୋଷ ସି (୪୮), ଭଣ୍ଡାରିପାଳ ଗ୍ରାମର ସାହେବ ମାରାଣ୍ଡି (୩୨), ଜେଏସ୍‌ଜାମୁଡ଼ିହା ପଞ୍ଚାୟତ ବାଲିନାଳ ଗ୍ରାମର ବିଶ୍ୱେଶ୍ୱର ମାରାଣ୍ଡି (୫୦), ବାରିପଦା ସଦର ଥାନା ଡାଙ୍ଗରସାହି ଗ୍ରାମର ଉମେଶ ଚନ୍ଦ୍ର ସିଂ (୪୫) ଓ ବେତନଟୀ ଥାନା ଛୋଟରାୟପୁର ଗ୍ରାମର ଗଗନ ବେହେରା (୨୪)।

## ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ପକ୍ଷରୁ ଦାରିଦ୍ର ନାରାୟଣ ସେବା



ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ଦୁର୍ଗାମନ୍ଦିର ପରିସରରେ ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ ପାରାଦୀପ ଶାଖା ତରଫରୁ ଦରିଦ୍ର ନାରାୟଣ ସେବା ଓ ସାଙ୍ଗଠନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାରା ଭାରତବର୍ଷକୁ ଅଖଣ୍ଡ ହିନ୍ଦୁ ରାଷ୍ଟ୍ର ଭାବରେ ପରିଗଣିତ କରିବାକୁ ଜଗତଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଗୋବର୍ଦ୍ଧନ ମଠ ପୁରୀ ପିଠାଧୀଶ୍ୱର ସ୍ୱାମୀ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ମାର୍ଗଦର୍ଶନ ଅନୁସାରେ ପରିଚାଳିତ ହେଉଛି ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ ଏବଂ ପୀଠ ପରିଷଦ। ଏହାର ପ୍ରମୁଖ ଭୂମିକା ରହିଛି ସାରା ଭାରତବର୍ଷକୁ ହିନ୍ଦୁରାଷ୍ଟ୍ର ଭାବରେ ପରିଗଣିତ କରିବା, ସୁସଂସ୍କୃତ, ସୁଶିକ୍ଷିତ, ସୁରକ୍ଷିତ, ସମ୍ପନ୍ନ, ସେବାପରାୟଣ, ସ୍ୱସ୍ଥ ଓ ସର୍ବହିତପ୍ରଦ ବ୍ୟକ୍ତି ତଥା ସମାଜର ସଂରଚନା ଏବଂ ଧର୍ମ ନିୟନ୍ତ୍ରିତ ପକ୍ଷପାତ ବିହୀନ ଶୋଷଣବିନିର୍ମୁକ୍ତ ସର୍ବହିତପ୍ରଦ ସନାତନ ଶାସନ ତନ୍ତ୍ରର ସ୍ଥାପନା ଲକ୍ଷ ରଖି ପୁରୁଷମାନଙ୍କ ପାଇଁ ଆଦିତ୍ୟ ବାହିନୀ, ମହିଳାମାନଙ୍କ ପାଇଁ ଆନନ୍ଦ ବାହିନୀ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷମାନଙ୍କୁ ନେଇ ଆରମ୍ଭ ହୋଇଛି ପୀଠ ପରିଷଦ। ପାରାଦୀପଠାରେ ଏହି ଶାଖା ଗଠନ କରାଯାଇ ଜଗନ୍ନାଥ ମନ୍ଦିର ପରିସରରେ ପ୍ରତ୍ୟେକ ରବିବାର ସନ୍ଧ୍ୟାରେ ସତସଙ୍ଗ କାର୍ଯ୍ୟକ୍ରମ ସହିତ ପାରାଦୀପ ସମୁଦ୍ରକୂଳରେ ହିନ୍ଦୁମାନଙ୍କୁ ଯୋଡିବା ପାଇଁ ସମୁଦ୍ର ଆଳତି କରାଯାଉଛି। ଏହି କାର୍ଯ୍ୟକ୍ରମରେ ସାରା ପାରାଦୀପବାସୀ ଏହି ସମୁଦ୍ର ଆଳତି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆଦିତ୍ୟ ବାହିନୀ ତରଫରୁ ନିବେଦନ କରାଯାଇଛି। ପାରାଦୀପ ଦୁର୍ଗାମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଦିତ୍ୟ ବାହିନୀ ପାରାଦୀପ ଶାଖା ସଂଯୋଜକ ଶ୍ରୀକୁମାର ରାଜଗୁରୁ ମହାପାତ୍ର, ସଭାପତି ଆଡ଼ଭୋକେଟ ଦେବବ୍ରତ ସାହୁ, ସମ୍ପାଦକ ସନ୍ତୋଷ କୁମାର ସାମଲ, ଶରତ ଚନ୍ଦ୍ର ସାହୁ, ସଂଜିତ କୁମାର ବିଶ୍ୱାଳ, କୈଳାଶ ଚନ୍ଦ୍ର ସାହୁ, ସ୍ମୃତି ରଞ୍ଜନ ସେନାପତି ମହିଳା ଶାଖା ଆନନ୍ଦ ବାହିନୀ ତରଫରୁ ସଭାପତି ସୁଲୋଚନା ସେନାପତି, ପୁଷ୍ପଲତା ହାଜିରା ପ୍ରମୁଖ ଯୋଗଦେଇ ଅଖଣ୍ଡ ହିନ୍ଦୁରାଷ୍ଟ୍ର ଗଠନ ଏବଂ ଶାନ୍ତି ସ୍ଥାପନା ପାଇଁ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀରେ ସାମିଲ ହେବା ସହିତ କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିଲେ।

## ଦେଶୀ ମଦ ଚାଲାଣ, ୨ ଗିରଫ



ଜୟପୁର, (ଭାସ୍କର ନ୍ୟୁଜ୍): ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢାଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ବାଗ୍ରାଗୁଡାର ମାଧବ ବଡନାୟକ (୩୫) ଓ ଘେନୁ ମୁଦୁଲି (୩୨)। ଅବକାରୀ ବିଭାଗ ସୂଚନା ଅନୁଯାୟୀ ଦେଶୀ ମଦ ଚାଲାଣ କରୁଥିବା ଜୟପୁର ଅବକାରୀ ବିଭାଗ ସୂଚନା ପାଇ ବାଗ୍ରାଗୁଡାର ଗ୍ରାମ ରାସ୍ତାରେ ଚଢାଉ କରିଥିଲା। ଚଢାଉ କରି ମାଧବ ବଡ ନାୟକ ଓ ଘେନୁ ମୁଦୁଲି ଠାରୁ ୩୦ ଦେଶୀ ମଦ ଜବତ କରିଛି। ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି।

## ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ମେଲ୍ ଓ ୟୁଟ୍ୟୁବ୍ ହ୍ୟାକ୍



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ବ୍ଲକ୍ ଅନ୍ତର୍ଗତ କଣମଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଅଜିତ କୁମାର ସେଠୀଙ୍କ ଜି ମେଲ ଆକାଉଣ୍ଟ ସମେତ 'ଅନ୍ୱେଷା ମ୍ୟୁଜିକ' ନାମରେ ୟୁ ଟ୍ୟୁବ ଚ୍ୟାନେଲକୁ କେହି ଦୁର୍ବୃତ୍ତ ହ୍ୟାକ୍ କରି ଦେଇଛି। ଏସମ୍ପର୍କରେ ବ୍ରହ୍ମପୁର ସାଇବର ଥାନାରେ ସେ ଏତଲା ଦେଇଛନ୍ତି। ପିଲାଙ୍କ ଶିକ୍ଷଣ, ସମାଜ ସଂସ୍କାର ଓ ସଚେତନତା ସମ୍ପର୍କିତ ଅନେକ ପ୍ରସଙ୍ଗ ଅନ୍ୱେଷା ମ୍ୟୁଜିକ ଚ୍ୟାନେଲରେ ଅପଲୋଡ଼ ହୋଇଥିଲା ଯାହା ହଜାର ହଜାର ଲୋକ ଓ ଛାତ୍ରଛାତ୍ରୀ ଦେଖୁଥିଲେ। ତା'ସହିତ ଜଣେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଭାବରେତାଙ୍କ ମେଇଲ୍ ଆଇଡି ଓ ଅନ୍ୱେଷା ମ୍ୟୁଜିକ ଚ୍ୟାନେଲ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରୁଥିଲେ। ଦୁର୍ବୃତ୍ତ ଜଣଙ୍କ ଶ୍ରୀ ସେଠୀଙ୍କ ଜି ମେଲ୍‌ରେ ତାର ରିକୋଭେରି ମେଲ୍ ଏବଂ ସେଠୀଙ୍କ ମୋବାଇଲ ନମ୍ବର କାଢି ତାର ମୋବାଇଲ ନମ୍ବର ଦେଇ ଜି ମେଲ୍ ହ୍ୟାକ୍ ସହିତ ଅନ୍ୱେଷା ମ୍ୟୁଜିକ ଚ୍ୟାନେଲକୁ ପ୍ରାଇଭେଟ କରିଦେଇଛନ୍ତି। ବିଭିନ୍ନ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଶିକ୍ଷା ମନ୍ତ୍ରଣାଳୟ, ଦିଲ୍ଲୀ ଓ ଭୁବନେଶ୍ୱର ସହିତ ତାଙ୍କର ମେଲ୍ ଓ ମୋବାଇଲ ନମ୍ବର ସଂଯୋଗ ହୋଇଛି। କାଳେ ହ୍ୟାକର କିଛି ଅସୁବିଧାରେ ପକାଇପାରେ ସେ ଭୟରେ ସେ ଭୟଭୀତ ହୋଇପଡିଛନ୍ତି।

## ଠାକୁରାଣୀ ଯାତ୍ରା ପରିଦର୍ଶନ କଲେ ଗଞ୍ଜାମ ଏସ୍‌ପି

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ଠାକୁରାଣୀ ଯାତ୍ରା ପରିଦର୍ଶନ କରିଛନ୍ତି ଗଞ୍ଜାମ ଏସ୍‌ପି ଜଗମୋହନ ମୀନା। ଠାକୁରାଣୀ ଯାତ୍ରାର ଅସ୍ଥାୟୀ ପୀଠରେ ବିଜେ ମା'ଠାକୁରାଣୀ ଏବଂ ମା' ବାଗଦେବୀଙ୍କୁ ଦର୍ଶନ କରିଥିଲେ। ଏହାସହ ଠାକୁରାଣୀ ଯାତ୍ରା କମିଟି ତଥା ସ୍ଥାନୀୟ ନଗରପାଳଙ୍କ ସହ ଆଲୋଚନା କରିଥିଲେ। ଠାକୁରାଣୀ ଯାତ୍ରା ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଅଧିକ ଗୁରୁତ୍ୱାରୋପ କରିଥିଲେ। ଏହା ସହ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ୧ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯିବା ସହ ଭଜନଗର ଥାନାଧିକାରୀ ଏବଂ ଏସ୍‌ଡିପିଓ ଦାୟିତ୍ୱ ତଦାରଖ କରୁଥିବା ନେଇ ଏସ୍‌ପି ଶ୍ରୀ ମୀନା ସୂଚନା ଦେଇଥିଲେ। ଏସ୍‌ପି ଦର୍ଶନ ସମୟରେ ଥାନାଧିକାରୀ ଧିରେଶ୍ କୁମାର ଦାସ, ନଗରପାଳ ଗୋପବନ୍ଧୁ ମହାପାତ୍ର, ଶୁଶାନ୍ତ କୁମାର ମହାପାତ୍ର, ଜଗଦିଶ ପାଣିଗ୍ରାହୀ, ଶୂଳପାଣି ଶତପଥୀ, ଯାତ୍ରା କମିଟି ସଦସ୍ୟ ଓ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ବହଳଦାରେ ଗୁଳିକାଣ୍ଡ



ରାଇରଙ୍ଗପୁର, (ଭାସ୍କର ନ୍ୟୁଜ୍): ଆକ୍ରମଣ କାରୀ୩ ଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣକୁ ପିଟି ପିଟି ମାରିଦେଲେ ଉତ୍ୟକ୍ତ ଲୋକେ। ଆଜି ରାତ୍ରୀ ୯.୩୦ ପାଖାପାଖି ସମୟରେ କବାଟରେ ଠକ୍ ଠକ୍ ଶବ୍ଦ ଶୁଣି କାର୍ତ୍ତିକ ସ୍ୱାଇଁ (୨୫) କବାଟ ଖୋଲିବାରୁ ତିନିଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ କାର୍ତ୍ତିକ ସ୍ୱାଇଁଙ୍କୁ ଗୁଳି ମାଡ କରିଥିଲା ଶବ୍ଦ ଶୁଣି ଗୌରବ କୁମାର ଦାସ ପାଖକୁ ଆସିବାରୁ ଉଭୟଙ୍କୁ ଗୁଳିମାଡ଼ କରିଥିଲେ। ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ଗୌରବଙ୍କୁ ପଡ଼ୋଶୀ ଝାଡ଼ଖଣ୍ଡର ଟିଏମ୍‌ଏଚ୍ ମେଡିକାଲକୁ ପଠା ଯାଇଥିବାବେଳେ କାର୍ତ୍ତିକଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ଏନେଇ ରାଇରଙ୍ଗପୁରଙ୍କ ଏସ୍‌ଡିପିଓ ଗକୁଳା ନନ୍ଦ ସାହୁଙ୍କ ନେତୃତ୍ୱରେ ରାଇରଙ୍ଗପୁର ଓ ବହଳଦା ପୋଲିସ ଘଟଣାର ଅଧିକ ତଦନ୍ତ କରୁଛନ୍ତି। ଏନେଇ ବହଳଦା ଥାନାରେ ଏକ ମାମଲା ରୁଜୁ ହୋଇଛି।

### ପୁଣି ଜାତୀୟସ୍ତରରେ ପୁରସ୍କୃତ ହେବ ଗଞ୍ଜାମ ଜିଲ୍ଲା

## ଜଳ ଉତ୍ସ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ପ୍ରଥମ ର୍ୟାଙ୍କ ଭାବେ ଶ୍ରେଷ୍ଠ ଜିଲ୍ଲା ଘୋଷିତ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗତ କିଛି ଦିନ ତଳେ ଗଞ୍ଜାମ ଜିଲ୍ଲା ପୁରସ୍କାର ପାଇ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣି ଦେଇଥିବା ସ୍ଥଳେ ପୁଣି ଥରେ ଜାତୀୟସ୍ତରରେ ସମ୍ମାନୀତ ହେବାର ଘୋଷଣା ହୋଇଛି। ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ବିଭାଗ ତରଫରୁ ଗଞ୍ଜାମ ଜିଲ୍ଲାକୁ ଚତୁର୍ଥ ଜାତୀୟ ଜଳ ପୁରସ୍କାର ୨୦୨୨ ପାଇବା ନିମନ୍ତେ ଘୋଷଣା ହୋଇଛି। ଏଥି ସକାଶେ ଭାରତ ସରକାରଙ୍କ ମନ୍ତ୍ରଣାଳୟ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କୁ ଏକ ପତ୍ର ମାଧ୍ୟମରେ ଅଭିନନ୍ଦନ ଜଣାଇ ଏହି ପୁରସ୍କାର ପାଇବା ସମ୍ପର୍କରେ ଅବଗତ କରାଇଛନ୍ତି। ଗଞ୍ଜାମ ଜିଲ୍ଲାକୁ ପ୍ରଥମ ରାଙ୍କ ଶ୍ରେଷ୍ଠ ଜିଲ୍ଲା କ୍ୟାଟେଗୋରୀରେ ଜାତୀୟ ଜଳ ପୁରସ୍କାର-୨୦୨୨ ପାଇବ ବୋଲି ମନ୍ତ୍ରଣାଳୟ ସଚିବ ପଙ୍କଜ କୁମାର ଏକ ପତ୍ର ମାଧ୍ୟମରେ ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ପରିଡାଙ୍କୁ ଅବଗତ କରାଇ ବଧେଇ ଦେଇଛନ୍ତି ଏବଂ ଆଗାମୀ ଦିନରେ ଏହି ପୁରସ୍କାର ପ୍ରଦାନର ତାରିଖ ଜଣାଇ ଦିଆଗଲେ ସେହିଠାରୁ ପୁରସ୍କାର ଗ୍ରହଣ କରିବେ ବୋଲି ଜଣାଇଛନ୍ତି। ଜିଲ୍ଲା ପ୍ରଶାସନର ଅହରହ ଉଦ୍ୟମ ଓ ଜିଲ୍ଲାର ଉନ୍ନତି କଳ୍ପେ କରାଯାଇଥିବା ବିଭିନ୍ନ ପଦକ୍ଷେପ ହିଁ ଏଭଳି ପୁରସ୍କାର ଆଣିପାରୁଛି ବୋଲି ବହୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ବିକ୍ରି ହେଉଛି ବିଷାକ୍ତ କେମିକାଲ ଯୁକ୍ତ ମାଛ



ଯାଜପୁର, (ଭାସ୍କର ନ୍ୟୁଜ୍): ବ୍ୟାସନଗର ସହରରେ ଦିନକୁଦିନ ମାଛ ବ୍ୟବସାୟୀଙ୍କ ଠକାମି ବଢ଼ିବାରେ ଲାଗିଛି। ବର୍ତ୍ତମାନ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବାବେଳେ ବାହାର ରାଜ୍ୟରୁ ଆମଦାନୀ ହେଉଥିବା ମାଛଗୁଡ଼ିକର ଅବସ୍ଥା ଖରାପ ହୋଇଯାଉଥିବା ଦେଖିବାକୁ ମିଳୁଛି। ତେଣୁ ବ୍ୟବସାୟୀମାନେ ଅଧିକ ଦିନ ପର୍ଯ୍ୟନ୍ତ ମାଛଗୁଡ଼ିକୁ ସତେଜ ରଖିବା ପାଇଁ ବିଷାକ୍ତ କେମିକାଲ (ଫର୍ମାଲିନ)ର ବ୍ୟବହାର କରୁଥିବା ଜଣାପଡିଛି। ମାଛରେ ବ୍ୟବହୃତ ଏହି ବିଷାକ୍ତ କେମିକାଲ ମୃତ ବ୍ୟକ୍ତିଙ୍କ ଶବ ସଂରକ୍ଷିତ ପାଇଁ ବ୍ୟବହାର କରାଯାଇଥାଏ। କେତେଜଣ ଅସାଧୁ ବ୍ୟବସାୟୀ ସହରର ଧବଳଗିରି, ନାହକା ବାଇପାସ, ଚୋରଦା ଗ୍ରୀନ ମାର୍କେଟ ଓ ନ୍ୟୁ ମାର୍କେଟରେ କେମିକାଲ ମିଶା ମାଛ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଆଉ କେତେଜଣ ବ୍ୟବସାୟୀ ବରଫ ଦିଆମାଛକୁ ପାଣି ହାଣ୍ଡିରେ ରଖି ଦେଶୀ ମାଛ କହି ଲୋକଙ୍କୁ ଠକୁଛନ୍ତି। ପଚା ମାଛକୁ ମଧ୍ୟ ସତେଜ ମାଛ କହି ବିକୁଛନ୍ତି। ଫଳରେ ଠକାମିର ଶିକାର ହେଉଛନ୍ତି ସାଧାରଣ ଜନତା। ଏଭଳି ବ୍ୟବସାୟୀଙ୍କ ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଧବଳଗିରି ଛକରେ ବସୁଥିବା ୬ରୁ ୭ ବ୍ୟବସାୟୀଙ୍କ ମଧ୍ୟରୁ କେତେଜଣ ଏଭଳି କାରନାମା କରୁଛନ୍ତି। ରାସ୍ତାର ଗୋଟିଏ ପାର୍ଶ୍ୱରେ ମା'କାଳୀଙ୍କ ମନ୍ଦିର ଆଉ ଗୋଟିଏ ପାଖରେ ମା'ତାରିଣୀଙ୍କ ପୀଠ। ଏହି ମନ୍ଦିର ପାଖାପାଖି ମାଛ ବଜାରକୁ ଆଖ ପାଖ ଲୋକଙ୍କ ସହ ଅନେକ ଭକ୍ତ ବିରୋଧ କରୁଛନ୍ତି। ପାଖ ଦୋକାନୀ ମଧ୍ୟ ମାଛ ବଜାରକୁ ଅନ୍ୟତ୍ର ଉଠାଇବାକୁ ଦାବି କରୁଛନ୍ତି। ହେଲେ ପୌର କର୍ତ୍ତୃପକ୍ଷ ନାମକୁ ମାତ୍ର ମାହାସୁଲ ଆଦାୟ କରି ଚୁପ୍ ରହୁଛନ୍ତି। ପୌରପରିଷଦ ପକ୍ଷରୁ ମାଛ ବ୍ୟବସାୟୀଙ୍କ ଉପରେ କୌଣସି ଲଗାମ ନାହିଁ। ଆମିଷ ଦ୍ରବ୍ୟଗୁଡ଼ିକ ପାଇଁ ପୌର ପରିଷଦ ପକ୍ଷରୁ କୌଣସି ଦର ନିର୍ଦ୍ଧାରଣ ବା ତାଲିକା ନ ଥିବାରୁ ବ୍ୟବସାୟୀ ଆବଶ୍ୟକତାଠାରୁ ଅଧିକ ଦରରେ ମାଛ ବିକ୍ରି କରୁଛନ୍ତି। ତେଣୁ ଏସବୁ ପ୍ରତି ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ପୌର କର୍ତ୍ତୃପକ୍ଷ ଅନୁଧ୍ୟାନ କରି ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

### ରେଡିଓ ଷ୍ଟେସନ୍-ଲୋଚାପଡା ତଥା ନିମଖଣ୍ଡି-ରନ୍‌ପୁର ରାସ୍ତା ଓ ଡ୍ରେନ୍ କାମ ସରିବ କେବେ ?

# ବର୍ଷା ଦିନ ପୂର୍ବରୁ କାମ ସାରିବାକୁ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଦୀର୍ଘ ଚାରି ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ତିଆରି ଚାଲିଥିବା ରେଡିଓ ଷ୍ଟେସନଠାରୁ ଲୋଚାପଡ଼ା ରାସ୍ତା ଓ ଡ୍ରେନ୍ କାମ ସମ୍ପୂର୍ଣ୍ଣ ହେବାର ଆଜି ପର୍ଯ୍ୟନ୍ତ ନାମ ନେଉନଥିବା, ସେହିଭଳି ନିମଖଣ୍ଡିଠାରୁ ରନ୍‌ପୁର ରାସ୍ତା ନିର୍ମାଣ କାମ ଯେଉଁଭଳି ଢଙ୍ଗରେ ମନ୍ଥର ଗତିରେ ତିଆରି ଚାଲିଛି ତାହା ବର୍ଷା ଦିନ ଆସୁଥିବାରୁ ସରିବ ନାହିଁ। ତେଣୁ ତାହାକୁ ତୁରନ୍ତ ଯୁଦ୍ଧକାଳିନ ଭିତ୍ତିରେ କାମ କରି ବର୍ଷା ସିଜନ ଆସିବା ପୂର୍ବରୁ ସାରିବା ତଥା ଅନ୍ୟାନ୍ୟ ଦାବି ନେଇ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଆଜି ପୂର୍ତ୍ତ ବିଭାଗ ଡିଭିଜନ-୨ର ଅଧିକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ରରେ ଦୃଷ୍ଟି ଆକର୍ଷଣ କରି କୁହାଯାଇଛି ରେଡିଓ ଷ୍ଟେସନ ଠାରୁ ବ୍ରଜନଗର ସ୍ଥିତ ଧୋବା ନାଳ ପର୍ଯ୍ୟନ୍ତ ତିଆରି ହୋଇଥିବା ଡ୍ରେନ୍‌ର ଡିଜାଇନରେ ତ୍ରୁଟି ରହିଥିବା କାରଣରୁ କିଛିଦିନ ତଳେ ବ୍ରଜନଗର ସ୍ଥିତ ରାଧା କୃଷ୍ଣ ମନ୍ଦିରରେ ପାଣି ପଶିବା ସହ ବହୁ ଦିନ ଧରି ଲୋଚାପଡା ରାସ୍ତାରେ ପାଣି ଲହଡ଼ି ମାରୁଥିଲା କ୍ରିୟାନୁଷ୍ଠାନ କମିଟିର ହସ୍ତକ୍ଷେପ ଫଳରେ ପରିସ୍ଥିତିରେ ସୁଧାର ଆସିଥିଲେ ମଧ୍ୟ ସେ ତ୍ରୁଟି ସ୍ଥାୟୀ ଭାବରେ ଆଜି ପର୍ଯ୍ୟନ୍ତ ସଜଡ଼ା ଯାଇପାରିଲା ନାହିଁ। ବର୍ତ୍ତମାନ ସେହି ଭୁଲର ପୁନରାବୃତ୍ତି କରାଯାଇ ଲୋଚାପଡା ମୁଖ୍ୟ ରାସ୍ତାରେ ଥିବା ହନୁମାନ ମନ୍ଦିର ନିକଟରେ ପୁଣି ଥରେ ତ୍ରୁଟି ପୂର୍ଣ୍ଣ ଭାବରେ ମନଇଚ୍ଛା ଡ୍ରେନ୍ ନିର୍ମାଣ କରାଯାଇଛି ଯାହା ଫଳରେ ଭବିଷ୍ୟତରେ ସେଠାକାର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବେ ନାଳ ପାଣି ଠିକରେ ନିଷ୍କାସନ ନହୋଇ ରାସ୍ତା ଘାଟ ସହ ସ୍ଥାନୀୟ ବାସିନ୍ଦାଙ୍କ ଘରେ ପ୍ରବେଶ କରିବ। ସେହିଭଳି ଧୋବାନାଳ ବ୍ରିଜ ସମ୍ପ୍ରସାରଣ କରିବା ନିମନ୍ତେ ସେଠାରେ ଖୋଳି ରାସ୍ତା ବେଢେଇ ଛୋଟ କରିଦେଇଥିବା ଯୋଗୁଁ ଯାତାୟତରେ ଅସୁବିଧା ସହ ଦୁର୍ଘଟଣା ଘଟୁଥିବାରୁ ତାହାକୁ ତୁରନ୍ତ ନିର୍ମାଣ କରିବାକୁ ଦାବି ରଖାଯାଇଛି। ତତ୍‌ସହିତ ମୂଳ ଡିପିଆର୍ ଆଧାରରେ ମୁଖ୍ୟ ଡ୍ରେନ୍ କଡ଼ରେ ପାଦ ଚଲା ପାଇଁ ଫର୍ଭର ବ୍ଲକ୍ ପକେଇବା କାମ ତୁରନ୍ତ ଶେଷ କରିବାକୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ସମସ୍ତ ନିର୍ମାଣ କାମ ଠିକାଦାର ଓ ବିଭାଗର ମଧୁଚନ୍ଦ୍ରିକାରେ ନିୟମ ବହିର୍ଭୂତ ଭାବରେ ମନ ମାନି ଢଙ୍ଗରେ ଚାଲିଛି। ଏତଦବ୍ୟତୀତ ନିମଖଣ୍ଡି ଠାରୁ ରନ୍‌ପୁର ପର୍ଯ୍ୟନ୍ତ ନିର୍ମାଣାଧିନ ରାସ୍ତା କାମ ଯୁଦ୍ଧ କାଳିନ ଭିତ୍ତିରେ କରି ବର୍ଷା ଦିନ ପୂର୍ବରୁ ସାରିବାକୁ ଅନୁରୋଧ କରାଯାଇଛି। କାରଣ ସେହି ରାସ୍ତା ଦେଇ ପ୍ରତିଦିନ ବିଭିନ୍ନ ଗ୍ରାମର ହଜାରହଜାର ଲୋକ ସହର ମଧ୍ୟରେ ପ୍ରବେଶ କରନ୍ତି। ଏହି ଦାବି ଉପରେ ବିଚାର କରି ପଦକ୍ଷେପ ନେବେ ବୋଲି ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଥିଲେ। ଯଦି ଏହି ଦାବି ଉପରେ ପନ୍ଦର ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନିଆ ନଯାଏ ତାହାହେଲେ କମିଟି ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ହାତକୁ ନେବ ବୋଲି କମିଟି ତରଫରୁ ପ୍ରେସ ବିବୃତି ମାଧ୍ୟମରେ ପ୍ରକାଶ କରାଯାଇଛି। ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ସଭାପତିଙ୍କ ବ୍ୟତୀତ ସାଧାରଣ ସମ୍ପାଦକ ଶିବ ପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ଟି.ସୁଦେଶ କୁମାର ପାତ୍ର, ସହ ସମ୍ପାଦକ ବି ଭି ସାଗର, ସାଂଗଠନିକ ସମ୍ପାଦକ ଶ୍ରୀକାନ୍ତ ପର୍ଢ଼ିହାରୀ, ଉପଦେଷ୍ଟା ତାରେକେଶ୍ୱର ଦୋରା, ରାଜେନ୍ଦ୍ର କୁମାର ଜେନା, ଅଜିତ ପଟ୍ଟନାୟକ ଦେବୀ ପ୍ରସାଦ ଦାସ, ଗୋପାଳ ଶତପଥୀ, ଅନିଲ ଅଧିକାରୀ ଓ କାହ୍ନୁ ଚରଣ ପତି ପ୍ରମୁଖ ଉପସ୍ଥିତ ଥିଲେ।



ତେନ୍ତୁଳି ଖୁଣ୍ଟି (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ୍ ରେ ବିଭିନ୍ନ ପଞ୍ଚାୟତର ଗ୍ରାମ ଗ୍ରାମ ବୁଲି ମହିଳା ଓ ଶିଶୁ ବିକାଶ ତରଫରୁ ସଚେତନ କାର୍ଯ୍ୟ କ୍ରମ କରାଯାଉଛି । ଆଞ୍ଚଳିକ ଭାଷାରେ ଲୋକମାନଙ୍କୁ ଗୀତ ନାଚ ମାଧ୍ୟମରେ ସଚେତନ କରାଯାଉଥିବା ଦେଖିବା ମିଳିଛି । ଜନ୍ମିତ ଶିଶୁର ବିକାଶ , ମା'ର ଯତ୍ନ, ରକ୍ତ ହୀନତାରୁ କିପରି ବଞ୍ଚିବା, ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସବ କରାଇବା, ମଦ ପିଇବାରୁ ନିବୃତ୍ତ ରହିବ ଯେ, କୌଣସି ସ୍ୱାସ୍ଥ୍ୟ ଗତ ସମସ୍ୟା ହେଲେ ଆଶା, ଅଙ୍ଗନ୍ ୱାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମୀଙ୍କୁ ଯୋଗାଯୋଗ କରି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା, ବାଲ୍ୟ ବିବାହ ରୋକିବା ନେଇ ଲୋକମାନଙ୍କୁ ନାଚ ଗୀତ ମାଧ୍ୟମରେ ସଚେତନ କରାଯାଉଛି । ତେନ୍ତୁଳି ଖୁଣ୍ଟି ବ୍ଲକ୍ ର ୩୦ ଗୋଟି ଗ୍ରାମରେ ୧୩ ତାରିଖରୁ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ କରାଯିବା ସୂଚନା ମିଳିଛି । ପ୍ରତ୍ୟେକ ଗାଁରେ ଆଶା ଅଙ୍ଗନୱାଡ଼ି କର୍ମୀଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମ କରାଯାଉଛି । ଏହି 'ପଥ ପ୍ରାନ୍ତ' ନାଟକ ଦେଖିବାକୁ ଗ୍ରାମମାନଙ୍କରେ ଲୋକଙ୍କ ଭିଡ ଦେଖିବାକୁ ମିଳିଛି ।

# ଯାଦବ ସାଂସ୍କୃତିକ ସମାଜ ରାଜବୋଡାମ୍ବର ପଦ୍ମପୁର ବ୍ଲକ ମହାସଭା



ବରଗଡ଼, (ଭାସ୍କର ନ୍ୟୁଜ): ଶୁକ୍ରବାର ପଦ୍ମପୁର ଉପଖଣ୍ଡ ବ୍ଲକ ସଭାପତି କେଶବ ଚନ୍ଦ୍ର ଜାଲଙ୍କ ନେତୃତ୍ୱରେ ଯାଦବ ସମାଜର ହଜାର ହଜାର ଲୋକଙ୍କ ଭବ୍ୟ ସମାବେଶ ହୋଇଯାଇଛି । ପଥୁରୀ ଗୌନ୍ତିଆ ଘରଠାରୁ ସୋଭାଯାତ୍ରା ଗ୍ରାମ ପରିକ୍ରମା କରି ଡଙ୍ଗାଘାଟ ପଞ୍ଚାୟତର ପଥୁରୀ, ପୁଢେରଖାର, ସାଲେବାହାଲି ମଧ୍ୟ ସୀମାନ୍ତରେ ଯାଦବ କଲ୍ୟାଣ ମଣ୍ଡପ ଏବଂ ମା'ସମଲେଶ୍ୱରୀଙ୍କ ମନ୍ଦିର ପାଇଁ ଉତ୍କଳ ଯାଦବ ମହାସଭା ରାଜ୍ୟ ଉପ ସଭାପତି ଓ ମୁଖ୍ୟ ଅତିଥି ଧନସିଂହ ଭୋଇଙ୍କ କରକମଳରେ ନଡିଆଭାଙ୍ଗି ଭୂମିପୂଜନ ହୋଇଯାଇଛି ଓ ବାହାଦୁର ହାତୀ ତାଙ୍କ ସହଧର୍ମିଣୀ କର୍ତ୍ତା ହୋଇଥିଲେ । ସଭାର ମଞ୍ଚ ପରିଚାଳିତ କରିଥିଲେ ଉପ ସଭାପତି ଶ୍ରୀ ନିବାସନ ବାଗ ଓ ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଓମ ପ୍ରକାଶ ଭୋଇ, ମଖ୍ୟ ବକ୍ତା ନାରାୟଣ ଭୋଇ ଥିଲେ ସଭାରେ ୨୨ଜଣ ପୂର୍ବତନ କର୍ମକର୍ତ୍ତାମାନଙ୍କୁ ଯାଦବ କୂଳ ଗୌରବ ଚିରସମର୍ପିତ ବ୍ୟକ୍ତିତ୍ୱ ସମ୍ମାନ, ଯାଦବ କୂଳ ଗୌରବ ଶିରୋମଣୀ ବ୍ୟକ୍ତିତ୍ୱ ସମ୍ମାନ, ଯାଦବ କୂଳ ଗୌରବ ବ୍ୟକ୍ତିତ୍ୱ ସମ୍ମାନ ଏବଂ ୩ଜଣଙ୍କୁ ଯାଦବ କୂଳଗୌରବ ବ୍ୟକ୍ତିତ୍ୱ ଜ୍ୟୋତି ସମ୍ମାନ ଦିଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସଂକୀର୍ତ୍ତନ, କରମସାନୀ, ବାଡିଖେଳ, କଂସ ଦରବାର କେବଳ ଯାଦବ କଳାକାରମାନେ ଦେଖାଇ ଥିଲେ । ଯାଦବ କୂଳ ଗୌରବ ବ୍ୟକ୍ତିତ୍ୱ ସମ୍ମାନ ଗାୟକ, ବୟକ, ବାଡିଖେଳ ରଙ୍ଗ ତୂଳୀ କଳାକାର ଏବଂ କ୍ରୀଡ଼ା, ମେଧାବୀ ଛାତ୍ରୀ ୪୮ ଜଣଙ୍କୁ ମାନପତ୍ର ଦିଆଗଲା, ସମ୍ମାନୀତ ଅତିଥି ଜିଲ୍ଲା ସଭାପତି ରାଜୁ ଘିବେଲା ରାମନାରାୟଣ ଭୋଇ ଅମୃତଲାଲ ବନଛୋର ନିଳାମ୍ବର ମଲ୍ଲିକ ପନଫୁଲ ଭୋଇ ଘନଶ୍ୟାମ ପୁଞ୍ଜି, ଗଣପତି ବଗର୍ତ୍ତି ମହନ ବନଛୋର, ଖାଡିଆ ବଗର୍ତ୍ତି ସୁବାଷ ହଂସ, ପ୍ରଦିପ ଥପା, ଚନ୍ଦ୍ରମଣି ଷାଣ୍ଡ, ଫଗୁନୁ ଚରଣ ବାଗ୍, କୁଞ୍ଜବିହାରି ଅଦାବର ସଭାର କାର୍ଯ୍ୟକ୍ରମ ସହଯୋଗ କରିଛନ୍ତି । ବ୍ଲକ କମିଟୀର କର୍ମକର୍ତ୍ତା ଯୁଧିଷ୍ଠିର ସଗରିଆ, ବିରଞ୍ଚି ଭୋଇ, ନିଳାଦ୍ରି ମହାକୁର, ଯୁବରାଜ ହଂସ ସୁବାଷ ବାଗ, ଡୁଗୁରୁ ଭୋଇ, ହେମନ୍ତ ପୁଞ୍ଜି, ପୂର୍ଣ୍ଣଚନ୍ଦ୍ର ମହାକୁର, ନିଳାମ୍ବର ବାଗ, ନିଳାକାର ଜାଲ, ରାଜୁ ପାଣ୍ଡେ, ଉମାକାନ୍ତ ହାତୀ, ପରମେଶ୍ୱର ହାତୀ, କୁନୁ ବାଗ, ଜୟକୃଷ୍ଣ ଖୁଟୁଲା, ଡଙ୍ଗାଘାଟ ପଞ୍ଚାୟତ କମିଟୀର ତୁଳାରାମ କୁଦେଇ, ବାହାଦୁଲ ହାତୀ ଶୈଳକୁ ଦେଇ କରଟୀ ବଛା, ରାଜୁ ବାଗଏବଂ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ଶେଷହେବା ପୂର୍ବରୁ ଧନ୍ୟବାଦ ଦେଇଥିଲେ ମନୋଜ ଭୋଇ ।

## ଗଣମାଧ୍ୟମ ପ୍ରତିନିଧିଙ୍କ ନାଁରେ ମାମଲାର ପ୍ରତିବାଦ

# ଡିଆଇଜିଙ୍କୁ ଓୟୁଜେର ସ୍ମାରକପତ୍ର




କୋରାପୁଟ, (ଭାସ୍କର ନ୍ୟୁଜ): ଗଣମାଧ୍ୟମ ପ୍ରତିନିଧିରିତ ପାଢୀଙ୍କ ନାଁରେ ଆକ୍ରୋଶମୂଳକ ଯୋଜନାବଦ୍ଧ ଭାବେ ଗୁଣୁପୁର ପୋଲିସ ରୁଜୁ କରିଥିବା ମିଥ୍ୟା ମାମଲା ପ୍ରତ୍ୟାହାର ଦାବି କରିଛି ଓଡିଶା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ (ଓୟୁଜେ) କୋରାପୁଟ ଶାଖା । କୋରାପୁଟ, ରାୟଗଡା, ନବରଙ୍ଗପୁର ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରି ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ଦାବି କରିଛନ୍ତି। ଡିଆଇଜିଙ୍କୁ ସ୍ମାରକପତ୍ର ପ୍ରଦାନ ପୂର୍ବରୁ ଅବିଭକ୍ତ କୋରାପୁଟ ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧି ଏକତ୍ରିତ ହୋଇ କୋରାପୁଟ ଜିଲ୍ଲା ସମ୍ବାଦିକ ସଂଘ ସଭାପତି ଦିଲ୍ଲୀପ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗୁଣପୁର ପୋଲିସ ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା । ପରେ ପ୍ଲାକାର୍ଡ ଓ ବ୍ୟାନର ଧରି ନାରାବାଜି ସହ ଶୋଭାଯାତ୍ରାରେ ଡିଆଇଜି କାର୍ଯ୍ୟାଳୟରେ ପହଞ୍ଚିଥିଲେ ଗଣମାଧ୍ୟମ ପ୍ରତିନିଧି । ଡିଆଇଜି ପଣ୍ଡିତଙ୍କୁ ସାକ୍ଷାତ କରି ସାମ୍ବାଦିକଙ୍କ ଉପରେ ପୋଲିସର ଆକ୍ରୋଶ ମୂଳକ କାର୍ଯ୍ୟାନୁଷ୍ଠାନ ବନ୍ଦ, ମିଥ୍ୟା ମାମଲା କରିଥିବା ପୋଲିସ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମିଥ୍ୟା ମାମଲା ୭ଦିନ ଭିତରେ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ । ନଚେତ ସାରା ରାଜ୍ୟରେ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଓୟୁଜେ ପକ୍ଷରୁ ଅବଗତ କରାଯାଇଛି । ତୁରନ୍ତ ଏସମ୍ପର୍କରେ ଗୁଣପୁର ପୋଲିସ ନିକଟରୁ ରିପୋର୍ଟ ମାଗିବା ପରେ ପଦକ୍ଷେପ ନେବାକୁ ଡିଆଇଜି ଶ୍ରୀ ପଣ୍ଡିତ ପ୍ରତିଶ୍ରୁତି ଦେଇଥିଲେ । ସ୍ମାରପତ୍ର ପ୍ରଦାନ ସମୟରେ ଓୟୁଜେ ରାଜ୍ୟ ଉପସଭାପତି ରାଜେଶ ପଟ୍ଟନାୟକ, ରାଜ୍ୟ ସଂଗଠନ ସମ୍ପାଦକ ମନୋଜ ପଟ୍ଟନାୟକ, ଜିଲ୍ଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ, ସଂଗଠନ ସମ୍ପାଦକ ପରମେଶ୍ୱର ସାହୁ, ଉପଦେଷ୍ଟା ପରୀକ୍ଷିତ ବିଶ୍ୱାଳ, ଅମିତାଭ ବେହେରା, ରାୟଗଡା ଜିଲ୍ଲା ସଭାପତି ରାଧାକୃଷ୍ଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିକ୍ଷକ ସଂଘର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ



ରାଇଘର, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ପଦୋନ୍ନତି ନେଇ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ଲକ ଶିକ୍ଷା ଅଧିକାରୀ ଶିବଶଙ୍କର ମଣ୍ଡଳଙ୍କୁ ସୋମବାର ପ୍ରଦାନ କରାଯାଇଛି । ଏଥିରେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଚିଠି ନଂ ୧୦୬୮୬ ତା ୬.୫.୨୩ ରେ ପଦୋନ୍ନତି ସମ୍ବନ୍ଧୀୟ ଯେଉଁ କ୍ଲାରିଫିକେସନ ଦିଆଯାଇଛି ସେଥିରେ ଥିବା ୩ ନଂ ପଏଣ୍ଟରେ ଯାହା ଉଲ୍ଲେଖ କରାଯାଇଛି । ତାହା ୨୦୧୯ କ୍ୟାଡର ରୁଲ କ୍ଲଜ ୮ (ବି)(୨)ର ପରିପନ୍ଥୀ ଅଟେ । ପ୍ରକାଶ ଥାଉକି ୨୦୧୯ କ୍ୟାଡର ରୁଲ ପ୍ରକାରେ ଗତ ୨୪.୯.୨୦୨୦ ଓ ୨୬.୧୧.୨୦୨୧ ମସିହା ମାସରେ ଲେଭେଲ –ଭି (ବି) ଓ ଲେଭେଲ ଆଇଭି (ସବଜେଟ ଟିଚର) ଓଟିଇଟି ବିନା ସେମାନଙ୍କୁ ପଦୋନ୍ନତି ଦିଆଯାଇଥିଲା । ଫଳରେ ବର୍ତ୍ତମାନ ସେମାନଙ୍କର ସ୍ଥିତି କଣ ହେବ । ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ଜିଲାରେ ବିଭିନ୍ନ ପ୍ରକାର ଚିଠି ବରିଷ୍ଠତାକୁ ନେଇ ଜିଲା ଶିକ୍ଷା କାର୍ଯ୍ୟାଳୟରେ ପ୍ରକାଶ ପାଇଅଛି, ଯାହାକି ପଦୋନ୍ନତି କାର୍ଯ୍ୟରେ ବାଧା ସୃଷ୍ଟି କରୁଅଛି । ସ୍ୱଳ୍ପ ସମୟ ଲାଗି ମିଳିଥିବା ରେସିଡେନ୍ସି ପିରିଅଡ କୋହଳରେ ଅବଧି ମଧ୍ୟ ସଠିକ ଭାବରେ ବିନିଯୋଗ ହୋଇପାରିବ ନାହିଁ ବୋଲି ସଂଗଠନ ଅନୁଭବ କରୁଛି । ଏଣୁ ଉକ୍ତ ଚିଠିରେ ପରିବର୍ତ୍ତନ କରାଯାଇ କ୍ୟାଡର ରୁଲ ଅନୁଯାଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଦୟାନିଧି ବଞ୍ଜାରା, ଉପସଭାପତି ଗୀତାଞ୍ଜଳି ନିହାଲ ଓ ସୂର୍ଯ୍ୟନାରାୟଣ ମାଝି, ସମ୍ପାଦକ ଦିବାକର ବାରିକ, ସହ ସମ୍ପାଦକ ଦଶରୁ ଭତ୍ରା, ସଂଗଠକ ସମ୍ପାଦକ ଘାସି ମାଝି, କୋଷାଧକ୍ଷ ନୀଳକଣ୍ଠ ମାଝି, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମାଝି ଓ ପଦ୍ମନାଭ ପୂଜାରୀ, ଧନସିଂ ତନ୍ତୀ, ଧଳେନ୍ଦ୍ର ଦ୍ୱାରୀ, ସୌଭାଗ୍ୟ ବିଶ୍ୱାଳ ଓ ବହୁ ଶିକ୍ଷକ ମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ଦୌରାଜଜଙ୍କ କୋର୍ଟ ପରିସରରେ ଗଜପତିଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବର୍ଷର ୨ୟ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମ ଜାତୀୟ ଆଇନସେବା ପ୍ରାଧିକରଣ ଓ ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ଦୌରାଜଜ ପ୍ରଣବ କୁମାର ରାଉତରାୟ ଉପସ୍ଥିତ ରହି ବିଭିନ୍ନ କୋର୍ଟ କାର୍ଯ୍ୟ ତଦାରଖ କରିବା ସହ ନିଜ କୋର୍ଟ କାର୍ଯ୍ୟ ପରିଚାଳନା କରିଥିଲେ । ଆୟୋଜିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ବିଚାରଧୀନ ଥିବା ଓ ପ୍ରାକ୍ ମକଦ୍ଦମା ମାମଲାର ତ୍ୱରିତ ବିଚାର ପାଇଁ ପଦକ୍ଷେପ ସ୍ୱରୂପ ବିଭିନ୍ନ କୋର୍ଟ ବ୍ୟାଙ୍କ୍‌ମାନ ପ୍ରତିଷ୍ଠା କରାଯାଇଥିଲା । ଏହି ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମରେ ପ୍ରାୟତଃ ସମସ୍ତ ପ୍ରକାରର ମକଦ୍ଦମା ଯଥା: ବ୍ୟାଙ୍କ୍ ସମ୍ବନ୍ଧୀୟ , ଦେୱାନୀ , ଫୌଜଦାରୀ , ପ୍ରାକ୍ ମକଦ୍ଦମା ସମାଧାନ ଯୋଗ୍ୟ କେଶ ଗୁଡ଼ିକର ସମାଧାନ କରା ଯାଇଥିଲା ଏହି ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମରେ ପରିବାର ଅଦାଲତ ଜଜ ସୁବ୍ରତ ମହାନ୍ତି , ଅତିରିକ୍ତ ଜିଲ୍ଲା ଦୌରାଜଜ ପ୍ରଦୀପ କୁମାରସାମଲ ଉପଖଣ୍ଡିୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତୀ ବର୍ଷା ଶର୍ମା , ଆଇନସେବା ପ୍ରାଧିକରଣ ସଚିବ ରବି ନାରାୟଣ ବେହେରା , ବରିଷ୍ଠ ଦେୱାନୀବିଚାରପତି ସନ୍ତୋଷ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ ।

# ବାପାର ଟାଙ୍ଗିଆ ଚୋଟରେ ପୁଅ ମୃତ

କୋରାପୁଟ, (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଦାମନଯୋଡି ଥାନା ଅନ୍ତର୍ଗତ ଆମ୍ବଗାଁରେ ବାପାର ଟାଙ୍ଗିଆ ଚୋଟରେ ପୁଅ ମତ୍ୟୁ ଘଟିଛି । ଦାମନଯୋଡି ପୋଲିସ ଶବ ଜବତ କରି ତଦନ୍ତ ଜାରି ରଖିଛି । ସୂଚନା ଅନୁଯାଇ, ଆମ୍ବଗାଁ ଗ୍ରାମର ସମରା ବୁଡିଆଙ୍କ ପୁଅ ସୁରେନ୍ଦ୍ର (୧୮) ମଧ୍ୟାହ୍ନରେ ଖାଇ ସାରିବା ପରେ ନିଜ ଘରେ ଶୋଇ ପଡିଥିଲେ । ଏହି ସମୟରେ ସମରା ଏକ ଟାଙ୍ଗିଆରେ ସୁରେନ୍ଦ୍ରଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଯାଇଥିଲା । ଖବରପାଇ ଦାମନଯୋଡି ଥାନା ଏସଆଇ ଦୀପକ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି । ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରିବା ସହିତ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ତେବେ ସମରା କାହିଁକି ନିଜ ପୁଅଙ୍କୁ ହତ୍ୟା କଲା ତାହା ଅସ୍ପଷ୍ଟ ଥିବା ବେଳେ ମାତ୍ରାଧିକ ମଦ୍ୟାପନ କିମ୍ବା ପାରିବାରିକ କଳହ ପାଇଁ ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି । ଏନେଇ ଦାମନଯୋଡି ଥାନାରେ କେଶ ନଂ ୪୫/୨୩ ଅନୁଯାଇ ଏକ ମାମଲା ରୁଜୁ କରାଯାଇଛି ।

# କାର୍ଯ୍ୟ ନିର୍ବାହୀ ଅଧିକାରୀ ଅର୍ଥ ହେରଫେର ଅଭିଯୋଗରେ କୋର୍ଟ ଚାଲାଣ



ଲହୁଣୀପଡା,(ଭାସ୍କର ନ୍ୟୁଜ): ପଞ୍ଚାୟତର ଅର୍ଥ ଆତ୍ମସାତ କରି ଜୈନିକ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା । ଏ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟି ଥିବା ଜଣାପଡିଛି । ସୂଚନାରୁ ପ୍ରକାଶ ଯେ, କେ ବଲାଙ୍ଗ ଥାନା ଅନ୍ତର୍ଗତ କେ ବଲାଙ୍ଗ ଗ୍ରାମ ପଞ୍ଚାୟତ ଠାରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ରଞ୍ଜନ କୁମାର ପାତ୍ର (୪୫) ଦାୟିତ୍ୱ ତୁଲାଇ ଆସୁଛନ୍ତି । କିନ୍ତୁ ଗତ ଡିସେମ୍ବର ମାସରେ ପଞ୍ଚାୟତର କୌଣସି କାର୍ଯ୍ୟକ୍ରମ ପାଇଁ ପଞ୍ଚାୟତ ଚେକରେ ୨୦ ହଜାର ଟଙ୍କା ଉଠାଇବା ନିମନ୍ତେ ସରପଞ୍ଚ ସୁପ୍ରିୟା ମୁଣ୍ଡାଙ୍କ ଠାରୁ ଦସ୍ତଖତ କରାଇବା ସମୟରେ ସରପଞ୍ଚ ଶ୍ରୀମତୀ ମୁଣ୍ଡା କହିଥିଲେ ଯେ, ଚେକରେ କେବଳ ୨୦ ହଜାର ଟଙ୍କା ବୋଲି ସଂଖ୍ୟାରେ ଲେଖିଛନ୍ତି । ଅକ୍ଷରରେ ଲେଖି ନାହାନ୍ତି କାହିଁକି ବୋଲି ପ୍ରଶ୍ନ କରିବାରୁ ପିଇଓ କହିଥିଲେ ବ୍ୟସ୍ତତାରେ ଲେଖିପାରି ନାହିଁ । ଅକ୍ଷରରେ ପରେ ଲେଖିଦେବି । କିନ୍ତୁ ଅକ୍ଷରରେ ଲେଖିବା ବଦଳରେ ୨୦ ହଜାର ଟଙ୍କାର ଚେକରେ ଅଧିକ ଶୁନ ଲେଖି ଦୁଇ ଲକ୍ଷ ଟଙ୍କା ଉଠାଇ ଅର୍ଥ ଆତ୍ମସାତ କରିଛନ୍ତି । ପିଇଓ ରଞ୍ଜନ କୁମାର ପାତ୍ର ଚଞ୍ଚକତା କରି ୨୦ ହଜାର ଟଙ୍କା ବଦଳରେ ୨ ଲକ୍ଷ୍ୟ ଟଙ୍କା ଆତ୍ମସାତ କରିଥିବା ଜାଣିବା ପରେ ସରପଞ୍ଚ ସେ ସମ୍ପର୍କରେ କେ ବଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ସହିତ କୋଇଡା ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଫଳରେ କେ ବଲାଙ୍ଗ ଥାନାରେ ସମସ୍ତଙ୍କ ଉପସ୍ଥିତିରେ ଉକ୍ତ ଏକଲକ୍ଷ ୮୦ ହଜାର ଟଙ୍କାକୁ ଭରଣ ଦେବାପାଇଁ ସ୍ୱୀକାର କରିଥିଲେ । କେ ବଲାଙ୍ଗ ପିଇଓ ରଞ୍ଜନ କୁମାର ପାତ୍ର ଙ୍କର ଅର୍ଥ ଆତ୍ମସାତ କରିବା ଘଟଣା ପ୍ରଚାରିତ ହେବା ପରେ ଗତ ଡିସେମ୍ବର ମାସ ୧୫ ତାରିଖ ଦିନ କେ ବଲାଙ୍ଗ ପଞ୍ଚାୟତବାସୀଙ୍କ ତରଫରୁ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଏବଂଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ । କିନ୍ତୁ ଏହି ସବୁ କାର୍ଯ୍ୟ କଳାପ ପରେ ପିଇଓ ରଞ୍ଜନ କୁମାର ପାତ୍ର ପଞ୍ଚାୟତର ବିଭିନ୍ନ ପ୍ରକାର ପାସବୁକ ଆବଶ୍ୟକ ଫାଇଲ ପତ୍ର ସରପଞ୍ଚଙ୍କୁ ନ ଦେଇ ନିଜ ଅକ୍ତିଆରରେ ରଖି ମାନମୁଖୀ କାର୍ଯ୍ୟ କଳାପ ଚଳାଇଥିଲେ । ଯାହାଦ୍ୱାରା କି ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ପ୍ରତିବନ୍ଧକ ଦେଖା ଦେଇଥିଲା । ଏବଂ କେ ବଲାଙ୍ଗ ପୋଲିସ ତଦନ୍ତ ଜାରି ରଖିଥିଲେ ମଧ୍ୟ ବେନିୟମ ଭାବେ ପଞ୍ଚାୟତର ଅର୍ଥ ଆତ୍ମସାତ କରିଥିବା ଅଭିଯୋଗରେ ଆଜି ପିଇଓ ରଞ୍ଜନ କୁମାର ପାତ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

# ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

କୋରାପୁଟ,(ଭାସ୍କର ନ୍ୟୁଜ): ନନ୍ଦପୁର ବ୍ଲକ ଥିବା ପଞ୍ଚାୟତ ଅନ୍ତର୍ଗତ ପାତ୍ରପଣ୍ଡି ଗ୍ରାମ ନିକଟ ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତଦେହ ରେଳବାଇ ପୋଲିସ ଉଦ୍ଧାର କରିଛି । ମୃତକ ହେଲେ ମାଳି ବେଲଗାଁ ପଞ୍ଚାୟତ ଅନ୍ତର୍ଗତ ଗୌଡପୁଟ ଗ୍ରାମର ଡମ୍ବୁ ଗୁଣ୍ଡାଙ୍କ ପୁଅ ଅର୍ଚ୍ଚିତ ଗୁଣ୍ଡା । ପରିବାର ଲୋକେ କହିବା ଅନୁସାରେ ଅର୍ଚ୍ଚିତ କୌଣସି କାରଣରୁ ଘରେ ପାଟିତୁଣ୍ଡ କରି ବାହାରି ଯାଇଥିଲା । କିଛି ସମୟ ପରେ ତାଙ୍କର ମୃତଦେହ ରେଳ ଧାରଣାର ପଡିଥିବା ଖବର ପାଇ ପରିବାର ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ରେଳ ଧାରଣରେ ଅର୍ଚ୍ଚିତର ମୁଣ୍ଡରୁ ଶରୀର ଅଲଗା ହୋଇ ରହିଥିବା ଦେଖିବାକୁ ପାଇଥିଲେ । ଅର୍ଚ୍ଚିତ ଆତ୍ମହତ୍ୟା କରିଥାଇପାରେ ବୋଲି ପରିବାର ଲୋକେ ସନ୍ଦେହ କରୁଛନ୍ତି ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଜନ ଶୁଣାଣି

ପାରଳାଖେମଣ୍ଡି,(ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ଗୋଷଣୀ ବ୍ଲକ ଅନ୍ତର୍ଗତ ସରଧାପୁର ଗ୍ରାମ ପଞ୍ଚାୟତର ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଆରକ୍ଷୀ ଅଧକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର, ଉପଖଣ୍ଡ ପୋଲିସ ଅଧିକାରୀ ରାମକୃଷ୍ଣ ପତି, ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ସରଧାପୁର ଗ୍ରାମ ପଞ୍ଚାୟତ ସମେତ ବଡ଼ ଗୋଷାଣୀ, ବାଘସାଳ ଓ ଅଗରଖଣ୍ଡି ଗ୍ରାମ ପଞ୍ଚାୟତର ସମୁଦାୟ ମୋଟ- ୪୪ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୩୫ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୯ ଓ ୫ ଗୋଟି ଅଭିଯୋଗକୁ ତୁରନ୍ତ ଫୈସଲା କରାଯାଇ ସମାଧାନ କରାଯାଇଛି । ସେଥିମଧ୍ୟରୁ ମଧୁବାବୁ ପେନସନ ଯୋଜନାରେ ୧୭ ଜଣଙ୍କୁ ପ୍ରଦାନ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସ୍ଥାନୀୟ ସମୟରେ ସ୍ଥାନୀୟ ଗୋଷାଣୀ ବ୍ଲକ୍ ଅଧ୍ୟକ୍ଷ ଏନ୍.ବିରା ରାଜୁ,ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୀଳମାଧବ ମାଝୀ, ତହସିଲଦାର ନାରାୟଣ ବେହେରାଙ୍କ ସମେତ ଜନ ଅଭିଯୋଗ ଶୁଣାଣି ନୋଡାଲ ଅଧିକାରୀ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଗଣଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ ।

# ପଟାଙ୍ଗିରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

କୋରାପୁଟ,(ଭାସ୍କର ନ୍ୟୁଜ): ପଟାଙ୍ଗି ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳ ମହମ୍ମଦ ଏମ୍ ଅଖତର ଓ ଏସପି ଅଭିନବ ସୋନକାରଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୋଟ ୭୧ଟି ଅଭିଯୋଗ ପୀକରଣ ହୋଇଥିବା ବେଳେ ରାସ୍ତା ନିର୍ମାଣ, ପାନୀୟ ଜଳ ସମସ୍ୟା ସଂପର୍କିତ ଅଭିଯୋଗ ଅଧିକ ରହିଥିଲା । ସୁଙ୍କି ପଞ୍ଚାୟତର ବେଲମାଉଡି ଗ୍ରାମକୁ ସଂଯୋଗ କରୁଥିବା ପୋଲ ବାତ୍ୟାରେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲେ ମଧ୍ୟ ଦୁଇ ବର୍ଷ ହେଲା ନୂଆ ପୋଲ ନିର୍ମାଣ ହେଉନଥିବା ବେଳେ ୬ଖଣ୍ଡ ଗ୍ରାମବାସୀ ହୀନସ୍ତା ହେଉଥିବା ନେଇ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ ଗ୍ରାମବାସୀ । ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ଏଥିପାଇଁ ବିରକ୍ତ ହୋଇ ୧୦ଦିନ ମଧ୍ୟରେ କାମ ଆରମ୍ଭ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପଟାଙ୍ଗି ପଞ୍ଚାୟତର ଇନ୍ଦିରା କୋଲନି ରାସ୍ତା ନିର୍ମାଣ ପାଇଁ ୱାର୍ଡ ସଭ୍ୟ ଅର୍ପଣ ହିମେରିକା ଦାବି କରିଥିଲେ । ବିଟୁଗୁଡା ବିଦ୍ୟାଳୟର ମରାମତି ହେଉ ନଥିବାରୁ ପାଠପଢା ସମୟରେ ଅସୁବିଧା ହେଉଥିବା ସରପଞ୍ଚ ଆଲମେ ଫୁଲ ଜଣାଇଥିଲେ । ପୁକାଲି ପଞ୍ଚାୟତର ନୂଆଗୁଡା ଓ ମାଳିଗୁଡାରେ ପାନୀୟ ଜଳ ସମସ୍ୟା ରହିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ସେହିପରି ୨୬ନଂ ଜାତୀୟ ରାଜପଥ ଠାରୁ ପୋଡାଲଗୁଡା ଗ୍ରାମକୁ ସଂଯୋଗ ହେଉଥିବା ରାସ୍ତା ସଂପୂର୍ଣ୍ଣ ଖରାପ ହୋଇଛି । ଏନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ ସତ୍ତ୍ୱେ କହି କର୍ଣ୍ଣପାତ କରୁନଥିବା ନେଇ ଅଭିଯୋଗ ହୋଇଥିଲା । ଏହିଭଳି ଅନେକ ଅଭିଯୋଗ ଏବଂ ସମସ୍ୟା ଶୁଣିବା ପରେ ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷା କଳ୍ପନା ପାଙ୍ଗି, ଜିଲ୍ଲା ପରିଷଦ ସଭ୍ୟ ଲଇଛନ ଖରା, ଟିକାଇ ଗେମେଲ, ସିଡିଏମଓ ଡ. ଅରଣ କୁମାର ପାଢୀଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରି ଶିବିର ଉପସ୍ଥିତ ଥିଲେ । ଏହାପରେ ଜିଲ୍ଲାପାଳ ଓ ଏସ୍‌ପି ସ୍ଥାନୀୟ ଗାଙ୍ଗେଶ୍ୱର ମହାବିଦ୍ୟାଳୟର ୫ଟି ଅନ୍ତର୍ଗତ ହେଉଥିବା ରୂପାନ୍ତରଣ କାର୍ଯ୍ୟ ବୁଲି ଦେଖିଥିଲେ । ପରେ କୋଟିଆ ଗସ୍ତ କରି ବିଭିନ୍ନ ଗାଁରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିବା ଜଣାପଡିଛି ।

# ଉମରକୋଟ ବିଧାୟକଙ୍କ ଦ୍ୱାରା ରାଇଘର ବ୍ଲକରେ ବିଭିନ୍ନ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ



ରାଇଘର, (ଭାସ୍କର ନ୍ୟୁଜ): ରାଇଘର ବ୍ଲକ ଟିମନପୁର ଗ୍ରାମ ପଞ୍ଚାୟତ ଓ ରାଇଘର ଗ୍ରାମ ପଞ୍ଚାୟତ ରେ ନିଜସ୍ୱ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ର ବିଭିନ୍ନ ପ୍ରକଳ୍ପର ମାନ୍ୟବର ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ କରକମଳରେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଯଥା-୧/ରାଇଘର ଭିମା ଛକରୁ କଲସିଗୁଡି ରାସ୍ତା ୨/ ଟିମନପୁର ପଞ୍ଚାୟତ ଧରମ ପୁରାରୁ ଛତିଶଗଡ଼ର ବଡ଼ର ରାସ୍ତା ଏହି ରାସ୍ତା ଦୀର୍ଘ ଦିନରୁ ଦାବି କରିଆସୁଥିଲେ କିନ୍ତୁ କିଏ କର୍ଣ୍ଣପାତ କରୁନଥିଲେ । ସାଂସଦ ଓ ପୂର୍ବତନ ବିଧାୟକ କେତେ ପ୍ରତିଶ୍ରୁତି ଦେବା ପରେ ମଧ ରାସ୍ତା ନିର୍ମାଣ ହେଇପାରୁ ନ ଥିଲା । ଶେଷରେ ମାନ୍ୟବର ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କୁ କିଛି ଦିନ ପୂର୍ବେ ଅବଗତ କରାଇଥିଲେ ଗ୍ରାମବାସୀ ତାହା ବିଧାୟକ ପ୍ରତିଶ୍ରୁତି ଦେଇଥିଲେ, ଏବଂ ଏହା ବିଧାୟକ ପାଣ୍ଠିରୁ ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କାର ମଞ୍ଜୁରୀ କରାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ବହୁତ ଖୁସି ବାତାବରଣ ଦେଖିବାକୁ ମିଳିଛି ଏବଂ ଦୀର୍ଘ ଦିନର ସ୍ୱପ୍ନ ପୁରଣ କରିଥିବାରୁ ବିଧାୟକଙ୍କୁ ଧନ୍ୟବାଦ ଦେଇଛନ୍ତି । ସେହି ପରି ଭାବେ ବିଧାୟକ ପାଣ୍ଠିରୁ ଟିମନପୁର ରାମମନ୍ଦିର ପ୍ରାଚେରୀ ନିର୍ମିଣ ପାଇଁ ନିର୍ମାଣ ୨ଲକ୍ଷ ଟଙ୍କା ମଞ୍ଜୁର କରାଇଛନ୍ତି । ବିଧାୟକ ମାରାଥନ ଗସ୍ତ କରି ଏବଂ ଟିମନପୁର ଗ୍ରାମ ପଞ୍ଚାୟତ ଠାରେ ସ୍ଥାନୀୟ ନେତା ଟପିରାମ ନାୟକଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟି ତରଫରୁ ଏକ ମିଶ୍ରଣ ଅନୁଷ୍ଠିତ ହୋଇଥିଲା । ଏଠାରେ ବିଜେଡି ଓ କଂଗ୍ରେସ ଶହ ଶହ ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରିୟ ନରେନ୍ଦ୍ର ମୋଦି ଏବଂ ମାନ୍ୟବର ବିଧାୟକ ଶ୍ରୀ ଗଣ୍ଡଙ୍କ କାର୍ଯ୍ୟରେରେ ଅନୁପ୍ରାଣିତ ହୋଇ ଭାରତୀୟ ଜନତା ପାର୍ଟିରେ ବିଦ୍ଧିବଧ ଭାବେ ଯୋଗ ଦେଇଥିଲେ । ଏହି ବିଧାୟକ ପ୍ରତିନିଧି ଶିବନାଥ ବେନାର୍ଜୀ, ରାଜ୍ୟ ଯୁବମୋର୍ଚ୍ଚା କୋଷାଧକ୍ଷ ସନ୍ତଷ ମହାପାତ୍ର, ଶରତ ଜେନା , ମାୟାରମ ଗଣ୍ଡ ପୁର୍ଣ୍ଣ ଚନ୍ଦ୍ର ଗଣ୍ଡ, ଟପିରାମ ନାୟକ, ପ୍ରତାପ ମାଝୀ ଯୋଗୀ ପାଇକ, ରୀଙ୍କୁ ଶ୍ରୀବାସ୍ତବ, ଲୋବ କୁଳଦୀପ, ହିମାଚଳ ମଲିକ, ଏବଂ ସମସ୍ତ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଞ୍ଚଳ ଗୁମ୍ମାରେ ବ୍ରାହ୍ମଣ ସମାଜର ବୈଠକ



ତେନ୍ତୁଳି ଖୁଣ୍ଟି,(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅନ୍ତର୍ଗତ ଅଞ୍ଚଳ ଗୁମ୍ମା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବ୍ରାହ୍ମଣ ସମାଜର ୨୭ତମ ବୈଠକ୍ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟ କ୍ରମ ତେନ୍ତୁଳି ଖୁଣ୍ଟି ବ୍ରାହ୍ମଣ ସମାଜରର ସଭାପତି ସନ୍ତୋଷ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ହୋଇଛି । ମୁଖ୍ୟ ଅତିଥି ଭାବେ ହରିହର ମିଶ୍ର, ମୁଖ୍ୟ ବକ୍ତା ଭାବେ ପ୍ରମୋଦ କୁମାର ଦାସ ମଞ୍ଚାସିନ ରହିଥିଲେ । ସଂଘ ଉପସଭାପତି ଗୋପୀନାଥ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରି ଥିଲେ । ପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ସଂଘର ସମ୍ପାଦକ ପୂର୍ବ ବୈଠକ୍ ବିବରଣୀ ପାଠ କରିଥିଲେ । ବ୍ରାହ୍ମଣ ସମାଜର ସଂଘଠନକୁ କିପରି ସୁଦୃଢ କରାଯାଇ ପାରିବ ତାହା ବିସ୍ତୃତ ଭାବେ ଆଲୋଚନା କରା ଯାଇଥିଲା । ସନାତନ ସଂସ୍କୃତିକୁ ସୁଦୃଢ଼ କରି ସମସ୍ତଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ଆବଶ୍ୟକ ବ୍ରାହ୍ମଣର ଆଚରଣ ଓ ଉଚ୍ଚାରଣ ଠିକ୍ ରହିବ ସହ ତଥା ନିଜେ ମାର୍ଜିତ ହୋଇ ରହିବା ଆବଶ୍ୟକ ବୋଲି ଆଲୋଚନା ହୋଇ ଥିଲା । ବ୍ରାହ୍ମଣ ସମାଜର ବର୍ତ୍ତମାନ ଯୁବ ପୀଢ଼ି ପୂଜା ପଦ୍ଧତି ଓ କର୍ମକାଣ୍ଡ ବିଷୟରେ ବିଶେଷ ଅଭିଜ୍ଞତା ନାହିଁ । ତେଣୁ ସେମାନଙ୍କୁ ତାଲିମ ଦେବା ଆବଶ୍ୟକ ବୋଲି ମୁଖ୍ୟ ବକ୍ତା ତାଙ୍କ ଅଭିଭାଷଣରେ କହିଥିଲେ । ବ୍ରାହ୍ମଣ ସମାଜ ସନ୍ତାନମାନଙ୍କ ଉନ୍ନୟନ ପାଇଁ ଆବଶ୍ୟକ ଥିବା ପିତା ମାତାମାନେ ଯୋଗାଯୋଗ କରିବା ପାଇଁ ସଭାପତି କହି ଥିଲେ । ସଙ୍ଘକୁ ସୁଦୃଢ଼ କରି କ୍ରିୟାଶୀଳ କରିବା ପାଇଁ ପଦକ୍ଷେପ ନିଆଯିବ ପାଇଁ ଆଲୋଚନା ହୋଇଥିଲା । ପରବର୍ତ୍ତୀ ବୈଠକ୍ ଝରୀଗୁମ୍ମା ଠାରେ କରାଯିବା ନିଷ୍ପତ୍ତି ନିଆଯାଇ ଥିଲା । ଏହିସଭା ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ଖାତି ଗୁଡା, ତେନ୍ତୁଳି ଖୁଣ୍ଟି, ପୁଜାରୀ ଗୁଡା, ଦିଗି ସଲପା, ଅଞ୍ଚଳଗୁମ୍ମା, ଝରି ଗୁମା ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବ୍ରାହ୍ମଣମାନେ ଯୋଗ ଦେଇ ଥିଲେ । ପ୍ରମୋଦ ଦାସ, ହରିହର ମିଶ୍ର, ସୁବ୍ରତ ଚୌଧୁରୀ, ଶ୍ରୀନିବାସ ମିଶ୍ର, କୁଳମଣି ମିଶ୍ର, ବସନ୍ତ ପାଣିଗ୍ରାହି, ନିଜ ମତ ପ୍ରକାଶ କରି ଥିଲେ । ଶେଷରେ ଅଞ୍ଚଳ ଗୁମ୍ମାର ପ୍ରଦୀପ ମହାପାତ୍ର ଉପସ୍ଥିତ ରହି ଥିବା ସମସ୍ତ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



"ସେହି ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରେ, ଯିଏ କୌଣସି ପଦାର୍ଥ ଦ୍ୱାରା ବିଚଳିତ ହୁଅନ୍ତି ନାହିଁ।"

- ସ୍ୱାମୀ ବିବେକାନନ୍ଦ



"ଯଦି ତୁମେ ଭଗବାନଙ୍କୁ ପ୍ରାର୍ଥନା କରୁନାହଁ, ତାହା ତାଙ୍କ ପାଇଁ କ'ଣ ଏହା କେବଳ ତୁମର ଦୁର୍ଭାଗ୍ୟ।"

-ସାରଦା ଦେବୀ



### ବିଜୟର ଉଲ୍ଲାସ ଫିକା

## ସଂକଟରେ ପୁରାତନ ଦଳ

ଭାରତର ସର୍ବପୁରାତନ ରାଜନୈତିକ ଦଳ କଂଗ୍ରେସ ସଦ୍ୟ ସମାପ୍ତ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିଲେ ମଧ୍ୟ ଏହି ଦଳର ସଂକଟ ବଢ଼ିବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ରାଜ୍ୟରେ ଦଳ ଭିତରେ ଗୋଷ୍ଠୀ କନ୍ଦଳ ଏତେ ତୀବ୍ର ହେବାରେ ଲାଗିଛି ଯେ, ସମସ୍ତ ଗଣମାଧ୍ୟମରେ ତାହା ଚର୍ଚ୍ଚିତ ବିଷୟ ହୋଇଛି। କର୍ଣ୍ଣାଟକ ନିର୍ବାଚନ ଫଳାଫଳ ଘୋଷଣା କରାଯିବାର ତିନି ଦିନ ବିତିଯାଇଥିଲେ ମଧ୍ୟ ଦଳ ଏଯାଏଁ ଭାବୀ ମୁଖ୍ୟମନ୍ତ୍ରୀଙ୍କୁ ଚୟନ କରିବାରେ ସଫଳ ହୋଇନାହିଁ ଏବଂ ମୁଖ୍ୟମନ୍ତ୍ରୀ ଗାଦିରେ ବସିବାକୁ ବରିଷ୍ଠ ନେତାମାନଙ୍କ ମଧ୍ୟରେ ଟଣାଓଟରା ଲାଗିରହିଛି। ଦଳୀୟ ହାଇକମାଣ୍ଡ ମିଳାମିଶାର ସୂତ୍ର ଖୋଜି ବାହାର କରିବାକୁ ଜୋରସୋର କସରତ ଚଳାଇ ରଖିଛନ୍ତି। ରାଜ୍ୟର ନୂତନ କଂଗ୍ରେସ ସରକାର ଆସନ୍ତା ଗୁରୁବାର ଦିନ ଶପଥ ଗ୍ରହଣ କରିବ ବୋଲି ପୂର୍ବରୁ ସ୍ଥିର ହୋଇଥିଲେ ହେଁ ମଙ୍ଗଳବାର ଅପରାହ୍ନ ସୁଦ୍ଧା ମୁଖ୍ୟମନ୍ତ୍ରୀ ଚୟନ ନହେବା ଦଳକୁ କେବଳ ଅଡୁଆରେ ପକାଇନାହିଁ, ବିରୋଧୀମାନଙ୍କୁ ସମାଲୋଚନା କରିବା ଲାଗି ସୁଯୋଗ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ ପଦ ପାଇଁ ରାଜ୍ୟର ଦୁଇ ବରିଷ୍ଠ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରାମେୟା ଏବଂ ପିସିସି ସଭାପତି ଡି.କେ ଶିବ କୁମାରଙ୍କ ମଧ୍ୟରେ କଡା ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ନିର୍ବାଚନରେ ଦଳର ବିପୁଳ ସଫଳତା ପାଇଁ ଏହି ଦୁଇନେତାଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା ଏବଂ ଦୁଇଜଣ ଯାକ ବେଶ୍ ଅଭିଜ୍ଞ ଓ ଅନୁଭବୀ ରାଜନେତା। ସେମାନଙ୍କ ମଧ୍ୟରୁ କାହାକୁ ମୁଖ୍ୟମନ୍ତ୍ରୀ ଗାଦିରେ ଅଧିଷ୍ଠିତ କରାଯିବ, ସେଥିନେଇ ବେଙ୍ଗାଲୁରୁ ଠାରେ ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକରେ କୌଣସି ନିଷ୍ପତ୍ତି କରାଯାଇପାରିଲାନାହିଁ। ତେଣୁ ନେତା ଚୟନ ଦାୟିତ୍ୱ ଏଆଇସିସି ସଭାପତି ତଥା ଅନ୍ୟ କେନ୍ଦ୍ର ନେତାମାନଙ୍କ ଉପରେ ନ୍ୟସ୍ତ କରାଗଲା। ସଂଯୋଗବଶତଃ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ନିଜେ କର୍ଣ୍ଣାଟକର ଅଧିବାସୀ ଏବଂ ରାଜ୍ୟର ଜଣେ ଲୋକପ୍ରିୟ ଦଳିତ ନେତା ରୂପେ ତାଙ୍କର ବେଶ୍ ସୁଖ୍ୟାତି ରହିଛି। ସେହି ଦୃଷ୍ଟିରୁ କଂଗ୍ରେସ ବିଧାୟକ ଦଳର ନେତା ବା ଭାବୀ ମୁଖ୍ୟମନ୍ତ୍ରୀ ଚୟନ ସୁରୁଖୁରୁରେ ହୋଇଯିବ ବୋଲି ଆଶା କରାଯାଉଥିଲେ ହେଁ ତାହା ସମ୍ଭବପର ହୋଇନାହିଁ। ଉଭୟେ ସିଦ୍ଧରାମେୟା ଓ ଡିକେ ଶିବ କୁମାର ସେମାନଙ୍କ ପଛରେ ସଂଖ୍ୟା ଗରିଷ୍ଠ ବିଧାୟକଙ୍କ ସମର୍ଥନ ରହିଛି ବୋଲି ଦାବି କରୁଛନ୍ତି। କଂଗ୍ରେସ ହାଇକମାଣ୍ଡ ଉଭୟ ପକ୍ଷକୁ ସନ୍ତୁଷ୍ଟ କଲାଭଳି ଏକ ସର୍ବସମ୍ମତ ନିଷ୍ପତ୍ତି ତୁରନ୍ତ ଗ୍ରହଣ ନକଲେ ଜାତୀୟ ସ୍ତରରେ ଦଳର ଭାବମୂର୍ତ୍ତି ଯେ କ୍ଷୁର୍ଣ୍ଣ ହେବ, ଏଥିରେ ସନ୍ଦେହ ନାହିଁ। ସେପଟେ ରାଜସ୍ଥାନରେ କଂଗ୍ରେସ ଶାସନ କ୍ଷମତାରେ ଥିଲେ ମଧ୍ୟ ଗେହଲଟଙ୍କ ସହ ଦଳର ଯୁବ ଚେହେରା ସଚିନ୍ ପାଇଲଟଙ୍କ ବିବାଦ ଚରମସୀମାରେ ପହଞ୍ଚିଛି। ସଚିନ୍ ପାଇଲଟ ନିଜ ଦଳର ସରକାର ବିରୋଧରେ ଖୋଲାଖୋଲି ରାଜରାସ୍ତାକୁ ଓହ୍ଲାଇଛନ୍ତି। ଗେହଲଟ୍ ସରକାରଙ୍କ କାର୍ଯ୍ୟ କ୍ଷମତାକୁ ନେଇ ସେ ପ୍ରଶ୍ନ ଉଠାଇବା ସହିତ ପାଞ୍ଚ ଦିନ ଧରି ଏକ ବିଶାଳ ଜନସଂଘର୍ଷ ପଦଯାତ୍ରା ଶେଷ କରିଛନ୍ତି। ପୂର୍ବତନ ବିଜେପି ସରକାର ସମୟରେ ହୋଇଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପାଇଲଟ ଦାବି କରିବା ସଂଗେସଂଗେ ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରିବାକୁ ଧମକ ଦେଇଛନ୍ତି। ରାଜସ୍ଥାନରେ ଚଳିତ ବର୍ଷ ଶେଷ ଆଡକୁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଦୁଇ ନେତାଙ୍କ ଭିତରେ ଏଭଳି ବିବାଦ ବଢ଼ିଚାଲିଲେ, ତାହା କଂଗ୍ରେସ ପାଇଁ ମହଙ୍ଗା ପଡିପାରେ ବୋଲି ଆଶଙ୍କା କରାଯାଉଛି। ସେହିପରି କଂଗ୍ରେସ ଶାସନାଧୀନ ଛତିଶଗଡ଼ରେ ମଧ୍ୟ ଗୋଷ୍ଠୀକନ୍ଦଳ କିଛି କମ୍ ନୁହେଁ ଓ ସେଠାରେ ମଧ୍ୟ ଚଳିତ ବର୍ଷ ନିର୍ବାଚନ ହେବ। ସବୁ ଦୃଷ୍ଟିରୁ ବିଚାର କଲେ ଏହି ପୁରାତନ ଜାତୀୟ ଦଳ ବର୍ତ୍ତମାନ ଏହାର ପ୍ରତିଦ୍ୱନ୍ଦ୍ୱୀ ଦଳ ଅପେକ୍ଷା ନିଜ ଭିତରର ଶତ୍ରୁଙ୍କ ଦ୍ୱାରା ଅଧିକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି।

# ଭୟ ଭୟର ଜୀବନ

ପ୍ରଦୀପ୍ତ କୁମାର ମିଶ୍ର
ଅରେଇ,ଯାଜପୁର
ମୋ-୯୬୫୮୬୧୪୭୨୮

ଜୀବନ ଏକ ସଂଘର୍ଷ ବଞ୍ଚିବା ପାଇଁ ଅବିରତ ପ୍ରୟାସ। ଏ ଭିତରେ ଯିଏ ତିଷ୍ଠିଗଲା ସେ ଜିତିଯାଏ ଯିଏ ସଂଘର୍ଷ ରେ ହାରିଯାଏ ସେ ମରିମରି ବଞ୍ଚେ । କିଏ କେତେ ପ୍ରକାର ଜୀବନ ଧାରଣ କରେ କହି ହୁଏନା। କିଏ ବହୁତ କଷ୍ଟ କରେ କିନ୍ତୁ ତାର ପରିଶ୍ରମର ପାରିତୋଷିକ ପାଏନି। ପୁଣି କିଏ ଅତି ସହଜରେ ଜୀବନ ଜୀଇଁ ନିଏ। ଏହାକୁ ଆମେ ସଂସାରର ଖେଳ , ଭାଗ୍ୟ, ଈଶ୍ୱରଙ୍କ ଇଛା ବୋଲି ଧରିନେଇଥାନ୍ତି। କେତେକ ଏହାକୁ ପୂର୍ବଜନ୍ମର କଥା ବି କହିଥାଆନ୍ତି। ସେ ଯାହାହେଉ ଜୀବନ ଏକ ସମୟ ସ୍ରୋତରେ ଗୀତିଶୀଳ ଅବସ୍ଥା ମାତ୍ର।

ଏଥିରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କେବଳ ବଞ୍ଚିବାର ବିରାଟ ମୋହ। ଏଠି ଅନେକ ଭୟ ଆଉ ଭୟ। ଅତୀତରେ କୌଣସି ସୁବିଧା ନଥାଇ ଯେଉଁ ଜୀବନ ଥିଲା ତାହା କେତେ ଦୁର୍ବିସହ ସହିତ ଆନନ୍ଦ ମିଶ୍ରିତ ଥିଲା ଏହା ନିସନ୍ଦେହ। ବନ୍ୟା, ବାତ୍ୟା ପରି ପ୍ରାକୃତିକ ଦୁର୍ଘଟଣା ଜୀବନର ସହଚର ଥିଲା। ପ୍ରକୃତିର ଆଶ୍ଲେଷ ସହ ପ୍ରକୃତିର ଯନ୍ତ୍ରଣାକୁ ସମସ୍ତେ ସହୁଥିଲେ। କିଛି ବଞ୍ଚି ରହୁଥିଲେ ପୁଣି କିଛି ମୃତ୍ୟୁବରଣ କରିଥିଲେ। ପ୍ରାକୃତିକ ଦୁର୍ବିପାକ ଭୂତ ବା ଅଶରୀର ଆଦିର କାଳ୍ପନିକ ଭୟ ତାଙ୍କୁ ବିବଶ କରୁନଥିଲା ବରଂ ବଞ୍ଚିବାର ରାହା ଦେଖାଉଥିଲା। ବଞ୍ଚିବାକୁ ମୋହ ଦେଉଥିଲା। ଭୂମିକମ୍ପ ଶୀତ ଆଦିରୁ ମୁକ୍ତି ପାଇଁ ସେ ଉଦ୍ୟମ କରି କରି ଆଜି ଆମେ ଏହି ସ୍ତରରେ ଉପନୀତ। ଭୂଲିଗଲେଣି ଆମେ ସେହି ଅତୀତକୁ କେବଳ କେତେକ ପରମ୍ପରା ଓ ସଂସ୍କୃତିକୁ ଧରି ଆମେ ଜୀବନଧାରାରେ ଗତିଶୀଳ।

ଏହି ଆଧୁନିକତା କେଉଁ ଏକ ଯୁଗର ନାମନେଇ ଆମକୁ ବଞ୍ଚାଇପାରେ। କିନ୍ତୁ ଏବେବି ଆମେ ସର୍ବଦା ଭୟ ଭୟରେ ଜୀବନଧାରଣ କରୁଛୁ ଏକଥା ନିରାଟ ସତ୍ୟ। ସେହି ଭୟ ଆମର ଆବିଷ୍କାର ଓ ଉଦ୍ଭାବନ ହିଁ ଆମକୁ ଦେଇଛି। ଯାହା ନୂତନକୁ ଆମେ ପାଇଛୁ ସେହି ନୂତନ ହିଁ ଆମ ପାଇଁ ସୃଷ୍ଟି କରିଛି ଭୟର ମାହୋଲ। ଯେମିତି ଆମେ ପ୍ଲାଷ୍ଟିକର କଥା କହିପାରନ୍ତି ଯାହା ଆମ ଚଳଣି ସହ ଅଙ୍ଗାଙ୍ଗୀ ଭାବରେ ଜଡିତ। ବିନା ପ୍ଲାଷ୍ଟିକର ସହାୟତାରେ ଆମେ କିଛି ଚିନ୍ତା କରିପାରିବା ଅସମ୍ଭବ କହିଲେ ଠିକ୍ ହେବ। ହେଲେ ଏହି ପ୍ଲାଷ୍ଟିକ ପଲିଥିନ ଆମର ମୁଖ୍ୟ ପ୍ରଦ୍ୟୁଷଣର କାରଣ। ଏହା ମାଟିକୁ ବନ୍ଧ୍ୟା କରୁଛି ଉର୍ବରତାକୁ ନଷ୍ଟ କରିଛି। ଅନେକ ରୋଗର କାରଣ ପାଲଟିଛି। ତେଣୁ ଏହି ପ୍ଲାଷ୍ଟିକ ଆମ ପାଇଁ କେମିତି ଏକ ଭୟର ବାତାବରଣ ସୃଷ୍ଟି କରିଛି ତାହା ଅବଶ୍ୟ ଚିନ୍ତନର କାରଣ। ତେବେ ଆମ ଦୈନନ୍ଦିନ ଜୀବନଶୈଳୀରେ ପୁଣି ପଛକୁ ଫେରିଯିବା ନା ଆଗାମୀ ସମୟର ଏହାର ଏକ ବିକଳ୍ପର ଉଦ୍ଭାବନକୁ ଅପେକ୍ଷା କରିବା।

ଆମପାଇଁ ଯୋଗାଯୋଗ ଯେତେବେଳେ ଡାକର ଚିଠି ଥିଲା ଟେଲିଗ୍ରାମ ଥିଲା ରେଡ଼ିଓ ଥିଲା ସମ୍ବାଦପତ୍ର ରହିଥିଲା ବରଂ ବେଶ ଭଲଥିଲା ବୋଲି କିଛି କହନ୍ତି। କିନ୍ତୁ ଘଟୁଥିବା ଅନେକ ଘଟଣା ଆମ ଠାରୁ ଯେମିତି ବହୁତ ଦୂର ଥିଲା। ଏବେ ସାମାଜିକ ଗଣମାଧ୍ୟମ ଆମ ଆଙ୍ଗୁଳି ଚାଳନାରେ ଆବଦ୍ଧ। କୃତ୍ରିମ ଉପଗ୍ରହ ସହାୟତାରେ ଆମେ ଆମ ପାଖରେ ଥିବା ମୋବାଇଲ ସେଟରେ ସେସବୁ ସୁବିଧାରେ ପାଇପାରୁଛନ୍ତି। କିନ୍ତୁ ଏଠି ମଧ୍ୟ ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ବଞ୍ଚିଛୁ ଭୟ ଓ ଭୟରେ। ସାଇବର ଅପରାଧୀ ମଧ୍ୟ ସମାନ୍ତରାଳ ଭାବରେ ଅପରାଧ ସୃଷ୍ଟି କରିବାରେ ଅପେକ୍ଷାରତ। ତେଣୁ ସାମାନ୍ୟ ଖୁସି ପାଇଁ ଆମେ ଆମର ସାଇତିଥିବା ପୁଞ୍ଜି ହରାଇ ଅନ୍ୟର ସାହାଯ୍ୟ ପାଇଁ ଡହଳ ବିକଳ ହେଉଛୁ।

ଅପରାଧର ମଧ୍ୟ ତଦନୁରୂପ ଡିଜିଟାଲ ହୋଇଗଲାଣି ଏବେ। ଅପରାଧୀ ଆଉ ସିନ୍ଧି କରୁନି ଘରେ ପଶୁନି କିନ୍ତୁ ସବୁ ରୋଜଗାରକୁ ବ୍ୟାଙ୍କରୁ ନେବାର ଯୋଜନା କରିନେଉଛନ୍ତି। ଅପରାଧୀ ଅପରାଧର ଧାରା ବଦଳାଇ ଦେଇଛି। ଏବେ ଏସବୁ ପାଇଁ କେବଳ ଭୟ ଭୟର ଜୀବନ। ରାସ୍ତାର ଦୂରବସ୍ଥା ପ୍ରବଳ ଟ୍ରାଫିକର ଭିଡ଼ ମଧ୍ୟରେ ପ୍ରତ୍ୟେକ ମୁହୂର୍ତ୍ତରେ ମରଣର ଆସନ୍ନ ଉପସ୍ଥିତି ତାଙ୍କୁ ଭୟ ଭୟର ଜୀବନ ଜୀଇଁବାକୁ ବାଧ୍ୟ କରୁଛି। ସବୁଆଡେ ସଚେତନତା ଆଳରେ ଅନେକ କଥା ଆମେ ଶୁଣିଛୁ ହେଲେ କାହାକୁ ଗ୍ରହଣ କରିବା ତାହା ପ୍ରଶ୍ନବାଚୀ। ସବୁବେଳେ ଅନେକ ସଚେତନ ବାର୍ତ୍ତା ମଧ୍ୟରୁ କାହାକୁ ଅବା ଗ୍ରହଣ କରିବେ କିଏ। କେତେବେଳେ ଏଇଟା ଖାଅ କେତେବେଳେ ସେଇଟା ଖାଅ ଏହିଟି ସ୍ୱାସ୍ଥ୍ୟ ପକ୍ଷେ ହିତକର ଏହାହିଁ ଅହିତ କର ଏପରି ଅନେକ କିଛି। ଯୁଗ ସରିଗଲା ପୃଥିବୀ ଧ୍ୱଂସ ହେବ ପ୍ରଳୟ ମାଡ଼ିଆସିବ ଆଦି ଭୟପୂର୍ଣ୍ଣ କଥା ଜୀବନକୁ ଦୁର୍ବିସହ କରିଦେଲାଣି। ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶିତ ଅନେକ ତ୍ରୁଟିପୂର୍ଣ୍ଣ କଥା ସାଧାରଣ ଲୋକର ମନକୁ ଭାରାକ୍ରାନ୍ତ କରିଦେଉଛି। କିଏ କହିଲାଣି ଗରମ ପାଣି ପିଅ ପୁଣି କିଏ କହିଲାଣି ଥଣ୍ଡାପିଅ ଏପରି ନା ହଁ ଅବସ୍ଥାରେ ପ୍ରପୀଡ଼ିତ ଏ ସାଧାରଣ ମଣିଷଟିଏ। ଅନେକ ଭାଷଣ ଅନେକ ତଥ୍ୟ ପାଇ ପାଇ ସେ ମଥାରେ କରଦେବା ଯାହା ସାର ହେଉଛି କେବଳ। ଧର୍ମ କ'ଣ ହେବା ଉଚିତ ବୋଲି ନଜାଣି କେବଳ ଧର୍ମର ଠିକା ନେଇଥିବା କିଛିଲୋକ ଧର୍ମ ସମ୍ପର୍କରେ ନିଜର ଅଭିମତକୁ ତମ ଉପରେ ନଦି ଦେବାର ଭୟ ଏବେ ବହୁତ। ଧର୍ମର ଦ୍ୱାହି ଦେଇ ସାମ୍ପ୍ରଦାୟିକ ଦଙ୍ଗା ଭାଇଚାରାକୁ ନଷ୍ଟ କରିବାର ଉଦାହରଣ ଆମ ପାଖରେ କିଛି କମ ନୁହେଁ। ଏବେ ଶାନ୍ତି ରହିଥିବା ସହର କିମ୍ବା ଗ୍ରାମରେ ହଠାତ ସାମ୍ପ୍ରଦାୟିକ ଭାଷାକୁ ନେଇ ବିଦ୍ୱେଷ କିମ୍ବା ରାଜ୍ୟର ଭିନ୍ନତା ହିଁ ଆମକୁ ଆମଠାରୁ ଦୂରେଇ ଦେଉଛି।

ପୂର୍ବରୁ ଭୟ ଥିଲା ନଦୀର, ସରୀସୃପର ପ୍ରାକୃତିକ ବିପର୍ଯ୍ୟୟର କୁମ୍ଭୀରର ଏବେ କିନ୍ତୁ କେବଳ ସଠତାର, ପ୍ରବଞ୍ଚନର, ନିଜ ଲୋକର ପର ଭାବିବାର ମନୋଭାବ। ନିଜକୁ ଆଧୁନିକ ନକରିପାରିବାର ଡର କଥା ହେବାର ଭୟ ଆଦିର। ଅତଏବ ଏପରି ସମୟରେ ଆମେ ପ୍ରତ୍ୟେକ ମୁହୂର୍ତ୍ତରେ କେବଳ ଭୟ ଭୟର ଜୀବନ ଜୀଇଛନ୍ତି। ସବୁଠାରେ ମିଛର ଆଛନ୍ନତା। ଭୟଙ୍କର ଅନୁଚିନ୍ତାରେ ଭାରାକ୍ରାନ୍ତ ଆମେ।

# ଆଖ ପାଖର..ଚିତ୍ର ଚରିତ୍ର



ସୌମ୍ୟଶ୍ରୀ ପାଣିଗ୍ରାହୀ
ଛାଇ, ଜଗନ୍ନାଥ ବିହାର, ଭଦ୍ରକ
ମୋ: ୭୦୦୮୬୦୧୧୬୧

ଆପଣ କେବେ ଟ୍ରେନ୍ କିମ୍ବା ବସ୍ ଧରିନପାରି ଫେରିଛନ୍ତି ? ହୁଏତ ଆପଣ ପହଁଚିବା ପୂର୍ବରୁ ଟ୍ରେନ୍ ଛାଡିଦେଇଥିବ ଷ୍ଟେସନ କିମ୍ବା ବସ୍ ଯାଇସାରିଥିବ ଆପଣଙ୍କ ପହଁଚିବା ପୂର୍ବରୁ। ସେ ମୁହୂର୍ତରେ କେତେ ବିକଳ ଲାଗେ, କେବଳ ଭୁକ୍ତଭୋଗୀ ହିଁ ବୁଝିପାରିବ। ସେଇଥିପାଇଁ କୁହାଯାଏ, କୁଆଡେ ଯିବାର ଅଛି ମାନେ, ହାତରେ ପର୍ଯ୍ୟାପ୍ତ ସମୟ ନେଇ ବାହାରିବ। ମୋର କିନ୍ତୁ ସବୁବେଳେ ଦୌଡ଼ି ଦୌଡ଼ି ଶେଷ ମୁହୂର୍ତରେ ଗାଡ଼ି ଧରିବାର ପୁରୁଣା ଅଭ୍ୟାସ। ଏଥିପାଇଁ ଅନେକ ଥର ଟ୍ରେନ୍/ ବସ୍ ବି ଛାଡ଼ିବାକୁ ପଡିଛି। ୨-୪ ଥର ଏଇଗୁଣ ଯୋଗୁଁ ଉଡ଼ାଜାହାଜ ବି ଧରିନପାରି ଅଯଥା ଗୁଡାଏ ଖର୍ଚ୍ଚାନ୍ତ ବି ହେଇଛି। ଏଥର କିନ୍ତୁ ଯାହାହେଲା ତାହା ପୂର୍ବର ସବୁ ରେକର୍ଡ଼କୁ ପଛରେ ପକେଇ ଦେଲା ଏବଂ ଏଥିପାଇଁ ମଧ୍ୟ ମୁଁ ସଂପୂର୍ଣ୍ଣରୂପେ ଦାୟୀ। ଜଣେ ବ୍ୟକ୍ତି ଗୋଟିଏ ଦିନରେ କେମିତି ଦୁଇ ଦୁଇ ଥର ଉଡ଼ାଜାହାଜ ଧରିନପାରି ଛାଡ଼ିଦେଇପାରେ ଯେ ? ଏଇଠି ମୋର ଉଦାହରଣ। ସେଇ ହତଭାଗ୍ୟ ଜଣକ ମୁଁ।

ମୋର ଫ୍ଲାଇଟ୍ ଥିଲା ମୁମ୍ବାଇରୁ ସକାଳ ୫.୪୦ ରେ। ମୁଁ ମୋ କାମସାରି ହୋଟେଲକୁ ଲେଉଟି ଆସିଥିଲି ରାତି ୧୧ ଟା ସୁଦ୍ଧା। ଖାଇ ପିଇ ସବୁକାମ ସାରିଲା ବେଳକୁ ରାତି ୧୨ଟା ବାଜିଲାଣି। ମନେ ମନେ ଭାବିଲି ଯଥେଷ୍ଟ ସମୟ ଅଛି। ଧିରେ ସୁସ୍ଥେ ରାତି ୧ଟା ବେଳକୁ ବାହାରିଲେ ବି ଚଳିବ। ବରଂ କିଛି ସମୟ ଆଗରୁ ବିମାନ ବନ୍ଦରରେ ପହଁଚି ଅପେକ୍ଷା କରିହେବ। ଏୟା ଭାବୁଭାବୁ ଯେ, କେତେବେଳେ ଆଖି ଲାଗିଯାଇଛି ଜଣାନାହିଁ। ସେଇମିତି ଚେୟାର ଉପରେ ହିଁ ବସୁ ବସୁ ମୁଁ ଶୋଇଯାଇଛି। ନିଦ ଭାଙ୍ଗୁଭାଙ୍ଗୁ ସକାଳ ୫ଟା ବାଜିବା ଉପରେ। ଯେତେଚେଷ୍ଟା କଲେବି ଆଉ କ'ଣ ୫.୪୦ ର ବିମାନ ଯାତ୍ରା କରିହେବ ? ନିଜ ଦୋଷରୁ ସେ ବିମାନ ଯାତ୍ରା ଛାଡିବାକୁ ପଡ଼ିଲା। ଏଥର ପୁଣି ଚିନ୍ତା, ତେଣେ ଗୁଡାଏ କାମ ବାକି ପଡ଼ିଛି। ଯେତେ ଶୀଘ୍ର ପହଁଚିଲେ ଭଲ। ତେଣୁ ତୁରନ୍ତ ଆଉ ଗୋଟେ ଟିକଟ କଲି ୧୧ଟା ବେଳର ବିମାନରେ। ଉଦ୍ଦେଶ୍ୟ ଥିଲା, ଅତି କମରେ ଅଫିସ୍ ସରିବା ପୂର୍ବରୁ ପହଁଚି ମୁହଁ ଦେଖେଇ କ୍ଷମା ପ୍ରାର୍ଥନା କରିପାରିବି ତ !

ଏଥିପାଇଁ ଆଉ ଅପେକ୍ଷା ନକରି ବେଳ ଥାଉ ଥାଉ ସକାଳ ୮ଟା ପୂର୍ବରୁ ବାହାରି ପଡିଲି ହୋଟେଲରୁ। ଗୁଗୁଲରୁ ଖୋଜାଖୋଜି କରି ଜାଣିଥିଲି, ବିମାନବନ୍ଦର ପର୍ଯ୍ୟନ୍ତ ରାସ୍ତା ମାତ୍ର ୧୪ କିମି କିନ୍ତୁ ଲାଗିବ ସର୍ବାଧିକ ୫୦ମିନିଟ୍। ମାତ୍ର କିଏ ଜାଣିଥିଲା ଯେ, ବାଟରେ ଏକ ଭୟଙ୍କର ଦୁର୍ଘଟଣା ଯୋଗୁଁ ହଠାତ୍ ଟ୍ରାଫିକ୍ ଜାମ ହେବ ଓ ଘଂଟାକର ବାଟ ଆମକୁ ଲାଗିବ ଅଢେଇ ଘଂଟାରୁ ଅଧିକ। ଆମେ ବିମାନ ବନ୍ଦରରେ ପହଁଚିବା ବେଳକୁ ଆହୁରି କିଛି ସମୟ ବାକି ଥାଏ ବିମାନ ଆକାଶକୁ ଉଠିବାକୁ । ମାତ୍ର ଧାଡ଼ି ବାନ୍ଧି ସୁରକ୍ଷା ଯାଂଚ ଆଦି ସାରିଲା ବେଳକୁ ଶେଷ ଦ୍ୱାର ପାଖରେ ଥିବା କର୍ମଚାରୀ ଜଣକ ଶୁଣେଇ ଦେଲେ, ଆମେ ଉଡ଼ାଜାହାଜରେ ଚଢ଼ି ପାରିବୁ ନାହିଁ। ସବୁ ପ୍ରକ୍ରିୟା ସରିସାରିଛି। କେବଳ ବିମାନ ଚାଳକ ଯେକୌଣସି ମୁହୁର୍ତରେ ଉଡ଼ାଜାହାଜ ଉଡ଼େଇ ନେବେ। ମୁଁ ଯେତେ ନେହୁରା ହେଲି, କାକୁତି ମିନତି କଲି ସେମାନେ କାହିଁକି ଶୁଣିବେ। ମୋ ଆଖିସାମ୍ନାରେ ସେଇ ବିମାନ ମୁମ୍ବାଇରୁ ଭୁବନେଶ୍ୱରକୁ ଉଡିଯିବାର ଦେଖିଲି।
ନିଜ ଉପରେ ଘୃଣା ଆସୁଥାଏ। ଧିକ୍କାର କରୁଥାଏ ନିଜକୁ। ଗୋଟିଏ ଦିନରେ ୪-୫ ଘଂଟା ଅନ୍ତରରେ ଦୁଇଦୁଇଥର ଉଡ଼ାଜାହାଜ ଛାଡ଼ିବାର ଦୁଃଖକୁ ମୁଁ ସହଜରେ ହଜମ କରିପାରୁନଥାଏ। ସତକଥା ସେଇ ମୁହୂର୍ତରେ କାନ୍ଦିବାକୁ ଇଚ୍ଛା ହେଉଥାଏ। ଆଖିର ଲୁହକୁ ଲୁଚେଇ ବାହାରକୁ ଆସିଲି।

ପୁଣି ବାହାରକୁ ଆସି ଆହୁରି ଗୋଟିଏ ଟିକଟ କଲି। ଏଥର ୪ଟା ବେଳେ ଅଛି ଉଡ଼ାଜାହାଜ ଓ ମୁଁ ପହଁଚି ସାରିଛି ବିମାନ ବନ୍ଦରରେ। ଏବେ ମୋ ହାତରେ ପ୍ରାୟ ୫ଘଂଟା ସମୟ ଓ ମୁଁ ଆଉ କୁଆଡେ ବାହାରକୁ ନଯାଇ ସେଇ ବିମାନ ବନ୍ଦର ଭିତରେ ହିଁ ସମୟ କାଟିବାକୁ ସ୍ଥିର କିଲି। ମୋ ଜିନିଷପତ୍ର ପଠେଇ ଦେଇ ମୁଁ ପୁଣି ଲାଗିଲି ସୁରକ୍ଷା ଯାଂଚପାଇଁ ଧାଡ଼ିରେ। ଏଥର ଆହୁରି ଲମ୍ବାଧାଡ଼ି ମାତ୍ର ମୋର ପରବାୟ ନାହିଁ। ହାତରେ ପର୍ଯ୍ୟାପ୍ତ ସମୟ, ଖର୍ଚ୍ଚ କରିବି କେମତି। ଗୋଟିଏ କୋଣରେ ବସି ମୁଁ କେବଳ ଆଖପାଖର ମଣିଷମାନଙ୍କୁ ଦେଖୁଥିଲି। ହାବଭାବରୁ ପରଖିବାକୁ ଚାହୁଁଥିଲି ଲୋକ ଚରିତ୍ର। କିଛି ଲୋକ କହିବେ, ଯେ ଗୋଟେ କେମିତିକା କାମ ? ଠିକ୍ କଥା, ବ୍ୟସ୍ତବହୁଳ ଜୀବନରେ କାହା ସହ ଘଡ଼ିଏ କଥା ହେବାକୁ ଯେଉଁଠି ବେଳନାହିଁ, ସେଠି ଏମିତି ସମୟର ଅପଚୟ କରିବା କ'ଣ ଦରକାର। ମାତ୍ର ମୁଁ ଭାବେ ଏମିତି ଲୋକ ଗହଳି ଭିତରେ ବି ଭିଡ଼ରୁ ଅଲଗା ହେଇ ବସି, କେବଳ ଅନୁଶୀଳନ ଓ ପର୍ଯ୍ୟବେକ୍ଷଣ କରିବା ବି ଗୋଟେ କଳା। ଏଥିରେ ସମସ୍ତେ ପାରଙ୍ଗମ ହୋଇ ପାରନ୍ତିନି, ମୁଁ ଭାବେ ଏଇଟା ହାବଭାବ ଓ ଅଙ୍ଗଭଙ୍ଗୀରୁ ମଣିଷର ଚରିତ୍ର ଆକଳନ କରିବାର ଶ୍ରେଷ୍ଠତମ ଉପାୟ ଏବଂ ଏ କଳାରେ ମୁଁ ଧୁରନ୍ଧର। ତେଣୁ ଦୁଇ ଦୁଇ ଥର ଉଡାଜାହାଜ ଛାଡ଼ିଦେବାର ଦୁଃଖକୁ ପଛରେ ପକେଇ ମୁଁ ସେଇ ଗହଳିରୁ ସାଉଁଟିବାରେ ଲାଗିଲି ମୋର ଅନୁଭବ ଓ ଅନୁଭୂତି। ସମୟ ବଢ଼ିବା ସହ

### ବିକଳ୍ପ ବିଚାର : ୮୪

ତାଳଦେଇ ବଢୁଥାଏ ମୋ ମନର ଉତ୍କଣ୍ଠା।

ନଜରକୁ ଆସୁଥାଏ ଅନେକ ଚିତ୍ର। କେଉଁଠି ମୁହଁକୁ ମୁହଁ ଯୋଡ଼ାଯୋଡ଼ି ହେଇ ବସିଥାଆନ୍ତି ପ୍ରେମୀ ଯୁଗଳ ତ' କେଉଁଠି ନବବଧୂଟିଏ ନିଜର ଓଢ଼ଣା ସଜାଡ଼ିବାରେ ବ୍ୟସ୍ତ ଥାଏ ସ୍ୱାମୀ ଆଉ ଶ୍ୱଶୁରଙ୍କ ସାମ୍ନାରେ। ସେପଟରେ ଯୁବତୀଟିଏ ମୁହଁରେ ବିଭିନ୍ନ ପ୍ରକାର ଭଙ୍ଗୀ କରି ସେଲ୍ଫୀ ନେବାରେ ବ୍ୟସ୍ତ ତ' ଆଉ କିଏ ମୋବାଇଲ କ୍ୟାମେରାକୁ ଏପାଖ ସେପାଖ କରି ଭିଡ଼ିଓ ନେବାରେ ନିମଗ୍ନ। ସେପଟରେ ଜଣେ ଭଦ୍ରବ୍ୟକ୍ତି ଖବର କାଗଜ ପଢ଼ିବାରେ ଏମିତି ବୁଡ଼ିଯାଇଛନ୍ତି ଯେ ଆଖପାଖରେ କୁନି ପିଲାମାନେ ଧାଁ ଧଉଡ଼ ହେଲେ ବି ସେ ଭ୍ରୁକୁଂଚନ କରୁଛନ୍ତି। ମୋ ପାଖରେ ବସିଥିବା ଯୁବକଟି ମୋବାଇଲରେ ଗେମ୍ ଖେଳୁଛି ତ' ଆଉ କିଏ କାନରେ ଇୟର ଫୋନ୍ ଲଗେଇ ଗୀତ ଶୁଣିବାରେ ବ୍ୟସ୍ତ।

ଏତିକିବେଳେ ପଛପଟୁ ପାଟିତୁଣ୍ଡ ଶୁଭିଲା। ମୁଁ ମୁହଁ ବୁଲେଇଲି ତ' ଜାଣିଲି ଯେ, ଲାଉଞ୍ଜ ଭିତରେ ପଶିବାକୁ ଉପଯୁକ୍ତ ବ୍ୟାଙ୍କର କାର୍ଡ଼ କାମ ନକରିବାରୁ ଭଦ୍ରବ୍ୟକ୍ତି ଜଣକ ଉତ୍ୟକ୍ତ ହୋଇ ଗାଳିମନ୍ଦ କରିବାରେ ଲାଗିଛନ୍ତି। କଥା କଥାକେ ବିଦେଶର ଅମୁକ ବିମାନ ବନ୍ଦରରେ ଏୟା ହୁଏ, ସମୁକ ବିମାନବନ୍ଦରରେ ମୁଁ ସେୟା କରିଥିଲି,ଏପରି ବାହାସ୍ଫୋଟ କରି ନିଜର ବଡ଼େଇ ଦେଖେଇବାରୁ ଅନ୍ୟକିଛି ସହଯାତ୍ରୀ ମଧ୍ୟ ତାଙ୍କ ସହ ଯୁକ୍ତି କରିଛନ୍ତି। ଆଉ ଥୋକେ ଏମାନଙ୍କ ଯୁକ୍ତିତର୍କରୁ ମଜା ନେଉଛନ୍ତି ତ' ଆଉକିଏ ଭିଡ଼ିଓ ବନଉଛି। କଥା ସେତିକିରେ ନ ସରିବାରୁ ବାଧ୍ୟ ହୋଇ ବିମାନ ବନ୍ଦରର ଅନ୍ୟ କର୍ମଚାରୀ ଆସି ବିବାଦର ସମାଧାନ ଲାଗି ଉଭୟ ପକ୍ଷକୁ ଡାକି ଭିତରକୁ ନେଇଗଲେ।

ଆଉ କିଛି ସମୟ ପରେ ଆମର ଡାକରା ଆସିଲା। ଆମେ ଧାଡ଼ିବାନ୍ଧି ଯାଇ ବିମାନରେ ପ୍ରବେଶ କଲାବେଳକୁ ଜଣେ ଭଦ୍ର ମହିଳା ମୋ ହାତରେ ଏକ ବ୍ୟାଗ୍ ପରି ଛୋଟ ପୁଟୁଳାଟିଏ ଧରେଇ ଦେଲେ। ମୁଁ ଭାବିଲି ବୋଧେ ମୁମ୍ବାଇ ପରି ବଡ଼ ସହରର ଇୟେ ଆଉ ଏକ ଭେଳିକି। କିଛିଗୋଟେ ଜିନିଷର ବିଜ୍ଞାପନ କରିବାର ନୂଆ ତରିକା। ମାତ୍ର ନିଜ ଜାଗାରେ ବସି ଯେତେବେଳେ ପୁଟୁଳାଟି ଖୋଲିଲି, ମୋ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। କିଛି ନାଲି ନେଳୀ ଚକୋଲେଟ, ଗୋଟେ କୁନି କଣ୍ଢେଇ ପରି ଚାବି ରିଂ ଏବଂ ଗୋଟେ କେକ୍ ଆଉ ଗୋଟେ ବିସ୍କୁଟ୍ ସହ ଚାରିଚଉତା ହେଇଥିବା କାଗଜରେ ଚିଠିଟିଏ। ଲେଖାଅଛି, 'ଅଙ୍କଲ/ ଆଂଟି, ନମସ୍କାର, ମୋ ନାଁ ଆର୍ଯ୍ୟା ଓ ମୁଁ ୫ ମାସର କୁନି ଶିଶୁଟିଏ ଆଜି ମୋ ମାଙ୍କ ସହ ପ୍ରଥମ ଥର ବିମାନରେ ମୋ ଜେଜେ/ଜେଜେ ମା'ଙ୍କ ପାଖକୁ ଯାଉଛି। ମୁଁ କାନ୍ଦିପାରେ। ଯଦି ମୋ କାନ୍ଦ ଶବ୍ଦରେ ଆପଣଙ୍କ ଅସୁବିଧା ହୁଏ ତେବେ ମୋ ଉପରେ ରାଗିବେନି ବରଂ ଚକୋଲେଟ୍, କେକ୍ ଓ ବିସ୍କୁଟ୍ ଖାଇ ମୋତେ କ୍ଷମା କରିଦେବେ। ' ଏତିକି ପଢ଼ି ମୁଁ ମନେମନେ ଢେର ହସିଲି।

ସକାଳଠାରୁ ଏପର୍ଯ୍ୟନ୍ତ ଯେତେସବୁ ବିମର୍ଷକର ଅନୁଭୂତି ହୋଇଥିଲା, ଏଇ କୁନି ଛୁଆର ଚାରି ଧାଡ଼ିଆ ଚିଠି ଖଣ୍ଡକ ସେ ସବୁକୁ ପାଶୋରି ପକେଇବାକୁ ଯଥେଷ୍ଟ ଥିଲା। ବଡ଼ମଣିଷମାନଙ୍କର କାଣ୍ଡକାରଖାନା ଦେଖି ମନମୋର ଯେତିକି ଦୁଃଖୀ ହେଇଥିଲା, କୁନି ଆର୍ଯ୍ୟାର ଚିଠିଟି ସେ ସବୁକୁ ଘୋଡ଼େଇ ଦେଇଥିଲା। ଆମ ବିମାନ ସେତେବେଳକୁ ରନ୍‌ୱେରେ ଗଡ଼ିବା ଆରମ୍ଭ କରିସାରିଥିଲା। ମୋ ମନରେ ଖୁସି ଆଉ ଉତ୍କଣ୍ଠାର ଲଢ଼େଇ ଚାଲିଥିଲା। ଗୋଟିଏ ଦିନରେ ଦୁଇଟି ବିମାନ ଛାଡ଼ିସାରି ୩ୟ ଟିରେ ଚଢ଼ିବାର ଗଡ଼ ଜିଣା ଖୁସିରେ ମୁଁ ହସୁଥିଲି ପୁଣି ସେଇ ଆର୍ଯ୍ୟା ନାମକ କୁନି ଝିଅଟିକୁ ଦେଖିବାପାଇଁ ଉତ୍କଣ୍ଠିତ ମଧ୍ୟ ହେଉଥିଲି। ଆମ ବିମାନ ଏଥର ଧିରେ ଧିରେ ଆକାଶକୁ ଉଠି ଭୁବନେଶ୍ୱର ଦିଗରେ ଉଡ଼ିଚାଲିଥାଏ। ମୁଁ ଆଖିବୁଜି ମୋ ଆଖପାଖର ଚିତ୍ର ଚରିତ୍ର ମାନଙ୍କୁ ମନେ ପକେଇ ବାରମ୍ବାର ଆସି ସେଇ କୁନି ଝିଅ ଆର୍ଯ୍ୟା ପାଖରେ ଅଟକିଯାଉଥାଏ। ବିମାନ ଖୁବ୍ ଉଚ୍ଚକୁ ଉଠି ସାରିଥାଏ।

## ମାସ୍କ ପରିଧାନ ବଜାୟ ରଖ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ
ମୋ: ୯୪୩୭୯୯୪୩୭୯

ଦୀର୍ଘ ୩ବର୍ଷ ଧରି ସମଗ୍ର ବିଶ୍ୱରେ ଆତଙ୍କର କାରଣ ପାଲଟିଥିବା କୋଭିଡ-୧୯ ସଂକ୍ରମଣ ଏବେ ଆଉ ଏକ ଆନ୍ତର୍ଜାତିକ ମହାମାରୀ ହୋଇରହିନାହିଁ। ଗତ ଏପ୍ରିଲ ମାସରେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (ହୁ) କରୋନା ସଂକ୍ରମଣକୁ ଆର୍ନ୍ତଜାତିକ 'ମହାମାରୀ' ତାଲିକାରୁ ବାଦ୍ ଦେଇଛି। କରୋନା ସଂକ୍ରମଣ ହ୍ରାସ ପାଇଛି, ସତ କିନ୍ତୁ ଏହାର ସମ୍ପୂର୍ଣ୍ଣ ଅନ୍ତ ଘଟି ନାହିଁ। ଏବେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଏହାର ଉପସ୍ଥିତି ରହିଛି। ତେବେ ସଂକ୍ରମଣ ସ୍ଥିତି ଏବେ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଥିବା ହୁ ଏହାକୁ ମହାମାରୀ ତାଲିକାରୁ ବାଦ୍ ଦେଇଛି, କିନ୍ତୁ ବିପଦ ସମ୍ପୂର୍ଣ୍ଣ ଟଳି ନାହିଁ ବୋଲି ଚେତାବନୀ ଦେଇଛି। କରୋନା ଭୂତାଣୁ ବାରମ୍ବାର ରୂପ ବଦଳାଇବା ଯୋଗୁଁ ମାନବ ସମାଜ ପାଇଁ ଚ୍ୟାଲେଞ୍ଜ ହୋଇ ରହିଛି, ବୋଧହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ୨୦୧୯ ନଭେମ୍ବରରେ ଚୀନର ଉହ୍ୱାନ ସହରରେ କରୋନା ଭୂତାଣୁ ଚିହ୍ନଟ ହେବାର ମାତ୍ର କିଛି ଦିନ ମଧ୍ୟରେ ଏହା ବିଶ୍ୱର ୨୦ଟି ରାଷ୍ଟ୍ରରେ ଦ୍ରୁତ ବେଗରେ ବ୍ୟାପିଯିବା ପରେ ହୁ ୨୦୨୦ ମସିହାର ଜାନୁୟାରୀ ୩୦ତାରିଖ ଦିନ କରୋନା ସଂକ୍ରମଣକୁ ବିଶ୍ୱ ମହମାରୀ ଭାବରେ ଘୋଷଣା କରିଥିଲା। କେବଳ ଏତିକି ନୁହେଁ, ଭୂତାଣୁର ମୁକାବିଲା ପାଇଁ କେତେକ ଗାଇଡ ଲାଇନ୍ ମଧ୍ୟ ଜାରି କରିଥିଲା। ଏହା ସତ୍ତ୍ୱେ ୨୦୨୦ ମଧ୍ୟ ଭାଗବେଳକୁ କରୋନା ସଂକ୍ରମଣ ବିଶ୍ୱର ୨୧୪ଟି ରାଷ୍ଟ୍ରରେ କାୟାବିସ୍ତାର କରିଥିଲା। ସଂକ୍ରମିତ ରାଷ୍ଟ୍ର ଏହାର ମୁକାବିଲା ପାଇଁ ତାଲାବନ୍ଦ ଘୋଷଣା କରିବା ସହ କଠୋର କଟକଣାମାନ ମଧ୍ୟ ଜାରିଥିବା ସତ୍ତ୍ୱେ ବିଶ୍ୱରେ ୫୦କୋଟିରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିବାବେଳେ ୬କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିଲା। ଆମ ଦେଶରେ ୬କୋଟିରୁ ଊର୍ଦ୍ଧ୍ୱ ଲୋକ ମହାମାରୀରେ ସଂକ୍ରମିତ ହୋଇଥିବା ସମୟରେ ସାଢେ ୫ଲକ୍ଷରୁ ଊର୍ଦ୍ଧ୍ୱ ମୃତ୍ୟୁମୁଖରେ ପଡିଛନ୍ତି। ଏବେ ଦେଶରେ ଦୈନିକ ସଂକ୍ରମଣ ୨୦୦ ଉପରେ ରହିଛି। ତେବେ ମହାମାରୀର ମୁକାବିଲା ଯୁଦ୍ଧକାଳୀନ ଭିତିରେ ଟିକାକରଣ ଯୋଗୁଁ ସମ୍ଭବ ହୋଇପାରିଛି। ଆମ ଦେଶରେ ୧୨ବର୍ଷରୁ ଊର୍ଦ୍ଧ୍ୱ ବୟସରୁ କିଶୋର-କିଶୋରୀଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ନାଗରିକଙ୍କ ପର୍ଯ୍ୟନ୍ତ ଲୋକମାନଙ୍କୁ ବର୍ତ୍ତମାନ ସୁଦ୍ଧା ୨୫୦କୋଟିରୁ ଊର୍ଦ୍ଧ୍ୱ ପାନ ଟିକା ଦିଆଯାଇସାରିଲାଣି। ଏଥି ମଧ୍ୟରୁ ବରିଷ୍ଠ ନାଗରିକ ଏବଂ କରୋନା ଯୋଦ୍ଧାମାନଙ୍କୁ ପ୍ରଥମ ଓ ଦ୍ୱିତୀୟ ପାନ ଟିକା ସହ ବୁଷ୍ଟର ଡୋଜ ଦିଆଯାଇଥିବାବେଳେ ଚତୁର୍ଥ ପାନ ଟିକାକରଣ ପାଇଁ କେନ୍ଦ୍ର ସରକାର ବିଚାର କରୁଥିବା ଜଣାଯାଏ। ସେହିପରି ଆମେରିକା, ବ୍ରିଟେନ, ଋଷ, ଅଷ୍ଟ୍ରେଲିଆ, ଚୀନ, ବ୍ରାଜିଲ, ୟୁରେପୀୟ ରାଷ୍ଟ୍ର ସମୂହ ସହ ବିଶ୍ୱର ସମସ୍ତ ପୀଡିତ ରାଷ୍ଟ୍ର ଟିକାକରଣକୁ ସାର୍ବଜନୀନ କରିଥିଲେ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲା-କରୋନା କଟକଣା ବାଧ୍ୟତାମୂଳକ ମାସ୍କ ପରିଧାନ, ଶାରୀରିକ ଦୂରତା ରକ୍ଷା, ବାରମ୍ବାର ହାତ ଧୋଇବା, ଗହଳି ଏଡାଇବା, କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ବିଶେଷ ଭୂମିକା ଗ୍ରହଣ କରିଥିଲା। ଏକ ସର୍ଭେ ରିପୋର୍ଟରୁ ଜଣାଯାଇଛି ଯେ, ସାର୍ବଜନୀନ ଟୀକାକରଣ ଏବଂ ମାସ୍କ ପରିଧାନ ସଂକ୍ରମଣକୁ ରୋକିବାରେ ସହାୟକ ହୋଇଛି। ଏବେ କରୋନାର ସମ୍ପୂର୍ଣ୍ଣ ଅନ୍ତ ଘଟି ନଥିବାରୁ ମାସ୍କ ପରିଧାନ ଏକମାତ୍ର ଫଳପ୍ରଦ ମାପଦଣ୍ଡ ଭାବେ ରହିଛି। କେବଳ କରୋନା ସଂକ୍ରମଣକୁ ରୋକିବାରେ ଏହାର ସହାୟକ ହୋଇନାହିଁ, ପ୍ରଦୂଷଣ ଏବଂ ଜ୍ୱର, କାଶ ଏବଂ ଜ୍ୱର, କାଶ, କଫ, ସର୍ଦ୍ଦି କ୍ଷେତ୍ରରେ ଯଥେଷ୍ଟ ଉପଯୋଗୀ ସାବ୍ୟସ୍ତ ହୋଇଛି। କହିବା ବାହୁଲ୍ୟ ଯେ, ଏବେ ବାୟୁ ପ୍ରଦୂଷଣ ମାନବ ସମାଜ ପାଇଁ ସବୁଠାରୁ ବଡ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ବାୟୁ ମଣ୍ଡଳରେ ପ୍ରଦୂଷଣର ମାତ୍ରା ବଢିଚାଲିଛି। ରାଜଧାନୀ ଦିଲ୍ଲୀରେ ବାୟୁମଣ୍ଡଳ ପ୍ରଦୁଷିତ ମାତ୍ରା ଏବେ ଅଧିକ ରହିଛି ଯେ, ଘର ବାହାରକୁ ବାହାରିଲେ କୃତ୍ରିମ ଅମ୍ଳଜାନ ସିଲିଣ୍ଡର ସାଥିରେ ନେବାକୁ ଲୋକେ ବାଧ୍ୟ ହେଉଛନ୍ତି। ବାୟୁ ପ୍ରଦୂଷଣ ଯୋଗୁଁ ଶ୍ୱାସକ୍ରିୟାଜନିତ ଓ ହୃଦ୍‌ରୋଗୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ଏକ ଅନୁଧ୍ୟାନରୁ ଜଣାପଡିଛି ଯେ, ମହାମାରୀ କରୋନା ପରେ ଶ୍ୱାସଜନିତ ରୋଗ ସଂଖ୍ୟା ବଢିଥିବା ବେଳେ ଶ୍ୱାସରୋଗ ଔଷଧ ବିକ୍ରି ବୃଦ୍ଧି ପାଇଛି। ୨୦୧୯ ମସିହା ତୁଳନାରେ ୨୦୨୩ରେ ଶ୍ୱାସ ରୋଗ ଔଷଧ ବିକ୍ରି ୬ ପ୍ରତିଶତ ବଢିଥିବା ଫାର୍ମାରାକ୍ ଆଓ୍ୱାକ୍ସ ଗବେଷଣାରୁ ଜଣାଯାଇଛି। ଏବେ କରୋନା ସଂକ୍ରମଣ ବିଶ୍ୱପୃଷ୍ଠରୁ ଲୋପ ପାଇନାହିଁ। ଏହାର ବିଭିନ୍ନ ଉପ-ପ୍ରଜାତି ଭୂତାଣୁ ସମୟେ ସମୟେ କାୟା ବିସ୍ତାର କରିବା ସହ ଘାତକ ସାବ୍ୟସ୍ତ ହୋଇଛି। ନିକଟରେ ଆମ ଦେଶରେ ମହାମାରୀର ଆଉ ଏକ ଲହର ଦେଖାଦେଇଥିଲା। ଦୈନିକ ସଂକ୍ରମଣ ୧୨ହଜାର ଟପିଥିବାବେଳେ ଏବେ ହ୍ରାସ ପାଇବାରେ ଲାଗିଛି। ମହାମାରୀର ସାଂପ୍ରତିକ ଲହରରେ ଦେଶରେ ଏକ ଲକ୍ଷରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) କରୋନାକୁ ବିଶ୍ୱ ମହାମାରୀ ତାଲିକାରୁ ବାଦ୍ ଦେଇଥିବା ବେଳେ ଭାରତ ସମେତ ବିଶ୍ୱର ସମସ୍ତ ପିଡିତ ରାଷ୍ଟ୍ର କଟକଣାକୁ ମଧ୍ୟ ଉଠାଇ ଦେଇଛନ୍ତି। ମାସ୍କ ପରିଧାନ ଏବେ ଆଉ ବାଧ୍ୟତାମୂଳକ ହୋଇ ରହିନାହିଁ। କରୋନାର ବିଭିନ୍ନ ସବ୍-ଭୂତାଣୁ ସକ୍ରିୟ ଥିବାରୁ ଆମକୁ ଏହା ମଧ୍ୟରେ ହିଁ ବଂଚିବାକୁ ହେବ। ତେଣୁ ନିଜର ସ୍ୱାସ୍ଥ୍ୟକୁ ନିଜେ ହିଁ ଜଗିବା ଦରକାର। ସ୍ୱାସ୍ଥ୍ୟ ସୁରକ୍ଷିତ ରଖିବା ପାଇଁ ମାସ୍କକୁ ନିଜ ଜୀବନର ଆଉ ଏକ ପୋଷକ (ଆଭୂଷଣ) ଭାବେ ଗ୍ରହଣ କରିବାର ସମୟ ଏବେ ଆସିଛି। କେବଳ ମାସ୍କ ନୁହେଁ, ଗହଳି ସ୍ଥାନରେ ଶାରୀରିକ ଦୂରତା ରକ୍ଷା ସହ ବାରମ୍ବାର ହାତ ଧୋଇବାକୁ ବଜାୟ ରଖିବା ବର୍ତ୍ତମାନ ସମୟର ବଡ ଆବଶ୍ୟକତା।

### ନୀତିବାଣୀ

ଦୂରେଣ ହ୍ୟବରଂ କର୍ମ ବୃଦ୍ଧିଯୋଗଦ୍ଧନଞ୍ଜୟ।
ବୃଦ୍ଧୌ ଶରଣମନ୍ୱିଚ୍ଛ କୃପଣାଂ ଫଳହେତବଃ।।

-ଶ୍ରୀମଦ୍‌ଭଗବଦ୍ ଗୀତା

## ମନରେଗା କାମ କରୁଛି ମେସିନ୍, ଶ୍ରମିକ ନିରାଶ



କୋକସରା, (ଭାସ୍କର ନ୍ୟୁଜ୍): ରାଧେରାଧେ ତମର ଅଧେକୁ ଆମର ଅଧେ ନୀତିରେ ଚାଲିଛି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଡାଲଗୁମା ପଞ୍ଚାୟତର ମନରେଗା କାମ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଆଲୋଚନା ଜୋର ଧରିଛି। ଏହି କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେବା ସହ ସିଂହଭାଗ କାମ ଭାଗବଣ୍ଟାରେ ଚାଲିଛି ବୋଲି ଅଭିଯୋଗ ଉପରେ ଅଭିଯୋଗ ହୋଇଛି। ଏପଟେ କାମ ନପାଇ ଶ୍ରମିକମାନେ ଅଭାବ ଅନାଟନ ମଧ୍ୟରେ ରହୁଥିବାବେଳେ ସରକାରୀ ବାବୁ ଓ ଠିକାଦାର ମାଲେମାଲ ହେଉଛନ୍ତି। ଡାଲଗୁମା ପଞ୍ଚାୟତର ମନରେଗା ଦୁର୍ନୀତି ହାଟରେ ପଡି ବାଟରେ ଗଡୁଥିବାବେଳେ ଏହା ବ୍ଲକ ପ୍ରଶାସନର ନଜରକୁ କିପରି ଆସି ପାରୁନାହିଁ କିମ୍ବା ଜାଣି ଶୁଣି ଆଖିରେ ଅନ୍ଧପୁଟୁଳି ବାନ୍ଧି ପ୍ରଶାସନ ବସି ରହିଛି ବୋଲି ସଚେତନ ନାଗରିକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅସାଧୁ ଗ୍ରାମୀଣ ରୋଜଗାର ସେବକ, ଯନ୍ତ୍ରୀ ଓ ଅଧିକାରୀମାନଙ୍କ ଠିକାଦାର ପ୍ରୀତି ଯୋଗୁଁ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍‌ରେ ଏହି ଯୋଜନା ପ୍ରହସନରେ ପରିଣତ ହୋଇଛି। ବ୍ଲକ୍‌ର ଡାଲଗୁମା ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଡାଲଗୁମା ଗ୍ରାମର ଖଜୁରୀ କଟାବନ୍ଧରେ ଅମୃତ ସରୋବର ଖନନ କାର୍ଯ୍ୟ ଚାଲିଛି। ଯାହାର ଓ୍ୱର୍କ କୋଡ଼ ୨୪୧୦୦୧୧୦୦୫/ଡବ୍ଲୁଏଚ୍/୧୦୪୯୮୪୯୩ ରହିଛି। ୨ ଏକର ୮୦ ଡିସିମିଲ ସ୍ଥାନରେ କାର୍ଯ୍ୟ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ମିଳିଥିବା ସୂଚନା ଫଳକରୁ ଜଣାପଡିଛି। ନିୟମ ଅନୁଯାୟୀ ଏହି କାମରେ ଶ୍ରମିକ ନିୟୋଜିତ ହେବାକଥା। କିନ୍ତୁ ଶ୍ରମିକ ବଦଳରେ ମେସିନରେ କାମ ହେଉଛି। ଏଠାରେ ସମସ୍ତ ନିତି ନିୟମ ଉଲ୍ଲଘଂନ କରାଯାଇ ପୋଖରୀ ପୁନଃଉଦ୍ଧାର କାର୍ଯ୍ୟ କରାଯାଉଛି। ବିଭାଗୀୟ ଯନ୍ତ୍ରୀ ଓ ଗ୍ରାମରୋଜଗାର ସେବକଙ୍କ ଜ୍ଞାତସାରରେ ଏହି କାମଟି ମେସିନ୍ ମାଧ୍ୟମରେ ହେଉଥିଲେ ହେଁ ପ୍ରଶାସନର ନଜର ନାହିଁ। କାର୍ଯ୍ୟକୁ ବିଭାଗ ସମ୍ପାଦନ କରିବା କଥା ହେଲେ ଏଥିରେ ସରପଞ୍ଚଙ୍କ ପାଖଲୋକ ଠିକାଦାର ସାଜିଛନ୍ତି। ପୂର୍ବରୁ ମଧ୍ୟ ଏହି ପଞ୍ଚାୟତରେ ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଛି। ଏମିତି କି ବିଗତ ଦିନରେ ମନରେଗା ଦୁର୍ନୀତିକୁ ନେଇ ଏହି ପଞ୍ଚାୟତର ଶ୍ରମିକ ଓ ନେତାମାନେ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିବା ମଧ୍ୟ ନଜକୁ ଆସିଛି। ତଥାପି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇ ନଥିବା ଯୋଗୁଁ ଖୋଲା ଖୋଲି ମନରେଗାରେ ଶ୍ରମିକ ବଦଳରେ ମେସିନରେ କାମ କରାଯାଉଛି। ଡାଲଗୁମା ପଞ୍ଚାୟତର ଏକାଧିକ ମନରେଗା କାର୍ଯ୍ୟରେ ଶ୍ରମିକ ବଦଳରେ ମେସିନ ବ୍ୟବହାର କରି ଠିକାଦାର ମାଲେମାଲ ହେଉଛନ୍ତି। ଏଣେ ସ୍ଥାନୀୟ ଶ୍ରମିକମାନେ କାମଧନ୍ଦ ନପାଇ ନିରାଶ ହୋଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ବିଗତ କିଛି ମାସ ଭିତରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ କୋକସରା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ୪ଜଣ ଶ୍ରମିକ ମୃତ୍ୟୁ ହୋଇଥିବାବେଳେ ବର୍ତ୍ତମାନ ମଧ୍ୟ ରାଜ୍ୟ ବାହାରେ ଶତାଧିକ ଶ୍ରମିକ ଦାଦନ ଖଟୁଥିବା ଜଣାପଡିଛି। ତେବେ ରାଜ୍ୟ ବାହାରେ ଆଉ କେତେ ଶ୍ରମିକଙ୍କ ମୁଣ୍ଡ ଗଡିଲେ କୋକସରା ବ୍ଲକ୍ ପ୍ରଶାସନ ଚେତିବ ଓ ମନରେଗା ଯୋଜନାରେ ଶ୍ରମିକ ନିୟୋଜିତ କରିବ ତାହାହି ଦେଖିବାର ଅପେକ୍ଷା। ଏନେଇ କୋକସରା ବ୍ଲକ୍ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନଙ୍କ ମତାମତ ନେବାରୁ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରୁଛି କ'ଣ ହୋଇଛି ପାଚାରି କି କହୁଛି ବୋଲି କୌଣସି ଉତ୍ତର ଦେଇ ନାହାନ୍ତି।

### ମିଳିତ ଅମଲା ମଞ୍ଚର ଗୁରୁତ୍ୱପୂର୍ଣ୍ଣ ବୈଠକ

## ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଚେତାବନୀ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଅମଲା ଭବନ ପରିସରରେ ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚ କଳାହାଣ୍ଡି ଶାଖାର ଗୁରୁତ୍ୱପୂର୍ଣ୍ଣ ବୈଠକ ୧୫ ତାରିଖ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ମୁଣ୍ଡଙ୍କ ସଭାପତିତ୍ୱ ତଥା ଆଶୁତୋଷ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ କାର୍ଯ୍ୟରତ ଅମଲାମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଅମଲା ସଂଘ କଳାହାଣ୍ଡି ଜିଲ୍ଲା ସଭାପତି ସୁକାନ୍ତ ମହାପାତ୍ର, ଟ୍ରେଜେରୀ ଅମଲା ସଂଘ ସଭାପତି ସମରେନ୍ଦ୍ର ପଣ୍ଡା ଓ ସ୍ୱାସ୍ଥ୍ୟ ବିଭାଗରୁ ବ୍ରଜବନ୍ଧୁ ମୁଣ୍ଡ ମଞ୍ଚାସୀନ ଥିଲେ। କନିଷ୍ଠ ସହାୟକ ମାନଙ୍କ ମୂଳ ଦରମା ଲେଭେଲ-୯ ଗ୍ରେଡ ପେ'-୪୨୦୦ କରିବା ପାଇଁ ସରକାରଙ୍କୁ ଚାପ ପକାଇବା ନିମନ୍ତେ ମତପ୍ରକାଶ ପାଇଥିଲା। ରାଜ୍ୟ ସରକାରଙ୍କୁ ଏ ସଂକ୍ରାନ୍ତୀୟ ଚରମ ଦାବିପତ୍ର ଗତ ମେ ୧ ତାରିଖ ଦିନ ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଯାହାର ନକଲ କଳାହାଣ୍ଡି ଜିଲ୍ଲାପାଳ ତଥା ପ୍ରତ୍ୟେକ କାର୍ଯ୍ୟାଳୟ ମୁଖ୍ୟଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସଂଘର ନିଷ୍ପତି ଅନୁଯାୟୀ ଆଗାମୀ ୨୧ତାରିଖ ସୁଦ୍ଧା ସରକାର ଅମଲାମାନଙ୍କ ଦାବି ଉପରେ ସକାରାତ୍ମକ ନିଷ୍ପତ୍ତି ନ ନେଲେ ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ପ୍ରତିବାଦ ସ୍ୱରୂପ କଳାବ୍ୟାଚ ପରିଧାନ ତଥା ଜୁନ ୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟି ଓ କାର୍ଯ୍ୟ ବନ୍ଦ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ ନିମନ୍ତେ ଅଧ୍ୟକ୍ଷ ଓ ଆବାହକ ଚୟନ କରାଯାଇଥିଲା। ଉପସ୍ଥିତ ଅମଲାମାନଙ୍କ ମଧ୍ୟରୁ ରାଜକିଶୋର ସାହୁ, ଟଙ୍କଧର ସାହୁ, ମନୋରଞ୍ଜନ ଛତ୍ରପାଳ ପ୍ରମୁଖ ମତାମତ ରଖିଥିଲେ। ଶେଷରେ ସୁଶାନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ୪୪ ଡିଗ୍ରୀ ଖରାରେ ବି କାମ କରୁଛନ୍ତି ଶ୍ରମିକ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ କଳାହାଣ୍ଡି ଜିଲ୍ଲାରେ ଗତ ୧୫ ତାରିଖ ସୋମବାର ଦିନ ପାରଦ ସର୍ବୋଚ୍ଚ ୪୪ଡିଗ୍ରୀରୁ ଅଧିକକୁ ଛୁଇଁଥିବା ଜଣା ପଡିଛି। ସରକାରୀ ଭାବେ ଗତ ୧୫ ତାରିଖ ଦିନ ଜିଲ୍ଲାର ଦିନର ତାପମାତ୍ରା ୪୩.୫୦ ଡିଗ୍ରୀ ଥିଲାବେଳେ ବେସରକାରୀ ଭାବେ ୪୪ ଡିଗ୍ରୀରୁ ଅଧିକ ବୋଲି ସୂଚନା ମିଳିଛି। ଖରାର କୋପ ଏଭଳି ରହିଛି ଯେ, ଦିନ ପ୍ରାୟ ୧୦ଟା ସୁଦ୍ଧା ହାଟ ବଜାର ଜନଶୂନ୍ୟ ହୋଇ ଯାଉଛି। ହେଲେ ଶ୍ରମ ବିଭାଗର ଉଦାସୀନତା ଯୋଗୁଁ ଏଭଳି ଖରାରେ ମଧ୍ୟ ଶ୍ରମିକମାନେ ଦିନ ଗୋଟାଏ ପର୍ଯ୍ୟନ୍ତ କାମ କରୁଥିବା ଦେଖିବାକୁ ମିଳୁଛି। କେତେବେଳେ କିଏ ଅଂଶୁଘାତର ଶୀକାର ହୋଇ ଟଳିପଡିବ ସେ କଥା କିଏ କହିବ ? ପଶୁ ପକ୍ଷୀମାନଙ୍କ ଅବସ୍ଥା କଥା ନ କହିଲେ ଭଲ। ବଜାରରେ ତରଭୁଜ, ତାଳସଜ ଦୋକାନରେ ଭିଡ ଥିଲାବେଳେ ଶୋଷ ମେଣ୍ଟାଇବା ପାଇଁ ଲସି, ସରବତ ଓ ଆଖୁରସ ଦୋକାନରେ ଭିଡ ଜମୁଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରବଳ ଖରାରେ ସେଭଳି ଜରୁରୀ କାମ ନ ଥିଲେ ଘରୁ ବାହାରିବା ପାଇଁ ସଚେତନ କରାଯାଉଛି।

## ଜିଲ୍ଲା କୋଶଳା ମାଳି ସମାଜର ପୁନର୍ଗଠନ ବୈଠକ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋଶଳା ମାଳି (ପଟେଲ) ସମାଜର ସାଂଗଠାନିକ ବୈଠକ ରବିବାର ଧର୍ମଗଡ଼ ବ୍ଲକ୍ ତରାପୁର ମହାଭାରତ ପଡ଼ିଆରେ ଅନୁଷ୍ଠିତ ହୋଇଛି। ପ୍ରଥମେ ତରାପୁର ଶିବ ମନ୍ଦିରରୁ ମଶାଲ ଯାତ୍ରା ବାହାରି ସଭା ସ୍ଥଳରେ ପହଞ୍ଚି ଥିଲା। ଏହାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସମାଜର ଜିଲ୍ଲା ସଭାପତି ସଞ୍ଜୟ କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ସ୍ୱତନ୍ତ୍ର ଅତିଥି ଭାବେ ଧର୍ମଗଡ ଏସ୍‌ଡିପିଓ ଧୀରଜ ଚୋପଦାର, ସମ୍ମାନିତ ଅତିଥି ଭାବେ ମସ୍ତରାମ ପଟେଲ, ଟଙ୍କଧର ପଟେଲ, ଲକ୍ଷ୍ମଣ ପଟେଲ, ସଚ୍ଚିଦାନନ୍ଦ ପଟେଲ ଯୋଗ ଦେଇଥିଲେ। ସହସମ୍ପାଦକ ଭୁବନ ପଟେଲ କାର୍ଯ୍ୟକ୍ରମରେ ବିବରଣୀ ଉପସ୍ଥାପନ ରଖିଥିଲେ। ଏହି ଅବସରରେ ଜିଲ୍ଲା କମିଟିର ପୁନର୍ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଜିଲ୍ଲା ସଭାପତି ଭାବେ ଦୁର୍ଯ୍ୟୋଧନ ପଟେଲ, ଉପସଭାପତି ଭାବେ ଧର୍ମୁ ପଟେଲ, ସମ୍ପାଦକ ଭାବେ ପବିତ୍ର କୁମାର ପଟେଲ, ସହସମ୍ପାଦକ ଭାବେ ଜୟହରି ପଟେଲ, କୋଷାଧ୍ୟକ୍ଷ ଭାବେ ପ୍ରଦୀପ ପଟେଲଙ୍କୁ ମନୋନୀତ କରାଯାଇଥିଲା। ଚିନ୍ତାମଣି ପଟେଲ ସ୍ୱାଗତ ଭାଷଣ ଓ ଧନ୍ୟବାଦ୍ ଦେଇଥିଲେ।

## ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଉପଜିଲ୍ଲାପାଳ, ଭବାନୀପାଟଣା ଡ. ବିଶ୍ୱଜିତ୍ ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ୧୫ ତାରିଖ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀଯନ୍ତ୍ରୀ, ଏନ୍‌ଏଚ୍ ବିଭାଗ ଅମିତ ଡୁଡୁ ଏଜେଣ୍ଡା ଅନୁଯାଇ ବ୍ଲାକ ସ୍ପଟ୍, ରାସ୍ତା ଅବରୋଧ, ରାସ୍ତା ମରାମତି ଓ ଜରୁରୀକାଳୀନ ଯତ୍ନ, ତଥା ସଚେତନତା ଉପରେ ନିଆଯାଇଥିବା ପଦକ୍ଷେପ ଓ ଗତ ୯.୧.୨୦୨୩ ରିଖରେ ଅନୁଷ୍ଠିତ ବୈଠକର ବିଭିନ୍ନ ପଦକ୍ଷେପ ଉପରେ ଗୃହରେ ସୂଚନା ଦେଇଥିଲେ। ବର୍ତ୍ତମାନ ଜିଲ୍ଲାରେ ଏନ୍‌ଏଚ୍ ୨୬ ରେ କନ୍ଦେସିର ଠାରୁ ତହଁସିର, ଉକ୍ରେଲା ବଂଗ୍ଲୋ ଛକ, ଚାଙ୍ଗେରଠାରୁ କୋକୋମୁଣ୍ଡା, ହାତୀବ୍ରିଜଠାରୁ ବଲଦିଆମାଲ ଏଭଳି ୪ଟି ବ୍ଲାକ ସ୍ପଟ୍ ରହିଛି। ଯେଉଁ ରାସ୍ତାରେ ରାସ୍ତା ନିରାପତ୍ତା ସାଇନ୍ ବୋର୍ଡ଼, ସତର୍କତା ବାର୍ତ୍ତା, ଗତି ସୀମା ବୋର୍ଡ, ରମ୍ବଲରସ୍ ନାହିଁ ତାହା ଲଗାଇବାକୁ ଶୀଘ୍ର ପଦକ୍ଷେପ ନେବାକୁ ଏନ୍‌ଏଚ୍, ଆର୍‌ଡି ଏବଂ ଆର୍‌ବି ନିର୍ବାହୀ ଯନ୍ତ୍ରୀଙ୍କୁ ଉପଜିଲ୍ଲାପାଳ କହିଥିଲେ। ସେଭଳି ଆର୍‌ଡିଓପିଡବ୍ଲୁଡି ରାସ୍ତା ଅନେକ ଜାଗାରେ ମରାମତି ଆବଶ୍ୟକ ଅଛି ଏବଂ ଏଥିପାଇଁ ଦୁର୍ଘଟଣା ଘଟୁଛି ଏହି ରାସ୍ତାର ଶୀଘ୍ର ଚିହ୍ନଟ କରିବାକୁ ଉପଜିଲ୍ଲାପାଳ କହିଥିଲେ। ଗତ ଏପ୍ରିଲ ମାସରେ ଜିଲ୍ଲାରେ ଆର୍‌ଟିଓ ଏବଂ ପୋଲିସ ବିଭାଗ ଦ୍ୱାରା ଦୃତ ଗାଡ଼ି ଚାଳନା,ବିନା ହେଲମେଟ ଓ ସିଟ୍ ବେଲ୍ଟ, ମଦ୍ୟପାନ ସହ ଗାଡ଼ି ଚାଳନା, ମୋବାଇଲରେ କଥା ହୋଇ ଗାଡ଼ି ଚାଳନା, ଅଧିକ ଓଜନ, ସିଗ୍ନାଲ ଜମ୍ପିଂ ଭଳି ଅପରାଧ ପାଇଁ ୧୭୫ ଜଣଙ୍କ ଲାଇସେନ୍ସ ନିଲମ୍ବନ କରାଯାଇଛି। ବିଶେଷତ ଆର୍‌ଟି ଓ ବିଭାଗ ଦ୍ୱାରା ଗତି ସୀମା ଉଲ୍ଲଘଂନରେ ଏପ୍ରିଲ ମାସରେ ୮୯ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି। ବୈଠକରେ ଆର୍‌ଟିଓ, କଳାହାଣ୍ଡି ଗତିକୃଷ୍ଣ ସାମନ୍ତରାୟ, ଏଇଇ, ଆର୍ ଏଣ୍ଡ ବି, ଇଇ ଆର୍‌ଡ଼ବ୍ଲୁଡି ଭବାନୀପାଟଣା, କେସିଙ୍ଗା, ଧର୍ମଗଡ ଅବକାରୀ ଅଧିକ୍ଷକ, ଇଓ, ଏନ୍‌ଏସି, କେସିଙ୍ଗା, ଧର୍ମଗଡ, ଭବାନୀପାଟଣା, କଳାହାଣ୍ଡି ଟ୍ରକ୍ ମାଲିକ ସଂଘ ସଭାପତି, ଡିଆଇପିଆର୍‌ଓ, ଇଇ, ଟିପିଡବ୍ଲୁଡିଏଲ୍, ଆର୍‌ଟିଓ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରେଗଡା ପଞ୍ଚାୟତରେ ଜନଶୁଣାଣି ଶିବିର



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ରେଗଡା ଗ୍ରାମ ପଞ୍ଚାୟତଠାରେ ବିଡିଓଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ଏଥିରେ ରେଗଡା ଗ୍ରାମ ପଞ୍ଚାୟତ ସରପଞ୍ଚ ଦୀପ୍ତି ରାଣୀ ସାହୁ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବସନ୍ତ କୁମାର ମିଶ୍ର, ଗ୍ରାମ ରୋଜଗାର ସେବକ ଛାୟାକାନ୍ତା ସାହୁ ସମେତ ସମସ୍ତ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଜନ ଶୁଣାଣି ଶିବିରରେ ମୋଟ ୧୧୪ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ।

ଏଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୩୮ଟି ଅଭିଯୋଗ ରହିଥିବା ବେଳେ ଆଉ ବାକି ଭତ୍ତା, ଜମି ଜମା ସଂକ୍ରାନ୍ତୀୟ ମାମଲା, ରାସନ, ବିଦ୍ୟୁତ ସଂଯୋଗୀ କରଣ ଓ ଅନ୍ୟାନ୍ୟ ବିଷୟରେ ଅଭିଯୋଗ ମାନ ହୋଇଥିଲା।

### ଗହମ ଓ ଚାଉଳ ଯୋଗାଣରେ ଅନିୟମିତତା

## ହିତାଧିକାରୀଙ୍କୁ ମିଳୁନି ଛତୁଆ ଓ ରନ୍ଧା ଖାଦ୍ୟ

କଲମପୁର/ଥୁଆମୂଳ ରାମପୁର, (ଭାସ୍କର ନ୍ୟୁଜ୍): ମାର୍ଚ୍ଚ ମାସରେ କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକର ୧୧ ଗୋଟି ପଞ୍ଚାୟତର ୭୯ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ମଧ୍ୟରୁ କେବଳ ବନ୍ଧକନା ଏବଂ ହାରାମାଲ ପଞ୍ଚାୟତର ପ୍ରାୟ ୧୧ଗୋଟି କେନ୍ଦ୍ରରେ ଛତୁଆ ବଣ୍ଟନ କରାଯାଇଥିଲା। ଅନ୍ୟ ୯ ଗୋଟି ପଞ୍ଚାୟତର ୬୮ ଗୋଟି କେନ୍ଦ୍ରର ହିତାଧିକାରୀଙ୍କୁ ମଇ ମାସର ତୃତୀୟ ସପ୍ତାହ ଆରମ୍ଭ ହୋଇଥିଲେ ମଧ୍ୟ ଯୋଗାଣ ହୋଇ ପାରିନାହିଁ। ସେହିଭଳି ଏପ୍ରିଲ ଏବଂ ମେ ମାସର ଛତୁଆ ପାଇବାରୁ ବନ୍ଧକନା ଏବଂ ହାରାମାଲ ପଞ୍ଚାୟତର ହିତାଧିକାରୀମାନେ ବଞ୍ଚିତ ହୋଇଛନ୍ତି। ଛତୁଆ ପ୍ରସ୍ତୁତି ପାଇଁ ପ୍ରତି ମାସରେ ଗହମ ୭୦ କ୍ୱିଣ୍ଟାଲ, ଚିନି ୧୬ କ୍ୱିଣ୍ଟାଲ, ଚଣା ୮ କ୍ୱିଣ୍ଟାଲ ଏବଂ ବାଦାମ ୭ କ୍ୱିଣ୍ଟାଲ ଆବଶ୍ୟକ ହେଉଥିବାବେଳେ, ଦୁଇ ମାସ ଧରି ଗହମ ଯୋଗାଣକାରୀ ସଂସ୍ଥା ଗହମ ଯୋଗାଇବାରେ ଅନିୟମିତତା କରୁଥିବାରୁ ବର୍ତମାନ ଛତୁଆ ପ୍ରସ୍ତୁତି ବନ୍ଦ ହେଇଯାଇଛି। ହିତାଧିକାରୀ ସେମାନଙ୍କ ଖାଦ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। କେବଳ ଛତୁଆ ନୁହେଁ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ମାଧ୍ୟମରେ ରନ୍ଧା ଖାଦ୍ୟ ଖାଉଥିବା ଶିଶୁ ଏବଂ ଅସହାୟ ବୃଦ୍ଧମାନେ ମଧ୍ୟ ଚାଉଳ ଯୋଗାଣ ହେଉନଥିବାରୁ ସେମାନଙ୍କ ଖାଦ୍ୟ ଖାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି କିଶୋରୀ ବାଳିକା ଏବଂ ଶିଶୁଙ୍କୁ ଦିଆଯାଉଥିବା ବାଦାମ ଲଡୁ ଯୋଗାଣ ମଧ୍ୟ ବନ୍ଦ ହେଇଯାଇଛି। କେଉଁ କାରଣ ପାଇଁ ଏହା ସବୁ ବନ୍ଦ ହେଇଛି ସେ ନେଇ କଲମପୁର ମହିଳା ଓ ଶିଶୁ ବିକାଶ ଅଧିକାରୀ ପ୍ରତୀମାରାଣୀ ଦାସଙ୍କ ସହ ଯୋଗାଯୋଗ କରାଯାଇଥିଲା। ଦୁଇମାସ ଧରି ଛତୁଆ ବଣ୍ଟନ ବନ୍ଦ ହୋଇଥିବା ସେ ସ୍ୱୀକାର କରିଥିଲେ। ଗହମ ଯୋଗାଣ ହେଉନଥିବାରୁ ଏହା ବନ୍ଦ ଥିବା କହିଥିଲେ। ହିତାଧିକାରୀଙ୍କୁ ମିଳୁନି। କିନ୍ତୁ କେଉଁ କାରଣ ପାଇଁ ଗହମ ଯୋଗାଣ ବନ୍ଦ ହେଇଛି ସେ ନେଇ କୌଣସି ସୂଚନା ଦେଇନଥିଲେ। ଅନ୍ୟପଟେ ସେ ନିକଟରେ କଲମପୁରଠାରେ ଯୋଗ ଦେଇଥିବାରୁ ତାଙ୍କ ନିକଟରେ ସବିଶେଷ ସୂଚନା ନଥିବା ଦର୍ଶାଇଥିଲେ। ଏନେଇ ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ଆର୍ଥିକ ବର୍ଷ ଆରମ୍ଭ ହୋଇସାରିଛି। ତୁରନ୍ତ ଏହାର ବ୍ୟବସ୍ଥା କରାଯାଇଛି। ଅଳ୍ପ ଦିନ ମଧ୍ୟରେ ଗହମ ଯୋଗାଣ କରାଯିବ ଏବଂ ଛତୁଆ ପ୍ରଦାନର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଥିଲେ।

### ଅଙ୍ଗନଓ୍ୱାଡି କର୍ମୀ ଚୟନରେ ଅନିୟମିତତା

## ଇସ୍ତଫା ଦେଲେ ୩ ଓ୍ୱାର୍ଡ ସଭ୍ୟ, ଗ୍ରାମବାସୀ ଅସନ୍ତୋଷ

କୋକସରା, (ଭାସ୍କର ନ୍ୟୁଜ୍): ପଞ୍ଚାୟତରେ ଆମର କୌଣସି କାର୍ଯ୍ୟ ଚଳୁନାହିଁ। ଅଙ୍ଗନବାଡ଼ି କର୍ମୀ ଚୟନ ସମ୍ବନ୍ଧରେ ମଧ୍ୟ ଗ୍ରାମର କୌଣସି କର୍ମକର୍ତ୍ତା ଓ ଓ୍ୱାର୍ଡ଼ ସଭ୍ୟ, ସଭ୍ୟାଙ୍କ କାର୍ଯ୍ୟକଳାପ ଗ୍ରହଣୀୟ ହୋଇ ପାରିନାହିଁ। ପ୍ରଶାସନ ପକ୍ଷରୁ କାର୍ଯ୍ୟ ଚାଲୁରହିଛି। ଏଭଳି କିଛି ଅଭିଯୋଗ କରି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ବରାଡଙ୍ଗା ପଞ୍ଚାୟତର ୩ ଜଣ ଓ୍ୱାର୍ଡ଼ ସଭ୍ୟ/ସଭ୍ୟା ନିଜର ଇସ୍ତଫା ପତ୍ର ସରପଞ୍ଚଙ୍କୁ ପ୍ରଦାନ କରିଛନ୍ତି। ସୋମବାର ବରାଡଙ୍ଗା ପଞ୍ଚାୟତର ଓ୍ୱାର୍ଡ଼ ନମ୍ବର ୧, ୨ ଓ ୩ର ଓ୍ୱାର୍ଡ଼ ସଭ୍ୟ/ସଭ୍ୟା ସୁଲୋଚନା ଭଏଁଷାଲ, ଓ୍ୱାର୍ଡ଼ ସଭ୍ୟ ଚୈତନ ସାହୁ ଓ ଓ୍ୱାର୍ଡ଼ ସଭ୍ୟା କୌଶଲ୍ୟା ଚଳାନ ଗ୍ରାମର ଶତାଧିକ ଲୋକଙ୍କ ଗହଣରେ ନିଜର ଇସ୍ତଫା ପତ୍ର ଧରି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ବିଡ଼ିଓ ଅନୁପସ୍ଥିତ ହେତୁ ନିଜର ଇସ୍ତଫା ପତ୍ର ପ୍ରଦାନ କରି ପାରିନଥିବା ବେଳେ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀଙ୍କୁ ଇସ୍ତଫା ପତ୍ର ଦେବାକୁ ଯାଇଥିଲେ। ତେବେ ସେମାନଙ୍କ ଇସ୍ତଫା ପତ୍ର ଗ୍ରହଣ କରିନଥିବା ଜଣାପଡିଛି। ଏହାପରେ ସେମାନେ ବ୍ଲକ୍ କାର୍ଯ୍ୟାଳୟରୁ ଫେରି ବରାଡଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ନିରୁପମା ସେଠୀଙ୍କୁ ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଏଥି ସହିତ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଧର୍ମଗଡ଼ ଉପଜିଲ୍ଲାପାଳ ଓ ଜିଲ୍ଲାପାଳ, କଳାହାଣ୍ଡିଙ୍କ ଉଦ୍ଦେଶ୍ୟରେ ନିଜର ଇସ୍ତଫା ପତ୍ର ପ୍ରେରଣ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ବରାଡଙ୍ଗା ଅଙ୍ଗନଓ୍ୱାଡି କେନ୍ଦ୍ର-୧ର ଅଙ୍ଗନଓ୍ୱାଡି କର୍ମୀ ଚୟନରେ ଗାଁର ପ୍ରାର୍ଥୀନୀଙ୍କୁ ଅଗ୍ରାଧିକାର ଦିଆ ନଯାଇ ଅନ୍ୟ ବ୍ଲକ୍‌ର ଜୈନିକା ପ୍ରାର୍ଥୀନୀଙ୍କୁ ଚୟନ ତାଲିକାରେ ଉଲ୍ଲେଖ କରାଯାଇଥିବା ଜାଣିବାକୁ ପାଇ ଗ୍ରାମବାସୀ ଓ ଓ୍ୱାର୍ଡ଼ ସଭ୍ୟ/ସଭ୍ୟାମାନେ ବିଭିନ୍ନ ସମୟରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣି, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳ ଓ ଜିଲ୍ଲାପାଳ କଳାହାଣ୍ଡିଙ୍କୁ ବାରମ୍ବାର ଅଭିଯୋଗ ଜଣାଇଥିଲେ। ହେଲେ କୌଣସି ଫଳପ୍ରଦ ହେଲା ନାହିଁ। ଯାହାକୁ ନେଇ ୩ଜଣ ଓ୍ୱାର୍ଡ଼ ସଭ୍ୟ/ସଭ୍ୟା ପଞ୍ଚାୟତରେ ଆମର କୌଣସି କାର୍ଯ୍ୟ ଚଳୁନାହିଁ, ଅଙ୍ଗନଓ୍ୱାଡ଼ି କର୍ମୀ ଚୟନ ସମ୍ବନ୍ଧରେ ମଧ୍ୟ ଗ୍ରାମର କୌଣସି କର୍ମକର୍ତ୍ତା ଓ ଓ୍ୱାର୍ଡ଼ ସଭ୍ୟ, ସଭ୍ୟାଙ୍କ କାର୍ଯ୍ୟକଳାପ ଗ୍ରହଣୀୟ ହୋଇ ପାରି ନାହିଁ ତେଣୁ ଆମ୍ଭେମାନେ ପଦବୀରେ ରହି କୌଣସି କାମ ନାହଁ ବୋଲି ଅଭିଯୋଗ କରି ଇସ୍ତଫା ଦେଇଥିବା କହିଛନ୍ତି। ଅନ୍ୟପଟେ ଗ୍ରାମର ଶତାଧିକ ଲୋକ ସେମାନଙ୍କ ଇସ୍ତଫାକୁ ସମର୍ଥନ କରିଥିବା ସହିତ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ ବାଲସି ମଣ୍ଡଳ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା




କେସିଙ୍ଗା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ବାଲସି ଗ୍ରାମରେ ଏକ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ, ବାଲସି ମଣ୍ଡଳର ନବନିର୍ବାଚିତ ସଭାପତି ମନୋହର ସାହୁଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ନୀଳମଣି ସାହୁ, ସମ୍ପାଦକ ନବୀନ କିଶୋର ସାହୁ ଯୋଗଦେଇଥିଲେ। ସର୍ବ ପ୍ରଥମେ ନେଗୀ କୋଦଣ୍ଡ ସାହୁ, ଚଣ୍ଡିଙ୍କୁ ପୂଜାର୍ଚ୍ଚନା କଲାପରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୀଳମଣି ସାହୁ, ନବୀନ କିଶୋର ସାହୁ, ହିରାମଣୀ ସାହୁ, ଶେଷ ଦେବ ସାହୁ, ମୂରଲୀ ଧର ସାହୁ, ଯୁବରାଜ ସାହୁ, ସୂଳପାଣି ସାହୁ, କୋଦଣ୍ଡ ସାହୁ, (କାର୍ଜି) ବିରଞ୍ଚି ସାହୁ, କିଶନ ଲାଲ୍ ସାହୁ, ରବୀନ୍ଦ୍ର ନାଥ ସାହୁ, ଅଶ୍ୱିନୀ କୁମାର ସାହୁ ଓ ନକୁଳ ସାହୁ ମଞ୍ଚାସୀନ ଥିଲେ। ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ଜିଲା ସଭାପତି ନୀଳମଣି ସାହୁ ଆଜିଠାରୁ ନବ ନିର୍ବାଚିତ ସଭାପତି ମନୋହର ସାହୁଙ୍କୁ ବାଲସି ମଣ୍ଡଳର ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲାଇବାକୁ ଘୋଷଣା କରିଥିଲେ। ଜିଲ୍ଲାରେ ବାଲସି ମଣ୍ଡଳ ଏକ ନମ୍ବର ବୋଲି ମଧ୍ୟ ଘୋଷଣା କରିଥିଲେ। ସାହୁ ସମାଜରେ ନିଶା ନିବାରଣ, ସମାଜର ଉନ୍ନତି, ଗରିବ ପରିବାରଙ୍କୁ ବିବାହ କାର୍ଯ୍ୟକ୍ରମରେ ଆର୍ଥିକ ସହାୟତା ଯୋଗାଇବା, ଶିକ୍ଷା, ସ୍ୱାସ୍ଥ୍ୟ, ପରିବାରରେ ସଂସ୍କାର ଗଠନ କରିବା, ସମେତ ସାହୁ ସମାଜର ଉପବିଧି ପ୍ରସ୍ତୁତି ଓ ନବୀକରଣ, ୫ ଜଣିଆ କମିଟି ଗଠନ କରାଯାଇ ବିବାହ କାର୍ଯ୍ୟକ୍ରମରେ ନୀତିନିୟମକୁ ଦୃଷ୍ଟି ରଖି ବିବାହ କରାଇବା, କୌଣସି ଲୋକ ଯୌତୁକ ଦାବି ନକରିବା, ରିଙ୍ଗ ସେରେମୋନି ହଟାଇବା, ଦଶାହ କାର୍ଯ୍ୟକ୍ରମରେ ଅଧିକ କପଡ଼ା ଅପବ୍ୟବହାର ନ କରିବା, ବିବାହ ସମୟରେ ମଣ୍ଡଳ ଓ ଗ୍ରାମ୍ୟ କମିଟିର ସଭାପତି ଏବଂ ସମ୍ପାଦକ ଉପସ୍ଥିତ ରହି ସମାଜର ନୀତିନିୟମ ଅନୁସାରେ ବିବାହ କାର୍ଯ୍ୟକ୍ରମକୁ ସୁଚାରୁରୂପେ ତୁଲାଇବା ଏବଂ ଆସନ୍ତା ଜୁନ ମାସରେ ଧର୍ମଗଡ଼ ସବ ଡିଭିଜନରେ ଦୁଇ ଦିନିଆ ମହାସଭାରେ ଯୋଗଦାନ ଦେବା ପାଇଁ କର୍ମକର୍ତ୍ତାମାନଙ୍କୁ ସୂଚନା ଦେଇଥିଲେ। ନର୍ଲା ବ୍ଲକ୍ ସଭାପତି ରବୀନ୍ଦ୍ର ସାହୁ ୩ ଦଫା ଦାବିପତ୍ର ଜିଲ୍ଲା ସଭାପତିଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଜିଲ୍ଲା କମିଟି ଓ ବାଲସି ମଣ୍ଡଳ ପକ୍ଷରୁ ନବ ନିର୍ବାଚିତ ସଭାପତିଙ୍କୁ ଉପଢୌକନ ଓ ପଗଡ଼ି ପିନ୍ଧାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲସି ମଣ୍ଡଳ ସମ୍ପାଦକ ଅଶ୍ୱିନି କୁମାର ସାହୁ ଓ ଲିଙ୍ଗରାଜ ସାହୁ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲସି ମଣ୍ଡଳର ସଭ୍ୟବୃନ୍ଦ ବନବିହାରୀ ସାହୁ, ଖଗେଶ୍ୱର ସାହୁ, ଦେବେନ୍ଦ୍ର ସାହୁ, ପୁର ସାହୁ, ଡୁଲା ମଣି ସାହୁ, ଡାକରୁସୀ ସାହୁ, ମକରନ୍ଦ ସାହୁ, ବିରଞ୍ଚି ସାହୁ, କୈବଲ୍ୟ ସାହୁ, ଲୀଳା ସାଗର ସାହୁ, କୁମର ମଣି ସାହୁ, ନରେନ୍ଦ୍ର ସାହୁ ଓ ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶିବ ପ୍ରସାଦ ସାହୁ ପ୍ରମୁଖ୍ୟ ଉପସ୍ଥିତ ହୋଇଥିଲେ। ପରିଶେଷରେ ଜିଲ୍ଲା ସଭାପତି ନୀଳମଣି ସାହୁ ଧନ୍ୟବାଦ ଦେଇ ସଭାକାର୍ଯ୍ୟ ସାଙ୍ଗ କରିଥିଲେ।

## ରାଶିଫଳ


ବୁଧବାର, ୧୭ ମଇ ୨୦୨୩



**ମେଷ:** ଆଜିର ଦିନ ଆପଣଙ୍କ ଆୟରେ ବୃଦ୍ଧି ଏବଂ ଲାଭ ହେବାର ସୂଚନା ମିଳିବ। ସାମାଜିକ କାର୍ଯ୍ୟଗୁଡ଼ିକରେ ଭାଗ ନେବାରେ ମନ ପ୍ରସନ୍ନ ରହିବ। ମାନ-ସମ୍ମାନ ଏବଂ ଆୟରେ ବୃଦ୍ଧି ହେବ। ବ୍ୟାପାରରେ ଲାଭ ହେବାର ସମ୍ଭାବନା ଅଛି। ସ୍ୱାସ୍ଥ୍ୟ ନ ବିଗଡୁ, ଏହାର ଧ୍ୟାନ ରଖିବେ। ଆୟ ଅପେକ୍ଷା ଖର୍ଚ୍ଚ ଅଧିକ ହୋଇପାରେ।




**ବୃଷ:** ଆଜି ପୂରାଦିନ ସ୍ନେହୀଜନ ଏବଂ ମିତ୍ରମାନଙ୍କ ସହିତ ଆମୋଦ-ପ୍ରମୋଦରେ ବିତିବ। ନୂଆ ବସ୍ତ୍ର ତଥା ଆଭୂଷଣ କିଣିବାର ଯୋଗ ଅଛି। ସାମାଜିକ ରୂପରେ ମାନ-ସମ୍ମାନ ପ୍ରାପ୍ତି ହେବ। କିନ୍ତୁ ମଧ୍ୟାହ୍ନ ପରେ ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କୁ ନିୟନ୍ତ୍ରିତ ବ୍ୟବହାର କରିବାକୁ ପଡ଼ିବ। ନୂଆ ସମ୍ବନ୍ଧ ବନାଇବା ପାଇଁ ପୂର୍ବ ବିଚାର କରିବାକୁ ଉପଦେଶ।



**ମିଥୁନ:** ବ୍ୟବସାୟୀମାନଙ୍କ ପାଇଁ ଆଜିର ଦିନ ବହୁତ ଲାଭଦାୟୀ ଅଟେ। ପାରିବାରିକ ବାତାବରଣ ମଧ୍ୟ ସୁଖ ଶାନ୍ତି ପୂର୍ଣ୍ଣ ରହିବ। ଶତ୍ରୁମାନଙ୍କ ଉପରେ ବିଜୟ ପ୍ରାପ୍ତି ହେବ। ବ୍ୟବସାୟ ସ୍ଥଳରେ ସହକର୍ମୀ ଆପଣଙ୍କ ପାଇଁ ସହାୟକ ହେବେ। ସ୍ୱାସ୍ଥ୍ୟର ଧ୍ୟାନ ରଖିବେ।




**କର୍କଟ:** ନୂଆ କାର୍ଯ୍ୟ ଆଜି ପ୍ରାରମ୍ଭ କରନ୍ତୁ ନାହିଁ। ବୌଦ୍ଧିକ ଚର୍ଚ୍ଚା ପାଇଁ ଆଜିର ଦିନ ଶୁଭ ନୁହେଁ। ମଧ୍ୟାହ୍ନ ପରେ ଘରର ବାତାବରଣ ସୁଖ-ଶାନ୍ତି ପୂର୍ବକ ରହିବ। ସେଥିପାଇଁ ମାନସିକ ରୂପରେ ଆଜି ପ୍ରଫୁଲ୍ଲିତ ଅନୁଭବ କରିବେ। ଶାରୀରିକ ସ୍ୱାସ୍ଥ୍ୟରେ ମଧ୍ୟ ସୁଧାର ହେବ। ବ୍ୟବସାୟରେ ସହଯୋଗୀମାନଙ୍କର ସମ୍ପୂର୍ଣ୍ଣ ସହଯୋଗ ମିଳିବ। ଆର୍ଥିକ ରୂପରେ ଲାଭ ହେବ।



**ସିଂହ:** ଆପଣଙ୍କ ହତାଶା ମାନସିକ ଏବଂ ଶାରୀରିକ ଦୁଇ ପ୍ରକାର ଆପଣଙ୍କୁ ବ୍ୟଗ୍ର କରିପାରେ। ସ୍ଥାବର ସଂପତ୍ତିର କାର୍ଯ୍ୟକୁ ସ୍ଥଗିତ କରିବା ଆପଣ ପାଇଁ ହିତକାରୀ ହେବ। ମାତାଙ୍କର ସ୍ୱାସ୍ଥ୍ୟ ବିଗିଡ଼ି ପାରେ, ଏହାର ଧ୍ୟାନ ରଖିବେ। ମଧ୍ୟାହ୍ନ ପରେ ଶାରୀରିକ ରୂପରେ ପ୍ରସନ୍ନତା ଅନୁଭବ ହେବ।



**କନ୍ୟା:** ବିଦେଶରୁ ଲାଭଦାୟୀ ସମାଚାର ମିଳିବାର ସମ୍ଭାବନା ଅଧିକ ଅଛି। ପୁଞ୍ଜି ନିବେଶ କରିଥିବା ଲୋକଙ୍କ ପାଇଁ ସମୟ ଲାଭଦାୟୀ ରହିବ। ମଧ୍ୟାହ୍ନ ପରେ ଆପଣ ଅଧିକ ଭାବନାଶୀଳ ବନିବେ। ଏଥିପାଇଁ ମନରେ ହତାଶାର ଭାବନାରେ ମଧ୍ୟ ବୃଦ୍ଧି ହୋଇପାରେ। ସ୍ୱାସ୍ଥ୍ୟ ବିଗିଡ଼ି ପାରେ। ସ୍ଥାବର ସଂପତ୍ତି ସମ୍ବନ୍ଧିତ କାଗଜପତ୍ରକୁ ପୂର୍ଣ୍ଣ କରିବା ପାଇଁ ଆଜିର ଦିନ ଭଲ ରହିବ।




**ତୁଳା:** ଆଜି ବାଣୀ ଉପରେ ନିୟନ୍ତ୍ରଣ ରଖିବେ। ନହେଲେ କାହା ସହିତ ମନମାଳିନ୍ୟର ପ୍ରସଂଗ ବନିପାରେ। ଶାରୀରିକ ଏବଂ ମାନସିକ ରୂପରେ ସ୍ୱାସ୍ଥ୍ୟ ମଧ୍ୟମ ଧରଣର ରହିବ। କିନ୍ତୁ ମଧ୍ୟାହ୍ନ ପରେ ଆପଣଙ୍କ ସ୍ଥିତିରେ ପରିବର୍ତ୍ତନ ଆସିବ। ଘରର ଅନ୍ୟ ସଦସ୍ୟମାନଙ୍କ ସହିତ ବୈଠକର ମହତ୍ତ୍ୱ ପୂର୍ଣ୍ଣ ବିଷୟଗୁଡ଼ିକରେ ନିର୍ଣ୍ଣୟ ନେବେ। ଯାତ୍ରା କିମ୍ବା ପର୍ଯ୍ୟଟନର ଆୟୋଜନ କରିବେ।



**ବିଛା:** ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ରଖିବେ। ନୂଆ ବସ୍ତ୍ର ଏବଂ ଆଭୂଷଣ କିଣିବା ପଛରେ ଧନ ଖର୍ଚ୍ଚ ହୋଇପାରେ। କିନ୍ତୁ ମଧ୍ୟାହ୍ନ ପରେ ଆପଣ ମାନସିକ ରୂପ ଅନିର୍ଣ୍ଣୟ ସ୍ଥିତିରେ ରହିବେ। ଆର୍ଥିକ ଲାଭ ଏବଂ ସାମାଜିକ ପ୍ରତିଷ୍ଠା ମିଳିବା ସହିତ ଆପଣ ପାରିବାରିକ ଜୀବନରେ ସୁଖ-ସନ୍ତୋଷର ଭାବନା ଅନୁଭବ କରିବେ। ଆୟରେ ବୃଦ୍ଧି ଏବଂ ବ୍ୟାପାରରେ ଲାଭ ମିଳିବ। ମିତ୍ରମାନଙ୍କ ସହିତ ପର୍ଯ୍ୟଟନର ଆୟୋଜନ ହେବ। ଜୀବନସାଥୀ ଏବଂ ସନ୍ତାନମାନଙ୍କଠାରୁ ଲାଭ ମିଳିବ।




**ଧନୁ:** ଆଧ୍ୟାତ୍ମିକ ଏବଂ ଈଶ୍ୱରଙ୍କର ଭକ୍ତିରେ ଆଜି ମନକୁ ଶାନ୍ତି ପ୍ରାପ୍ତ ହେବ। ମନରେ ଉଠିଥିବା ନକାରାତ୍ମକ ଭାବନା ମଧ୍ୟ ସମାପ୍ତ ହେବ। କୋର୍ଟ-କଚେରୀର କାର୍ଯ୍ୟବାହୀ ସମ୍ଭାଳିକରି କରନ୍ତୁ। ଶାରୀରିକ ସ୍ୱାସ୍ଥ୍ୟ ବିଗିଡ଼ିବାର ଆଶଂକା ଅଛି। ଶାରୀରିକ ଏବଂ ମାନସିକ ରୂପରେ ସୁସ୍ଥ ଅନୁଭବ କରିବେ। ଆପଣଙ୍କ ଆତ୍ମବିଶ୍ୱାସରେ ବୃଦ୍ଧି ହେବ। ଆମୋଦ-ପ୍ରମୋଦ କିମ୍ବା ମନୋରଞ୍ଜନର ପଛରେ ଧନ ଖର୍ଚ୍ଚ ହୋଇପାରେ।



**ମକର:** କାହା ସାଥିରେ ବାଦ-ବିବାଦ କିମ୍ବା ଯୁକ୍ତି ନ କରିବା ପାଇଁ ଉପଦେଶ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ସୁଖମୟ ବିଷୟଗୁଡ଼ିକ ଉପରେ ଆପଣଙ୍କର ରୁଚି ରହିବ। ଗଭୀର ଚିନ୍ତନ ଆପଣ ମନକୁ ଶାନ୍ତି ପ୍ରଦାନ କରିବ। ବୌଦ୍ଧିକ ରୂପରେ ଲେଖନ କାର୍ଯ୍ୟରେ ଆପଣ ସକ୍ରିୟ ରହି ପାରିବେ। ବ୍ୟବସାୟ ସ୍ଥଳରେ ସମ୍ଭାଳିକରି ଚାଲନ୍ତୁ। ଅଧିକାରୀ ବର୍ଗଙ୍କ ସହିତ ଚର୍ଚ୍ଚା ଏବଂ ବାଦ-ବିବାଦ ଟାଳନ୍ତୁ।



**କୁମ୍ଭ:** ବ୍ୟବସାୟ କ୍ଷେତ୍ରରେ ସଫଳତା ମିଳିବ। ଉପରିସ୍ଥ ଅଧିକାରୀ ବର୍ଗ ଆପଣଙ୍କୁ ପ୍ରୋତ୍ସାହିତ କରିବେ। ପ୍ରମୋଶନର ଯୋଗ ଅଛି। ପରିବାରର ବାତାବରଣ ଆନନ୍ଦପୂର୍ଣ୍ଣ ରହିବ। ସାମାଜିକ ତଥା ଆର୍ଥିକ କ୍ଷେତ୍ରରେ ଲାଭ ହେବ। ମିତ୍ରମାନଙ୍କର ମଧ୍ୟ ଲାଭ ହେବାର ସମ୍ଭାବନା ଅଛି। ମଧ୍ୟାହ୍ନ ପରେ ମନୋରଞ୍ଜନର ଆନନ୍ଦ ଲୁଟି ପାରିବେ। ଛୋଟ ଯାତ୍ରା କିମ୍ବା ପର୍ଯ୍ୟଟନର ଆୟୋଜନ ହେବ।



**ମୀନ:** ଉପରୀସ୍ଥ ଅଧିକାରୀମାନଙ୍କ ସହିତ କଥାବାର୍ତ୍ତା କରିବା ସମୟରେ ବିବେକ ରଖିବାକୁ ହେବ। ସନ୍ତାନମାନଙ୍କର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହୋଇପାରେ। ଲମ୍ବା ସମୟର ଯାତ୍ରାର ଯୋଜନା ଆପଣ ବନାଇ ପାରିବେ। ଧାର୍ମିକ ସ୍ଥଳର ଯାତ୍ରା କରିବାର ସଂକେତ ଅଛି। ମଧ୍ୟାହ୍ନ ପରେ ବ୍ୟବସାୟ ସ୍ଥଳର ବାତାବରଣ ଅନୁକୂଳ ରହିବ। ଗୃହସ୍ଥ ଜୀବନରେ ଆନନ୍ଦ ମିଳିବ।



ଶ୍ରୀପତିଙ୍କ ସହ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ଗୋପୀଆକୁଦ ପଞ୍ଚାୟତ ବାଲିସାହି ଗ୍ରାମର ଆନୁକୂଲ୍ୟରେ ମା' ବନ ଦୂଗା ଡ୍ରାମାଟିକ୍ କ୍ଲବ ତରଫରୁ ଡ୍ରାମା ଉଦ୍‌ଯାପିତ ହୋଇଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଯାପନ ଦିବସରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ଜିଲ୍ଲାର ପୂର୍ବତନ ସାସଂଦ ଡାକ୍ତର କୁଳମଣି ସାମଲ, ସମ୍ମାନିତ ଅତିଥି ଭାବେ ପ୍ରସନ୍ନ କୁମାର ସାମଲ, ଗୋପୀଆକୁଦ ପଞ୍ଚାୟତ ପୂର୍ବତନ ସରପଞ୍ଚ ନନ୍ଦିନୀ ପଣ୍ଡା, ଗ୍ରାମର ମୁରବି ଅମୂଲ୍ୟ ତାରାଇ, କ୍ଲବର ସଭାପତି ସୃତିରଞ୍ଜନ ସାମଲ, ସମ୍ପାଦକ ଭ୍ରମର ବର, ତ୍ରିଭୁବନ ଜୟସିଙ୍ଗ, ଶ୍ରୀନିବାସ ରାଉତଙ୍କ ସହିତ ବହୁ ମାନଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ମଞ୍ଚରେ ଉପସ୍ଥିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ମଞ୍ଚରେ ଉପସ୍ଥିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଗୋପୀଆକୁଦ ପଞ୍ଚାୟତର ବାଲିସାହି ଗ୍ରାମର ଛୋଟବଡ଼ କଳାକାରମାନଙ୍କୁ ନେଇ ମଞ୍ଚସ୍ଥ ନାଟକଟି ଚିତାକର୍ଷକ ହୋଇଥିଲା। ସବୁଠାରୁ ଆକର୍ଷଣ ବିଷୟ ଦୁଇ ଶିଶୁ କଳାକାରଙ୍କ ଅଭିନୟକୁ ଭୁରୀ ଭୁରି ପ୍ରଶଂସା କରିଥିଲେ।



## ନଗଡ଼ା ପରିସ୍ଥିତି ସମ୍ଭାବନା

# ଅପପୁଷ୍ଟି ଶିଶୁଙ୍କ ନାଁ'ରେ ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ





ରାଜନଗର, (ଭାସ୍କର ନ୍ୟୁଜ୍): ୨୦୧୬ ମସିହାରେ ଯାଜପୁର ଜିଲ୍ଲା ନଗଡ଼ାରେ ୧୯ଜଣ ଶିଶୁ ଅପପୃଷ୍ଟି ଶିକାର ହୋଇଥିବା ନେଇ ସମଗ୍ର ରାଜ୍ୟ ତଥା ଦେଶରେ ଚର୍ଚ୍ଚାକୁ ଆସିଥିଲା। ଖଣି ଖାଦାନ ଭରା ଶିଳ୍ପ ସମୃଦ୍ଧ ଏହି ଜିଲ୍ଲାର ନଗଡ଼ା ବିକାଶର ଚିତ୍ରକୁ ଫିକା କରି ଦେଇଥିଲା। ସରକାର କରୁଥିବା ବିଭିନ୍ନ ଯୋଜନା ତଳସ୍ତରରେ କିଭଳି କାର୍ଯ୍ୟକାରୀ ହେଉଛି, ଏହାର ବାସ୍ତବତା ନଗଡ଼ାର ଚିତ୍ର ଖୋଲି ଦେଇଥିଲା। ଅପପୃଷ୍ଟିକୁ ରୋକିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ସହାୟତାରେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ବାସ୍ତବ କ୍ଷେତ୍ରରେ ଶିଶୁଟି ଅପପୃଷ୍ଟିର ଶିକାର ହୋଇଥିବା ନେଇ ରିପୋର୍ଟ ବିଭାଗ ପକ୍ଷରୁ ଜାରୀ ହେବା ସହ ସ୍ୱତନ୍ତ୍ର ପୃଷ୍ଟିକର ଛତୁଆ ଯୋଗାଣ କରାଯାଉଛି। ମାତ୍ର ଶିଶୁ ଅପପୃଷ୍ଟିର ଶିକାର ହୋଇଥିବା ନେଇ ତାର ପିତା ମାତା କିମ୍ବା ସଂପୃକ୍ତ ଅଙ୍ଗନୱାଡି କର୍ମୀ ମଧ୍ୟ ଅବଗତ ନଥିବା ଜଣାପଡିଛି। ରାଜନଗର ବ୍ଲକ୍‌ରେ ୨୦୨୨ ନଭେମ୍ବର ମାସରୁ ୩୨୯ଜଣ ଶିଶୁ ଅପପୃଷ୍ଟିର ଶିକାର ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଏକଥା ଆମେ ମନରୁ କହୁନାହୁଁ। ସୂଚନା ଅଧିକାର ଆଇନରେ ଏହି ତଥ୍ୟ ମିଳିଛି। ସବୁଠାରୁ ବଡକଥା ହେଲା, ଏହି ସମୟରେ ଅଙ୍ଗନୱାଡି କର୍ମୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଯାହାଫଳରେ ଅଙ୍ଗନୱାଡି କେନ୍ଦ୍ରଗୁଡିକ ବନ୍ଦ ରହିଥିଲା। କର୍ମୀଙ୍କ ଅନୁପସ୍ଥିତିରେ ଓ କେନ୍ଦ୍ରଗୁଡିକ ବନ୍ଦ ଥିବା ବେଳେ ଶିଶୁମାନଙ୍କର ଓଜନ ଓ ମାପ କରି ପୋଷଣ ଆପରେ ଛାଡିଲା କିଏ? ସରକାର ଅଙ୍ଗନୱାଡି କର୍ମୀଙ୍କ ୪୨ଦିନର ଅନୁପସ୍ଥିତରେ କେନ୍ଦ୍ର ପରିଚାଳନା କରିବା ସହ ଛତୁଆ ବଣ୍ଟନ କରିବାକୁ ଚେଷ୍ଟା କରିଥିଲେ। ସୁପରଭାଇଜରମାନଙ୍କ ସହାୟତାରେ ୱାର୍ଡ ସଭ୍ୟ ଓ ଆଶାକର୍ମୀଙ୍କ ମାଧ୍ୟମରେ କାର୍ଯ୍ୟ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଅସହଯୋଗ କରିଥିଲେ। ସୁପରଭାଇଜରମାନେ କେନ୍ଦ୍ର ପରିଚାଳନା କରୁଥିବା ଦର୍ଶାଇବାକୁ ଯାଇ ପ୍ରକୃତରେ ଓଜନ ଓ ମାପ ନକରି ପୋଷଣ ଆପରେ ମନମୁଖୀ ଛାଡିବା ଯୋଗୁଁ ଏତେ ପରିମାଣରେ ଶିଶୁ ଅପପୃଷ୍ଟିର ଶିକାର ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଲା। ଏହି ଅଭିଯୋଗର ଯଥାର୍ଥତା ଅଛି। ଏହି ଅଞ୍ଚଳର କର୍ମୀମାନେ ସୁପରଭାଇଜର ଭାବେ ପଦୋନ୍ନତି ପାଇବା ପରେ ନିଯୁକ୍ତି ହୋଇଥିବା ସ୍ଥାନରୁ ୬ମାସରୁ ବର୍ଷକ ମଧ୍ୟରେ ଉଚ୍ଚ ଅଧିକାରୀଙ୍କୁ ହାତଗୁଂଜା ଦେଇ ଏହି ବ୍ଲକୁ ଚାଲି ଆସିଲେ। ଏପରିକି ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କୁ ପ୍ରଭାବିତ କରି ଯେଉଁ ସେକ୍ଟରରେ କର୍ମୀ ଭାବେ କାର୍ଯ୍ୟ କରୁଥିଲେ, ସେଠାରେ ସୁରଭାଇଜର ଭାବେ କାର୍ଯ୍ୟ କରୁଛନ୍ତି। ସେହିମାନେ ହିଁ ଅଙ୍ଗନୱାଡି କର୍ମୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ସମୟରେ ଆନୁମାନିକ ଓଜନ ଓ ମାପ କରି ପୋଷଣ ଆପରେ ଛାଡି ଦେଇଥିବା ନେଇ କିଛି ଅଙ୍ଗନୱାଡି ନାମ ଗୋପନ ସୂତ୍ରରେ ଅଭିଯୋଗ କରିଛନ୍ତି। ଅପପୃଷ୍ଟି ସଂପର୍କରେ ସଂପୃକ୍ତ ଅଞ୍ଚଳର ଅଙ୍ଗନୱାଡି କର୍ମୀ ଓ ଅଭିଭାବକ ଶିଶୁଟି ଅପପୃଷ୍ଟିର ଶିକାର ହୋଇଥିବା ନେଇ ଅବଗତ ନଥିବା ଜଣାପଡିଛି। ବାସ୍ତବ କ୍ଷେତ୍ରରେ ଅପପୃଷ୍ଟିର ଶିକାର ହୋଇଥିବା ନେଇ ଯେଉଁ ଶିଶୁମାନଙ୍କ ନାମ ପ୍ରକାଶ ପାଇଛି ଅନୁଧ୍ୟାନ ପରେ ଶତାଧିକ ଶିଶୁ ଅପପୃଷ୍ଟିର ଶିକାର ହୋଇନଥିବା ଦେଖିବାକୁ ମିଳିଛି। ଅପପୃଷ୍ଟି ଶିଶୁଙ୍କ ନାମରେ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଥିବା ନେଇ ଅଭିଯୋଗ ହେଉଛି। ଉଦାହରଣ ସ୍ୱରୂପ କୃଷ୍ଣନଗର ପଞ୍ଚାୟତ ବାଘୁଆ ଗ୍ରାମରେ ୧୩ଜଣ ଶିଶୁ ଅପପୃଷ୍ଟିର ଶିକାର ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। କୃଷ୍ଣନଗର ଗ୍ରାମରେ ୧୦ଜଣ, କୁରୁଂଟି ପଞ୍ଚାୟତ ବଳରାମପୁର ଗ୍ରାମରେ ୧୫ଜଣ, ବ୍ରାହ୍ମଣସାହି ଗ୍ରାମରେ ୩୧ ଜଣ ଶିଶୁ ଅପପୃଷ୍ଟିର ଶିକାର ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ଯାହାର ବାସ୍ତବତା ନାହିଁ। ଏହାଛଡା ଅପପୃଷ୍ଟିର ଶିକାର ହୋଇଥିବା ଏହି ଶିଶୁମାନଙ୍କ ପାଇଁ କେନ୍ଦ୍ର ତରଫରୁ ଛତୁଆ ଓ ଅଣ୍ଡା ଦିଆଯିବା ବ୍ୟତୀତ ସ୍ୱତନ୍ତ୍ର ପୃଷ୍ଟିକର ଛତୁଆ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହି ଅଞ୍ଚଳରେ ଅପପୃଷ୍ଟିରେ ଶିକାର ହୋଇଥିବା ସମସ୍ତ ଶିଶୁଙ୍କୁ ଏହି ପୃଷ୍ଟିକର ଛତୁଆ ଦିଆଯାଉନଥିବା ଅଭିଯୋଗ ହେଉଛି। କାଁ ଭାଁ ପୃଷ୍ଟିକର ଛତୁଆ ବଣ୍ଟନ କରି ଅନ୍ୟ ଛତୁଆ ପ୍ୟାକେଟଗୁଡିକୁ ହଡପ କରାଯାଉଥିବା ଅଭିଯୋଗ ହେଉଛି। ରାଜନଗର ବ୍ଲକକୁ ଦ୍ୱିତୀୟ ନଗଡା କରି ଗଢି ତୋଳିଥିବା କର୍ମଚାରୀଙ୍କୁ ବିରୁଦ୍ଧରେ ତଦନ୍ତ କରି କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ବ୍ଲକ ତଥା ଜିଲ୍ଲାକୁ ରାଜ୍ୟରେ ବଦନାମ କରିଥିବା କର୍ମଚାରୀଙ୍କୁ କେଉଁ ଉଚ୍ଚସ୍ତରୀୟ ଅଧିକାରୀ ସୁରକ୍ଷା ଦେଉଛନ୍ତି? ରାଜ୍ୟର ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଦିନେ କେନ୍ଦ୍ରାପଡା ଜିଲ୍ଲାପାଳ ଥିଲେ। ସେ ଏହି ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ କରିବାକୁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି। ସୂଚନା ଥାଉକି, ୨୦୨୨ ନଭେମ୍ବର ମାସରେ ୩୨୯ଜଣ ଶିଶୁ ଏହି ବ୍ଲକ୍‌ରେ ଅପପୃଷ୍ଟିର ଶିକାର ହୋଇଥିବା ନେଇ ରିପୋର୍ଟ ପାଇଥିବା ବେଳେ ଅପ୍ରେଲ ମାସର ରିପୋର୍ଟରେ ୧୭୯ଜଣ ଶିଶୁ ଏବେବି ଅପପୃଷ୍ଟି ଶିକାର ହୋଇଥିବା ନେଇ ପ୍ରକାଶ ପାଇଛି।

## ଜଳ ନିଷ୍କାସନ ପାଇଁ ସର୍ବଦଳୀୟ ବୈଠକ

କୁଜଙ୍ଗ, (ଭାସ୍କର ନ୍ୟୁଜ୍): ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ପ୍ରଶାସନିକ ଉଦାସୀନତା ଓ କେତେକ ସଂକୀର୍ଣ୍ଣମନ ବ୍ୟକ୍ତି ବିଶେଷଙ୍କ ପାଇଁ ସ୍ୱାଧୀନତାର ଦୀର୍ଘ ୭୫ ବର୍ଷ ପରେ ମଧ୍ୟ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବଜାରରୁ ଜଳ ନିଷ୍କାସନ ହୋଇନପାରିବା ବୁଦ୍ଧିଜୀବୀ ମହଲରେ ଚିନ୍ତାର ବିଷୟ ବସ୍ତୁ ପାଲଟିଛି। ଏନେଇ ଏକ ସର୍ବଦଳୀୟ ବୈଠକ କୁଜଙ୍ଗ ବ୍ଲକ୍ ସଭାଗୃହରେ ସାମ୍ବାଦିକ ଦୁଷ୍ମନ୍ତ ମାଝୀଙ୍କ ଅଧ୍ୟକ୍ଷତା ଓ ବିଚିତ୍ରାନନ୍ଦ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଲଘୁଚାପ ଜନିତ ଲଗାଣ ବର୍ଷା ହେଉ କିମ୍ବା ମୌସୁମୀ ବର୍ଷା ହେଉ ବର୍ଷା ପାଣିରେ କୁଜଙ୍ଗ ବଜାର ଉବୁଟୁବୁ ହୋଇଥାଏ। ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ, ବଜାରର ମୁଖ୍ୟ ରାସ୍ତାରେ ବଳାଗଣ୍ଠି ପର୍ଯ୍ୟନ୍ତ ପାଣି ଜମି ରହେ। ବର୍ଷାରେ କୁଜଙ୍ଗ ବଜାର ବହୁ ସମୟ ବେହାଲ୍ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥାଏ। ଏହି ପରିପ୍ରେକ୍ଷୀରେ କୁଜଙ୍ଗର ବୁଦ୍ଧିଜୀବୀ, ସ୍ଥାନୀୟ ନେତୃମଣ୍ଡଳୀକୁ ନେଇ କୁଜଙ୍ଗ ବଜାରରୁ ଜଳ ନିଷ୍କାସନ ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ଡାକ୍ତର କୁଳମଣୀ ସାମଲ, ଗଣ ସଂଗଠକ ବାବୁରାମ ଚୌଧୁରୀ, ସାଂସଦଙ୍କ ପ୍ରତିନିଧି ସୁଜଳ କୁମାର ସ୍ୱାଇଁ, ପାରାଦୀପ ନିର୍ବାଚନମଣ୍ଡଳୀର ନାରୀନେତ୍ରୀ ତଥା ସମାଜସେବୀକା ଓ କୁଜଙ୍ଗ ପଞ୍ଚାୟତ ସରପଞ୍ଚ ବନ୍ଦିତା ଦାସ, ସଭାପତି ଅରୁପ୍ରସାଦା ମହାନ୍ତି, ସାମ୍ୟବାଦ ଆନ୍ଦୋଳନର ପ୍ରମୁଖ ପୁରୋଧା ସୁବାଷ ମହାପାତ୍ର, କୁଜଙ୍ଗ ଓକିଲ ସଂଘର ପୂର୍ବତନ ସଭାପତି ଏଏନ୍‌ଡି ଯାଦବ, ବରିଷ୍ଠ ଆଇନଜୀବୀ ରମେଶ ଦାସ, ସାମ୍ବାଦିକ ମନୋଜ ପ୍ରଧାନ, କୃଷକ ନେତା ବିଭୂତି ଭୂଷଣ ଜେନା, ବିଜେପି ଯୁବ ନେତା ଅକ୍ଷୟ ଦାସ, ପ୍ରତିଷ୍ଠିତ ବ୍ୟବସାୟୀ ନବ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଅତିଥିମାନେ ଶ୍ରୀମତୀ ଦାସଙ୍କୁ କମିଟିର ସଭାନେତ୍ରୀ ଭାବେ ଘୋଷଣା କରିଥିଲେ। କୁଜଙ୍ଗରୁ ଜଳ ନିଷ୍କାସନ ପାଇଁ ସରକାର ଏକ ବୈଷୟିକ କମିଟି ଗଠନ କରିବା ସହ ଭୂତଳ ଡ୍ରେନେଜ୍ ବ୍ୟବସ୍ଥା ଏବଂ ସମାଗୋଳ ନଦୀ ଶଯ୍ୟା ଖନନ ପାଇଁ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ବିଜୟ ଖଟେଇ, ପୂର୍ବତନ ସମିତି ସଭ୍ୟ କବିରଞ୍ଜନ ବେହେରା, ନୂତନ ତ୍ରିପାଠୀ, ସାହିତ୍ୟିକ ବସନ୍ତ ମଞ୍ଜୁରୀ ଦାସ, ଅନଗ ମହାପାତ୍ର, ମଞ୍ଜଶ୍ରୀ ପ୍ରଧାନ, ଜୟନ୍ତୀ ଦାସ, ଗୀତା ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଆଇସିଏସ୍‌ଇରେ ଟପ୍ପର ସୋୟଂସୁ



ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ଥିବା ଦୀପ୍ତି କନ୍‌ଭେଣ୍ଟ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଜଣେ ଛାତ୍ର ମ୍ୟାଟ୍ରିକ ପରୀକ୍ଷାରେ ୯୫.୨% ପ୍ରତିଶତ ନମ୍ବର ରଖି ଚଳିତ ବର୍ଷ ଜିଲ୍ଲାରେ ଟପ୍ପର ହୋଇଛନ୍ତି ସୋୟଂସୁ ପ୍ରିୟଦର୍ଶୀ ପାତ୍ର। ମାଲକାନଗିରି ଜିଲ୍ଲା ସଦମହକୁମାରେ ଥିବା ସାଇନଗର କୁମୁଟିଗୁଡ଼ାରେ ସେ ତାଙ୍କ ପିତା ମାତାଙ୍କ ସହ ବସବାସ କରନ୍ତି। ତାଙ୍କ ବାପାଙ୍କ ନାମ ଶ୍ରୀ ପ୍ରଶାନ୍ତ ପାତ୍ର। ସେ ମାଲକାନଗିରି ମୁଖ୍ୟ ବଜାରରେ ଗୋଟିଏ ବହି ଦୋକାନ କରି ବ୍ୟବସାୟ କରୁଛନ୍ତି। ପୁଅର ଏପରି ପାଠ ପଢା ଦେଖି ବାପା ମା'ଙ୍କ ମନରେ ଖୁସିର ଲହରୀ ଭରିଯିବାର ଦେଖିବାକୁ ମିଳିଛି। ତେବେ ସୋୟଂସୁଙ୍କୁ ପଚାରି ବୁଝିବାରୁ ସେ କହିଲେ ସେ +୨ବିଜ୍ଞାନରେ ଭୁବନେଶ୍ୱରଠାରେ କୌଣସି ଏକ ସିବିଏସ୍‌ସି ପେଟର୍ନରେ ଅଧ୍ୟୟନ କରି ପରେ ଇଞ୍ଜିନିୟରିଂ ପାଠ ପଢ଼ିବେ ବୋଲି ସେ କହିଛନ୍ତି।

## ନବଜୀବନ ଫାଉଣ୍ଡେସନର ଷଷ୍ଠ ବାର୍ଷିକ ଉତ୍ସବ




ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗରସ୍ଥିତ କଲ୍ୟାଣ ମଣ୍ଡପ ଠାରେ ସୋମବାର ଦିନ ନବଜୀବନ ଫାଉଣ୍ଡେସନ୍‌ର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ବୈକୁଣ୍ଠ ନାଥ ସାହୁଙ୍କ ସଭାପତିତ୍ୱରେ ରାଜ୍ୟ କଂଗ୍ରେସ ପ୍ରଚାର କମିଟି ମୂଖ୍ୟ ତଥା ପୂର୍ବତନ ସାସନସଚିବ ବିଜୟ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଧାମନଗରର ବିଧାୟକ ସୂର୍ଯ୍ୟବଂଶୀ ସୁରଜ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଟୁନୀ ବାଳା ବିଶ୍ୱାଳ, କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାଢ଼ୀ, ସମାଜ ସେବୀ ଏସ୍‌ଏନ୍ ଫାରୁକ୍, ଶାରଦା ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମାଜ ଗଠନରେ ନାଗରିକଙ୍କ କର୍ତ୍ତବ୍ୟ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ନଦୀ, ଖଣି, ଜଙ୍ଗଲ ଏପରି କି ପ୍ରାକୃତିକ ଭରପୁର ତଥାପି ଆମ ଓଡ଼ିଶା ଗରୀବ ୮୩ ଶତକଡା ପ୍ରାକୃତିକ ଉଚ୍ଚ ଭରପୁର ତଥାପି ଆମେ ଆଗକୁ ଯାଇ ପାରୁନାହାନ୍ତି ଯଦି ଇଚ୍ଛା ଶକ୍ତି ପରିବର୍ତ୍ତନ ନ ହେବ ଆମ ଓଡିଶାର ଉନ୍ନତି ହୋଇ ପାରିବ ନାହିଁ ବୋଲି ଉଦ୍‌ଘାଟନ ଶ୍ରୀ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ। ଅଧ୍ୟାପକ ଶ୍ରୀଧର ସାହୁ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଅଧ୍ୟାପକ ଚିତ୍ତରଞ୍ଜନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏବିଇଓ ହେମେନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ନବଜୀବନର ମୁଖ୍ୟ ମାନସ ରଞ୍ଜନ ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀ ସୃଷ୍ଟିଶିବାନୀ ସ୍ୱାଇଁ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ମାନସ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ ଅଭିଯୋଗ ଶୁଣାଣି ଶିବିର

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଆଜି ପାଞ୍ଚପୀଢ ଉପଜିଲ୍ଲାପାଳଙ୍କ ସମିଳନୀ କକ୍ଷରେ ଉପଖଣ୍ଡର ୫ ଗୋଟି ବ୍ଲକ ଓ ଗୋଟିଏ ଏନ୍‌ଏସିକୁ ନେଇ ଜିଲ୍ଲାପାଳ ଭିନିତ୍ ଭରଦ୍ୱାଜ ଓ ଏସପି ରିଷିକେଶ ଡ୍ୟାନଦେଓ ଖିଲାରୀ ଜନ ଅଭିଯୋଗ ଶୁଣାଣି କରିଛନ୍ତି। ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୬୨ଟି ଅଭିଯୋଗ ଆସିଥିଲା ସେଥିମଧ୍ୟରୁ ୧୦ ଟି ଗୋଷ୍ଠୀ ଗତ ଥିବାବେଳେ ୫୨ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ଜନ ଅଭିଯୋଗ ଶୁଣାଣିରେ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ପିଏଆଇଟିଡିଏ ଦେବଦତ୍ତ ମହାନ୍ତ, ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ, ସମସ୍ତ ତହସିଲଦାର, ବିଡିଓ, ସିଡିପିଓ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପୂର୍ତ୍ତ, ବିଜୁଳି, ଉଠା ଜଳ ସେଚନ, ଜଳ ସମ୍ପଦ, ଉଦ୍ୟାନ ପ୍ରଭୃତି ବିଭାଗର ଅଧିକାରୀ ଗଣ ଯୋଗଦେଇ ସହଯୋଗ କରିଥିଲେ। ଉକ୍ତ ଶିବିରରେ ରେଡକ୍ରସ ପାଣ୍ଠିରୁ ୪ ଜଣଙ୍କୁ ମୋଟ ୨୨ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଦିଲ୍ଲୀପ କୁମାର ପଳେଇ, ଦିନେଶ କୁମାର ସାହୁ, ମହାନ୍ତ ବାବୁ ସହଯୋଗ କରିଥିଲେ।

## ମା' ବନ ଦୁର୍ଗା କ୍ଲବର ନାଟକ୍ ଉଦ୍‌ଯାପିତ

କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ଗୋପୀଆକୁଦ ପଞ୍ଚାୟତ ବାଲିସାହି ଗ୍ରାମର ଆନୁକୂଲ୍ୟରେ ମା' ବନ ଦୃଗା ଡ୍ରାମାଟିକ୍ କ୍ଲବ ତରଫରୁ ଡ୍ରାମା ଉଦ୍‌ଯାପିତ ହୋଇଯାଇଛି।

ଏହି ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଯାପନ ଦିବସରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ଜିଲ୍ଲାର ପୂର୍ବତନ ସାସଂଦ ଡାକ୍ତର କୁଳମଣି ସାମଲ, ସମ୍ମାନିତ ଅତିଥି ଭାବେ ପ୍ରସନ୍ନ କୁମାର ସାମଲ, ଗୋପୀଆକୁଦ ପଞ୍ଚାୟତ ପୂର୍ବତନ ସରପଞ୍ଚ ନନ୍ଦିନୀ ପଣ୍ଡା, ଗ୍ରାମର ମୁରବି ଅମୂଲ୍ୟ ତାରାଇ, କ୍ଲବର ସଭାପତି ସୃତିରଞ୍ଜନ ସାମଲ, ସମ୍ପାଦକ ଭ୍ରମର ବର, ତ୍ରିଭୁବନ ଜୟସିଙ୍ଗ, ଶ୍ରୀନିବାସ ରାଉତଙ୍କ ସହିତ ବହୁ ମାନଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ମଞ୍ଚରେ ଉପସ୍ଥିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

ଗୋପୀଆକୁଦ ପଞ୍ଚାୟତର ବାଲିସାହି ଗ୍ରାମର ଛୋଟବଡ଼ କଳାକାରମାନଙ୍କୁ ନେଇ ମଞ୍ଚସ୍ଥ ନାଟକଟି ଚିତାକର୍ଷକ ହୋଇଥିଲା।

ସବୁଠାରୁ ଆକର୍ଷଣ ବିଷୟ ଦୁଇ ଶିଶୁ କଳାକାରଙ୍କ ଅଭିନୟକୁ ଭୁରୀ ଭୁରି ପ୍ରଶଂସା କରିଥିଲେ।

## ଭାରତର ବିପର୍ଯ୍ୟୟ ହଟ୍‌ସ୍ପଟ୍ ମଧ୍ୟରେ ଓଡ଼ିଶାରେ ବାର୍ଷିକ ୪୦୦ ଜୀବନ ହାନୀ

ଯାଜପୁର, (ଭାସ୍କର ନ୍ୟୁଜ୍): ଭାରତର ବିପର୍ଯ୍ୟୟ ହଟ୍‌ସ୍ପଟ୍ ମଧ୍ୟରେ ଓଡ଼ିଶା ରହିଆସିଛି। ବାତ୍ୟା, ବନ୍ୟା, ମରୁଡ଼ି ଭଳି ଦୁର୍ବିପାକ ପ୍ରାୟ ପ୍ରତିବର୍ଷ ଘଟୁଛି। ଏଭଳି ବିପର୍ଯ୍ୟୟ ସହ ବଜ୍ରପାତରେ ଅଧିକ ଜୀବନହାନି ଘଟୁଛି। ୧୯୯୯ ମହାବାତ୍ୟା ପରେ ଏଯାଏ ବଜ୍ରପାତରେ ୫୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ବିଶେଷକରି ୨୦୧୫-୧୬ରୁ ବାର୍ଷିକ ହାରାହାରି ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ୨୦୧୭-୧୮ରେ ସର୍ବାଧିକ ୪୭୪ ଲୋକଙ୍କ ବଜ୍ରପାତଜନିତ ମୃତ୍ୟୁ ଘଟିଛି, ଯାହା ପୂର୍ବବର୍ଷ ତୁଳନାରେ ୧୮.୫% ଅଧିକ। ମୃତକଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି କୃଷକ, ବ୍ୟବସାୟୀ, ହକର ଏବଂ ନିର୍ମାଣ ଶ୍ରମିକ, ଯେଉଁମାନେ ବର୍ଷା ଓ ଘଡ଼ଘଡ଼ି ସମୟରେ ଖୋଲା ସ୍ଥାନରେ କାମ କରୁଥିଲେ କିମ୍ବା ଗଛ ତଳେ ଆଶ୍ରୟ ନେଇଥିଲେ। ତେବେ ଏଭଳି ମୃତ୍ୟୁକୁ ରୋକିବା ପାଇଁ ଜନସଚେତନତା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଏହା ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ପାଣିପାଗ ସଂକ୍ରାନ୍ତରେ ପୂର୍ବାନୁମାନ ଏବଂ ବଜ୍ରପାତ ନିୟନ୍ତ୍ରଣ ଉପରେ ଆବଶ୍ୟକ ପଦକ୍ଷେପ ଅଭାବରୁ ସାଧାରଣ ଲୋକଙ୍କ ଜୀବନ ବିପଦାପନ୍ନ ହୋଇଥିବା ମତପ୍ରକାଶ ପାଇଛି। ଯାଜପୁର ରୋଡ୍‌ର ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା କୁହନ୍ତି, ବଜ୍ରପାତ ବିଶେଷକରି ଗଛଲତା ଅଭାବରୁ ବୃଦ୍ଧି ହେଉଛି। ବିଭିନ୍ନ ଉନ୍ନୟନ କାର୍ଯ୍ୟ ଆଳରେ ବ୍ୟାପକ ଗଛକଟା ଚାଲିଛି। ସେହି ତୁଳନାରେ ବୃକ୍ଷରୋପଣ ହୋଇ ପାରୁନାହିଁ। ଏହାସହ ସାଧାରଣ ଲୋକଙ୍କ ମଧ୍ୟରେ ସେତେଟା ସଚେତନତା ସୃଷ୍ଟି କରାଯାଇ ପାରିନାହିଁ। ଏହାସହ ସରକାରୀସ୍ତରରେ ବଜ୍ରପାତକୁ ନେଇ ଠିକ୍ ଭାବେ ପୂର୍ବାନୁମାନ କରାଯାଇ ପାରୁନାହିଁ। ବୈଷୟିକ ଜ୍ଞାନକୌଶଳର ଅଭାବ ଯୋଗୁ ଉଚିତ ସମୟରେ ବଜ୍ରପାତ ସମ୍ପର୍କରେ ସୂଚନା ମିଳୁନି। ତେଣୁ ଜିଲାସ୍ତରରେ ଆବଶ୍ୟକ ଯନ୍ତ୍ରପାତି ଖଞ୍ଜାଯାଇ ସ୍ୱତନ୍ତ୍ର କେନ୍ଦ୍ର ମାଧ୍ୟମରେ ସୂଚନା ଦିଆଯାଇ ପାରିଲେ ବଜ୍ରପାତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇପାରିବ। ବରିଷ୍ଠ ନାଗରିକ ମାୟାଧର ନାୟକ କୁହନ୍ତି, ସଚେତନତା ଅଭାବରୁ ବଜ୍ରପାତ ମନୁଷ୍ୟକୃତ ବିପଦରେ ପରିଣତ ହେଉଛି। ଜଙ୍ଗଲ ସଫା ଏବଂ କଂକ୍ରିଟ ଜଙ୍ଗଲ ସୃଷ୍ଟି ଯୋଗୁ ଜଳବାୟୁ ପରିବର୍ତ୍ତନ ହେବା ସହ ପ୍ରଦୂଷଣ ବୃଦ୍ଧି ହୋଇଛି। ଧରଣୀ ମା' ଉପରେ ଅତ୍ୟାଚାର ବଢ଼ି ଚାଲିଛି। ଏହାସହ ଲୋକଙ୍କୁ ଯେତେ ସତର୍କ କଲେ ବି ସେମାନେ ସେତେଟା ସଚେତନ ହେଉନାହାନ୍ତି। ଫଳରେ ବଜ୍ରପାତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ବଜ୍ରପାତରୁ ଲୋକଙ୍କୁ ରକ୍ଷା କରିବା ନିମନ୍ତେ ୨୦୨୩-୨୪ ପାଇଁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ ଅନୁସାରେ ଏକ ଷ୍ଟେଟ୍ ଏକ୍‌ଜିକ୍ୟୁଟିଭ କମିଟି ଗଠନ କରାଯାଇଛି। ଗତ ୨ ତାରିଖରେ ଏହି କମିଟିର ପ୍ରଥମ ବୈଠକର ନିଷ୍ପତ୍ତି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ବଜ୍ରପାତରେ ଅଧିକ ମୃତ୍ୟୁ ହେଉଥିବା ୧୦ ଜିଲ୍ଲାରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏଥିରେ ମୟୂରଭଞ୍ଜ, ଗଞ୍ଜାମ, କେନ୍ଦୁଝର, ବାଲେଶ୍ୱର, କଟକ, ସୁନ୍ଦରଗଡ଼, ନବରଙ୍ଗପୁର, ଯାଜପୁର, ବଲାଙ୍ଗୀର ଓ କୋରାପୁଟ ଜିଲା ରହିଛି। ଏଥିପାଇଁ ୧ କୋଟି ୧୪ ଲକ୍ଷ ଟଙ୍କାର ବଜେଟ ପ୍ରସ୍ତୁତ କରାଯାଇଛି। ଏହି ଅର୍ଥରେ ଘଡ଼ଘଡ଼ି ଓ ବଜ୍ରପାତ ସମ୍ପର୍କରେ ପୋଷ୍ଟର ତିଆରି, ଗ୍ରାମ୍ୟସ୍ତରରେ ପଥପ୍ରାନ୍ତ ନାଟକ ଓ ଲୋକନୃତ୍ୟ, ବିଭିନ୍ନ ଗଣମାଧ୍ୟମରେ ବିଜ୍ଞାପନ, ସଚେତନତା ରଥ ପରିକ୍ରମା, ହାଟ ଆଦି ଜନଗହଳି ସ୍ଥାନରେ ସଚେତନତା କ୍ୟାମ୍ପ, ଅଡିଓ/ଭିଡିଓ ଭିଜୁଆଲ, ୱାଲ ପେଣ୍ଟିଂ, ସ୍କୁଲ୍ ଓ କଲେଜସ୍ତରରେ ସଚେତନତା କାର୍ଯ୍ୟକ୍ରମ, ଏସ୍‌ଏଚ୍‌ଜି ସଭ୍ୟାସଭ୍ୟଙ୍କ ମଧ୍ୟରେ ସଚେତନତା ବୈଠକ, କୃଷକ ଏବଂ କୃଷି ଉପତ୍ୟାକା ସଂସ୍ଥାଗୁଡ଼ିକୁ ନେଇ ବୈଠକ ଆଦି କାର୍ଯ୍ୟକ୍ରମ କରାଯିବ। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସମୁଦାୟ ପ୍ରାକୃତିକ ବିପର୍ଯ୍ୟୟଜନିତ ମୃତ୍ୟୁ ମଧ୍ୟରୁ ବଜ୍ରପାତରେ ୨୫ ପ୍ରତିଶତରୁ ଅଧିକ ମୃତ୍ୟୁ ରହିଛି। ରାଜ୍ୟ ସରକାର ବଜ୍ରପାତ ମୃତ୍ୟୁକୁ ୨୦୧୫ରେ ଷ୍ଟେଟ ସ୍ପେଶିଫିକ୍ ଡିଜାଷ୍ଟର ଭାବେ ଘୋଷଣା କରିଛନ୍ତି। ଏହିକ୍ରମରେ କ୍ଷତିଗ୍ରସ୍ତ ପରିବାର ବର୍ଗଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ତେବେ ସଚେତନତା ଅଭାବରୁ ବଜ୍ରପାତ ମୃତ୍ୟୁହାର ନିୟନ୍ତ୍ରଣ ହୋଇପାରୁନି ବୋଲି ମତପ୍ରକାଶ ପାଇଛି। ଯାଜପୁର ଜିଲା ଜରୁରିକାଳୀନ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କାଙ୍କୁ ପଚାରିବାରୁ ସେ କହିଛନ୍ତି, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଜାରି ପୂର୍ବାନୁମାନ ତଥ୍ୟକୁ ତହସିଲଦାର ଏବଂ ବିଡିଓମାନଙ୍କ ଜରିଆରେ ଗ୍ରାମାଞ୍ଚଳକୁ ପହଞ୍ଚାଇ ଦିଆଯାଉଛି। ଏହାସହ ସରକାରୀସ୍ତରରେ ମୃତକଙ୍କ ପରିବାରବର୍ଗଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି। ବଜ୍ରପାତ ପୂର୍ବାନୁମାନ ବାତ୍ୟା ଭଳି ବହୁ ପୂର୍ବରୁ ମିଳି ପାରୁନାହିଁ। ତେଣୁ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି।

## ସହାୟତାର ହାତ ବଢାଇଲେ ଅସହାୟ କଲ୍ୟାଣ ସମିତି

ପାରାଦୀପ, (ଭାସ୍କର ନ୍ୟୁଜ୍): ଅସହାୟ କଲ୍ୟାଣ ସମିତି ପାରାଦ୍ୱୀପ ଦ୍ୱାରା ଷଣ୍ଢକୁଦଠାରେ ଅସହାହାୟ ଲୋକମାନଙ୍କୁ ସହାୟତା ପ୍ରଦାନ କରାଯାଇଛି।

ଏଥିରେ ୫୦ରୁ ୧୦୦ ଜଣ ଅସହାୟ ବୃଦ୍ଧ, ବୃଦ୍ଧାଙ୍କୁ ସହାୟତା ରାଶି ସହ ବିସ୍କୁଟ, ପାଣି ବଣ୍ଟନ କରାଯାଇଛି।

ପ୍ରଚଣ୍ଡ ଖରା ହେତୁ ଅସହାୟ ଲୋକଙ୍କୁ ସମିତି ତରଫରୁ ଦହି ପାଣି ବଣ୍ଟନ କରାଯାଇଛି।


ଏଥିରେ ଏମ୍‌ଏନ୍‌ଏସ୍, ସିଏସ୍‌ଆର୍‌ର ମୁଖ୍ୟ ଜଗନଜ୍ୟୋତି ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ବୃଦ୍ଧବୃଦ୍ଧାମାନେ କିଭଳି ଅନବରତ ଭାବରେ ସହାୟତା ପାଇ ପାରିବେ ସେଥିପାଇଁ କମ୍ପାନୀ ଦ୍ୱାରା ସମସ୍ତ ସାହାଯ୍ୟର ହାତ ବଢା ଯିବ ବୋଲି ଶ୍ରୀ ମହାନ୍ତି ପ୍ରତିଶୃତି ଦେଇଥିଲେ।

ଏଥି ସହିତ ଅସହାୟ କଲ୍ୟାଣ ସମିତିର ମୁଖ୍ୟ ଉପଦେଷ୍ଟା ରତ୍ନାକର ଜେନା ଏବଂ ଅରୁଣ କୁମାର ଓଝା, ଉପସଭାପତି କୈଳାସ ଗୋଛାୟତ, ଧରିତ୍ରୀ ସାମଲ, ସଭାପତି ପଞ୍ଚାନନ ବେହେରା, ସାଧରଣ ସମ୍ପାଦକ ପ୍ରୀତିରେଖା ନାୟକ, କୋଷାଧକ୍ଷ ଦେବାଶିଷ ପ୍ରଧାନ, ଅନ୍ୟମାନେ ଜିତୁ, ଜ୍ୟୋସ୍ନା, ମମତା, ରୀନା ଶର୍ମିଷ୍ଠା, ରଶ୍ମିତା, ଟୁନି, ମାନସ, ଯୁଧିଷ୍ଠିର, ସୁଶାନ୍ତ ଉପସ୍ଥିତ ଥିଲେ।


ଆଜିର ସହାୟତା ରବୀନ ମିସ୍ତ୍ରୀ ଅସହାୟ ଲୋକଙ୍କୁ ସହାୟତା ପ୍ରଦାନ କରିଥିଲେ।

## ରାଶିଫଳ

ବୁଧବାର, ୧୭ ମଇ ୨୦୨୩




**ମେଷ:** ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ହେବେ।




**ବୃଷ:** ଆଜି ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ। ଅବଶ୍ୟ ନିକଟ ସମ୍ପର୍କୀୟଜନଙ୍କ ଆଶ୍ୱାସନା ମନକୁ ଲାଘବ କରିଦେଇପାରେ। ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ। ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି।



**ମିଥୁନ:** ଆଜି କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆପଣଙ୍କୁ ମହଙ୍ଗା ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ସକାଶେ ମନ ଭଲ ରହିବ ନାହିଁ। ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କଳା, ସାହିତ୍ୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ହେବନାହିଁ।




**କର୍କଟ:** ଆଜି ପୂର୍ବସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି। ବନ୍ଧୁମିଳନ ସହ ସାମୂହିକ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବାର ଆଶଙ୍କା ରହିଛି।



**ସିଂହ:** କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ। ବନ୍ଧୁଙ୍କ ମାଧ୍ୟମରେ ଅଭିଳଷିତ ଜିନିଷ ପାଇପାରିବେ। ତରବରିଆ ଯାତ୍ରାକରନ୍ତୁ ନାହିଁ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ରଚନାତ୍ମକ କାମ, ପରିବହନ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ ଅଟେ।



**କନ୍ୟା:** ଆଜି ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇଯିବ, ଏଥିରେ ଆଦୌ ସନ୍ଦେହ ନାହିଁ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ।



**ତୁଳା:** ଆଜି କର୍ମକ୍ଷେତ୍ରରେ ଅବ୍ୟବସ୍ଥା, ପାରିବାରିକ ଜୀବନକୁ ପ୍ରଭାବିତ କରିବ। ଅବଶ୍ୟ ବହୁଳାଂଶରେ ସୁଫଳ ପାଇପାରିବେ। ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସହ ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହୋଇପାରେ। ପାରିବାରିକ କଳହ ଦୂରିଭୁତ ହେବ।




**ବିଛା:** ଆଜି ସମସ୍ୟା ମଧ୍ୟରେ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ। ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ମନୋରଞ୍ଜନର ଅବସର ପ୍ରାପ୍ତ ହେବ। ଉତ୍ସାହବର୍ଦ୍ଧକ ସୂଚନା ପ୍ରାପ୍ତ ହେବ। ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଆୟରେ ବୃଦ୍ଧି ହୋଇପାରେ।



**ଧନୁ:** ଆଜି ଆଧ୍ୟାତ୍ମିକ ଭାବଧାରାକୁ ପରିପୁଷ୍ଟ କରିବେ। ଶାନ୍ତ ଓ ସୁଶିଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି। କିନ୍ତୁ ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।



**ମକର:** ଆଜି ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ ହୋଇଯିବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡିପାରେ। ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ ବାଣିଜ୍ୟାରମ୍ଭ କରିପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟି କରିବ। ପାରବାରିକ ସହଯୋଗ ମିଳିବ। କିଛି ପରିବାରର ସଦସ୍ୟମାନଙ୍କୁ ଅଳ୍ପ ଅସୁବିଧାର ସାମ୍ନା କରିବାକୁ ପଡିପାରେ। କିଛି କାମ ଅଧିକ ବ୍ୟୟ ପ୍ରମାଣିତ ହେବ।



**କୁମ୍ଭ:** ଆଜି ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି। କିନ୍ତୁ ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡନ ସୃଷ୍ଟି କରିବ। କିନ୍ତୁ ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।



**ମୀନ:** ଆଜି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ମନର ସରସତା ଉଭେଇ ଯାଇପାରେ। ଗୃହ ସମସ୍ୟା, ଗାଡିମୋଟର ସମ୍ପର୍କୀୟ ପ୍ରତିବନ୍ଧକ ଲାଗି ରହିବ। ବନ୍ଧୁବାନ୍ଧବ, ଧାରକରଜ ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଆୟରେ ବୃଦ୍ଧି ହୋଇପାରେ।



ଗ୍ରହନକ୍ଷତ୍ର

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କରଞ୍ଜିଆ, (ଭାସ୍କର ନ୍ୟୁଜ): ପାଞ୍ଚପୀଢ ଉପ ଜିଲ୍ଲାପାଳଙ୍କ ସମିଳନୀ କକ୍ଷରେ ଉପଖଣ୍ଡର ୫ ଗୋଟି ବ୍ଲକ ଓ ଗୋଟିଏ ଏନ ଏ ସି କୁ ନେଇ ଜିଲ୍ଲାପାଳ ଭିନିତ ଭରଦ୍ୱାଜ ଓ ଏସପି ରିଷିକେଶ ଡ୍ୟାନଦେଓ ଖିଲାରୀ, ଜନ ଅଭିଯୋଗ ଶୁଣାଣୀ କରିଛନ୍ତି କ୍ଷ ଏହି ଜନ ଅଭିଯୋଗ ଶୁଣାଣୀ ଶିବିରରେ ମୋଟ ୬୨ ଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ୧୦ ଟି ଗୋଷ୍ଠୀ ଗତ ଥିବାବେଳେ ୫୨ ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ଜନ ଅଭିଯୋଗ ଶୁଣାଣିରେ ଉପ ଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ପି. ଏ. ଆଇ. ଟି. ଡି. ଏ. ଦେବଦତ୍ତ ମହାନ୍ତ, ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ, ସମସ୍ତ ତହସିଲଦାର, ବିଡିଓ, ସିଡିପିଓ, ଶିକ୍ଷା, ସ୍ୱାସ୍ଥ, କୃଷି, ପୂର୍ତ୍ତ, ବିଜୁଳି, ଉଠା ଜଳ ସେଚନ, ଜଳ ସମ୍ପଜ, ଉଦ୍ୟାନ ପ୍ରଭୃତି ବିଭାଗର ଅଧିକାରୀ ଗଣ ଯୋଗଦେଇ ସହଯୋଗ କରିଥିଲେ କ୍ଷ ଉକ୍ତ ଶିବିରରେ ରେଡ କ୍ରସ ପାଣ୍ଠିରୁ ୪ ଜଣଙ୍କୁ ମୋଟ ୨୨ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା, କାର୍ଯ୍ୟକ୍ରମ କୁ ଦିଲ୍ଲିପ କୁମାର ପଳେଇ, ଦିନେଶ କୁମାର ସାହୁ, ମହାନ୍ତ ବାବୁ ସହଯୋଗ କରିଥିଲେ।

## ■ କୋଇଲା ଖଣିରେ ଫୁଟିଲା ଗୁଳି ■

# ଚାଲିଗଲା ୧୬ ଜୀବନ

ଇସଲାମାବାଦ: ପୁଣି ଥରେ ଅଶାନ୍ତ ହୋଇ ଉଠିଛି ପାକିସ୍ତାନ। ରକ୍ତାକ୍ତ ସଂଘର୍ଷ ସହ ଗୁଳି ଫୁଟିଛି। ଏଥିରେ ୧୬ ନିରୀହ ଜୀବନ ଚାଲି ଯାଇଛି। ବହୁ ଲୋକ ଗୁରୁତର ହୋଇ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏପରି ଏକ ଅଘଟଣ ପାକିସ୍ତାନର ଉତ୍ତର ପଶ୍ଚିମାଞ୍ଚଳରେ ଥିବା ଏକ କୋଇଲା ଖଣିରେ ଘଟିଛି। ପେଶୱାରଠାରୁ ୩୫ କି.ମି ଦୂର କୋହାଟ ଜିଲ୍ଲା ଦାରାଆଡାମଖେଲ କୋହଟ ଅଞ୍ଚଳରେ ଏହି ରକ୍ତାକ୍ତ ସଂଘର୍ଷ ଘଟିଛି। ଏକ କୋଇଲା ଖଣିର ସୀମାକୁ ନେଇ ଶନି ଖେଲ ଓ ଜରଧୁନ ଖେଲ ନାମକ ଦୁଇ ଜନଜାତି ସମ୍ପ୍ରଦାୟ ମଧ୍ୟରେ ବିବାଦ ଦେଖାଦେବା ପରେ ଏହା ସଂଘର୍ଷର ରୂପ ନେଇଥିଲା। ଉଭୟ ପକ୍ଷ ପରସ୍ପର ଉପରକୁ ଗୁଳିମାଡ଼ କରିଥିଲେ। ଏଥିରେ ଘଟଣାସ୍ଥଳରେ ୧୬ ଜଣଙ୍କର ମୃତ୍ୟୁ ଘଟିଥିଲା। ଗୁରୁତରମାନଙ୍କୁ ପୋଲିସ ହସ୍ପିଟାଲରେ ଭର୍ତ୍ତି କରିଛି। ଘଟଣାସ୍ଥଳକୁ ଅଧିକ ଫୋର୍ସ ପଠାଯାଇ ସ୍ଥିତିକୁ ନିୟନ୍ତ୍ରଣ ଭିତରକୁ ଅଣାଯାଇଛି। ଏହି କୋଇଲା ଖଣିର ସୀମାକୁ ନେଇ ଦୀର୍ଘଦିନ ହେବ ବିବାଦ ଲାଗି ରହିଛି। ଏହାର ସମାଧାନ ପାଇଁ ବାରମ୍ବାର ବୈଠକ ବସୁଥିଲେ ମଧ ସମାଧାନର ସୂତ୍ର ବାହାରି ପାରୁନାହିଁ। ଫଳରେ ବହୁ ସମୟରେ ଉଭୟ ଗୋଷ୍ଠୀ ମୁହାଁମୁହିଁ ହେବା ସହ ରକ୍ତାକ୍ତ ସଂଘର୍ଷ ଲାଗି ରହିଛି। ଅତୀତରେ ମଧ ଏହି କାରଣରୁ ବହୁ ଲୋକଙ୍କ ଜୀବନ ଯାଇଛି। ଘଟଣାସ୍ଥଳରେ ସଶସ୍ତ୍ର ପୋଲିସ ମୁତୟନ ହୋଇଛନ୍ତି।

## ଦୁବାଇ-ଭୁବନେଶ୍ୱର ମଧ୍ୟରେ ବିମାନସେବା

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ପ୍ରବାସୀ ଓଡ଼ିଆ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଦୁବାଇ ଓ ଭୁବନେଶ୍ୱର ମଧ୍ୟରେ ସିଧାସଳଖ ବିମାନସେବା ଆରମ୍ଭ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରବାସୀ ଓଡ଼ିଆ ଧନ୍ୟବାଦ ଦେଇଛନ୍ତି। ଦୁବାଇରେ ଅବସ୍ଥାପିତ ଏକ ଭାରତୀୟ ବହୁରାଷ୍ଟ୍ରୀୟ କମ୍ପାନୀର ମୁଖ୍ୟ ପ୍ରିୟଦର୍ଶୀ ପାଣିଗ୍ରାହୀ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କୁ ଭେଟି ଖୁସି ହୋଇଥିଲେ ଓ ତାଙ୍କ କଥା ଶୁଣିଥିଲେ। ଶ୍ରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆସିଥିବା ଟିମ୍ ଏହି ବିମାନସେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଥିଲେ। ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ମାତ୍ର ୪ ଘଣ୍ଟା ମଧ୍ୟରେ ଦୁବାଇରୁ ଭୁବନେଶ୍ୱରରେ ପହଞ୍ଚି ହେଉଛି। ସେ ମୁଖ୍ୟମନ୍ତ୍ରୀଙ୍କୁ ଏକ ପାରମ୍ପରିକ ଖଣ୍ଡା ମଧ୍ୟ ଉପହାର ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ସେମାନଙ୍କୁ ହକି ଟି-ସାର୍ଟ ପ୍ରଦାନ କରିଥିଲେ। ହକିର ପ୍ରସାର ପ୍ରଚାର କରିବାରେ ଓଡ଼ିଶାର ଉଦ୍ୟମ ବିଷୟରେ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅବଗତ କରାଇଥିଲେ।

# ଡେଙ୍ଗବୋରେଇ ଅଞ୍ଚଳରେ କାଳବୈଶାଖୀ

ଢେଙ୍କାନାଳ, (ଭାସ୍କର ନ୍ୟୁଜ): କାଳବୈଶାଖୀ ପ୍ରଭାବରେ ସଦର ଥାନା ଅନ୍ତର୍ଗତ ଗୁଣ୍ଡିଚାପଡା ଡେଙ୍ଗବୋରେଇ ଅଂଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ମଙ୍ଗଳବାର ଅପରାହ୍ନରେ ଝଡତୋଫାନ ହୋଇଥିଲା। ପ୍ରବଳ ବର୍ଷା ପବନରେ ଡେଙ୍ଗବୋରେଇ ଗ୍ରାମର ୪ ଜଣଙ୍କର ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ବଡ ବଡ ଗଛ ଭାଙ୍ଗି ପଡିବା ଯୋଗୁଁ ରାସ୍ତା ଅବରୋଧ ହୋଇଛି। ବିଦ୍ୟୁତ୍ ଖୁଣ୍ଟି ନଇଁଯିବା ଯୋଗୁଁ ବିଦ୍ୟୁତ୍ ଯୋଗାଣରେ ବ୍ୟାଘାତ ହୋଇଛି। ସେଠାରେ ଥିବା ଏକ କୁକୁଡା ଫାର୍ମରେ ମଧ କ୍ଷୟକ୍ଷତି ହୋଇଥିବାର ଜଣାଯାଇଛି। ରାଜସ୍ୱ ବିଭାଗ ଦ୍ୱାରା ଘଟଣାର ଅନୁସନ୍ଧାନ ପରେ ପ୍ରକୃତ କ୍ଷୟକ୍ଷତିର ଆକଳନ କରାଯିବ।


GOVERNMENT OF CHHATTISGARH, WATER RESOURCES DEPARTMENT
OFFICE OF THE EXECUTIVE ENGINEER
WATER RESOURCES DIVISION KORBA
DISTT.-KORBA(C.G.)
e-PROCUREMENT TENDER NOTICE
e-Procurement Portal:https://eproc.cgstate.gov.in
(FIRST CALL)

System Tender No.133439 NIT No.:02/SAC/2023-24, Dated: 15.05.2023
Online Tenders are invited for the following works up to 05.06.2023 at 17.30 Hour

NAME OF WORK: CONSTRUCTION OF JENJRA ANICUT IN AHIRAN RIVER
PROBABLE AMOUNT OF CONTRACT: - RS.783.29 LAKHS


THE DETAILS CAN BE VIEWED AND DOWNLOADED ONLINE DIRECTLY FROM THE GOVERNMENT OF CHHATTISGARH INTEGRATED E-PROCUREMENT PORTAL (HTTPS://EPROC.CGSTATE.GOV.IN) FROM Date 22.05.2023 at 17.31 Hours. (IST) onwards.

NOTE:- All eligible/interested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.

SD/- EXECUTIVE ENGINEER
WATER RESOURCES DIVISION KORBA
DISTT.- KORBA(C.G.)

G-01211/9


# ଦୁବାଇରେ ଓଡ଼ିଶା ଦିବସ ସମାରୋହ





ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଭୁବନେଶ୍ୱର ଓ ଦୁବାଇ ମଧ୍ୟରେ ସିଧାସଳଖ ବିମାନ ସେବାକୁ ନେଇ ଦୁବାଇଠାରେ ଏକ ସ୍ୱତନ୍ତ୍ର ସାଂସ୍କୃତିକ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଏହି ଉପଲକ୍ଷେ ଦୁବାଇରେ ଓଡ଼ିଶା ଦିବସ ସମାରୋହ ମହାସମାରୋହରେ ପାଳିତ ହୋଇଥିଲା। ଲେ-ମେରିଡିଏନ୍‌ଠାରେ ଏଥିପାଇଁ ଏକ ସମାରୋହର ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ଯୋଗେ ସେଠାରେ ଉପସ୍ଥିତ ଥିବା ହଜାରେରୁ ଅଧିକ ବ୍ୟକ୍ତିବିଶେଷଙ୍କୁ ସମ୍ଭାଷଣ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ଦୁବାଇରେ ଭାରତର କନସୁଲେଟ୍ ଜେନେରାଲ ଅମନ ପୁରୀ ସିଧାସଳଖ ବିମାନସେବା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଓଡ଼ିଶା ସମଗ୍ର ବିଶ୍ୱସହ ଯୋଗାଯୋଗ ରଖିବାରେ ଏକ ଅଦ୍ୱିତୀୟ ଭୂମିକା ଗ୍ରହଣ କରିଛି। ଏହି ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ରପଣ୍ଡା ଏବଂ ଉନ୍ନୟନ କମିଶନର ଅନୁଗର୍ଗ ମଧ୍ୟ ଉଦ୍‌ବୋଧନ ଦେଇଥିଲେ। ଏଥିରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଯୋଗଦେଇ ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ପ୍ରଶ୍ନର ଉତ୍ତର ରଖିବା ସହ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଓଡ଼ିଶା ସରକାର ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାରେ ରାଜ୍ୟବାସୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। ମହିଳାଙ୍କ କ୍ଷେତ୍ରରେ ୧୦ଲକ୍ଷ ଟଙ୍କାର ସହାୟତା ରାଶି ରହିଥିବାବେଳେ ପୁରୁଷଙ୍କ କ୍ଷେତ୍ରରେ ଏହା ୫ ଲକ୍ଷରେ ସୀମିତ ରଖାଯାଇଛି। ଏଥିରେ ବହୁ ଲୋକ ଉପକୃତ ହେଉଛନ୍ତି। ସେମାନଙ୍କୁ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ କାର୍ଡ ଯୋଗାଇ ଦିଆଯାଇଛି। ଅନ୍ୟପକ୍ଷରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଉପରେ ମଧ୍ୟ ଶ୍ରୀ ପାଣ୍ଡିଆନ ଆଲୋକପାତ କରିଥିଲେ। ସେ କହିଥିଲେ ଯେ କେବଳ ପୁରୀ ନୁହେଁ, ବିଦେଶର ବିଭିନ୍ନ ରାଷ୍ଟ୍ରରେ ମଧ୍ୟ ମହାପ୍ରଭୁଙ୍କ ରଥଯାତ୍ରା ପାଳନ କରାଯାଉଛି। ଏହି ଅବସରରେ ସେ ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ବିଭିନ୍ନ ପ୍ରଶ୍ନର ମଧ୍ୟ ଉତ୍ତର ରଖିଥିଲେ। ଓଡ଼ିଶା ସରକାରଙ୍କ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ ଉପରେ ମଧ୍ୟ ସେ ନିଜର ମତ ରଖିଥିଲେ। ଏହି ସମାରୋହରେ ପ୍ରବାସୀ ଓଡ଼ିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଶ୍ରୀ ପାଣ୍ଡିଆନଙ୍କୁ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଶ୍ନ ପଚାରିଥିଲେ। ଏହି ସମାରୋହରେ ଓଡ଼ିଶୀ ନୃତ୍ୟସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଜେଡିର ବରିଷ୍ଠ ନେତା କୁନା ତ୍ରିପାଠୀ, ଶ୍ରୀମୟୀ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ନେତା ମଧ୍ୟ ଯୋଗ ଦେଇଥିଲେ। ୫-ଟି ସଚିବ ଭି.କେ.ପାଣ୍ଡିଆନ ତାଙ୍କ ଉଦ୍‌ବୋଧନରେ ୫-ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ବ୍ୟବସାୟ, ବାଣିଜ୍ୟ, ପର୍ଯ୍ୟଟନ ଏବଂ ଉଦ୍ୟୋଗୀ କ୍ଷେତ୍ରରେ ବିକଶିତ ହେବାରେ ଲାଗିଥିବା ସେ କହିଥିଲେ। ଓଡ଼ିଶା ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ମଧ୍ୟ ଶ୍ରୀ ପାଣ୍ଡିଆନ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ ଯେ ସୋମବାର ଓଡ଼ିଶାର ଏକ ପ୍ରତିନିଧି ଦଳ ଭୁବନେଶ୍ୱରରୁ ଦୁବାଇ ଯାଉଥିବା ବିମାନରେ ଦୁବାଇ ଯାତ୍ରା କରିଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ସଫେଇ କର୍ମଚାରୀଙ୍କ ଧାରଣା

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ବିଭିନ୍ନ ଦାବି ନେଇ ଗତ ଶୁକ୍ରବାରଠାରୁ ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ଅଫିସ, ପୌରାଧକ୍ଷା, ପୌର ଉପାଧକ୍ଷ ଏବଂ ବିଧାୟକଙ୍କ ଘର ଆଗରେ ଧାରଣା ଦେବା ପରେ ସଫେଇ କର୍ମଚାରୀମାନେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କ ସମସ୍ୟା ସମାଧାନ ସହ ସରକାରୀ ନିୟମ ଭିତ୍ତିରେ କାର୍ଯ୍ୟ କରିବା ଦାବିରେ ସେମାନେ ଜିଲାପାଳଙ୍କୁ ଗୁହାରୀ କରିବାକୁ ଯାଇଥିଲେ। ମାତ୍ର ଦୁଇଘଣ୍ଟା ଧାରଣାରେ ବସିବା ପରେ ଜିଲାପାଳଙ୍କ ସାକ୍ଷାତ ନ ପାଇ ସେମାନେ ପଳାଇ ଯାଇଥିଲେ। ପୌର କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖୁଥିବା ସଫେଇ କର୍ମଚାରୀଙ୍କୁ ଏବେ ବାରଦ୍ୱାର ହେବାକୁ ପଡୁଛି ବୋଲି ସେମାନେ ଆରୋପ ଉଠାଇଛନ୍ତି। ସହରର ବର୍ଜ୍ୟବସ୍ତୁ ପରିଚାଳନାରେ ସରକାରୀ ନିୟମ ପାଳନ କରିବା ପରିବର୍ତ୍ତେ ପୌର କର୍ତ୍ତୃପକ୍ଷ ସେମାନଙ୍କୁ ଠକି ଚାଲିଥିବା ସଫେଇ କର୍ମଚାରୀ ନେତା ଲକ୍ଷ୍ମଣ ବେହେରା ଅଭିଯୋଗ ଉଠାଇଛନ୍ତି। ଜିଲାପାଳ ଯଦି ଉଚିତ ପଦକ୍ଷେପ ନ ନିଅନ୍ତି ତାହେଲେ ଆଗାମୀ ଦିନରେ ବାଲେଶ୍ୱର ସହରରେ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ସହ ଅହୋରାତ୍ର ଧାରଣା ଭଳି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ମହଙ୍ଗା ପଡିଲା ପରକୀୟା ପ୍ରୀତି

# ହରଡ଼ଘଣାରେ ରସିକିଆ ମାଷ୍ଟର

ବୌଦ୍ଧ,(ଭାସ୍କର ନ୍ୟୁଜ): ପଡୋଶୀ ଘରର ଜଣେ ମହିଳାଙ୍କୁ ସ୍ୱାମୀଙ୍କ ଅନୁପସ୍ଥିତିରେ ଘରୁ କାରଯୋଗେ କିଡ଼ନାପ କରିନେଇ ପରକୀୟା ପ୍ରୀତିରେ ମାତିବା ଜଣେ ସ୍କୁଲ ଶିକ୍ଷକଙ୍କୁ ମହଙ୍ଗା ପଡିଛି। ମହିଳା ଜଣକ ଘରକୁ ଫେରି ଥାନାରେ ଲିଖିତ ଅଭିଯୋଗ କରିବା ପରେ ଆଇନର ହରଡ଼ଘଣାରେ ପଡିଛନ୍ତି ଅଭିଯୁକ୍ତ ଶିକ୍ଷକ। ତାଙ୍କ ନାଁରେ ରୁଜୁ ହୋଇଛି ସଙ୍ଗୀନ ଦୁଷ୍କର୍ମ ମାମଲା। ଏଭଳି ଏକ ଲଜ୍ଜା ଜନକ ଘଟଣା ଘଟିଛି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ବୀରନରସିଂହପୁର ଗ୍ରାମରେ। ପେଷାରେ ଶିକ୍ଷକତା କରୁଥିବା ବୀରନରସିଂହପୁର ଗ୍ରାମର ଗୋବର୍ଦ୍ଧନ ଜେନା ନାମକ ବ୍ୟକ୍ତିଙ୍କ ନିଜ କଳା କାରନାମା ଜଣାପଡିବା ପରେ ଜିଲ୍ଲାରେ ଆଲୋଡନ ସୃଷ୍ଟି କରିଛି। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ଠାରୁ ନେଇ ଅଭିଭାବକ ଓ ସହକର୍ମୀ ଶିକ୍ଷକ ମହଲରେ ସମସ୍ତେ ଲଜ୍ୟାବୋଧ କରୁଛନ୍ତି। ପ୍ରାପ୍ତ ଅଭିଯୋଗ ଦିନେ ପୀଡିତାଙ୍କ ସ୍ୱାମୀ ଭୁବନେଶ୍ୱରରେ ହେବାକୁଥିବା ଏକ ରାଲିରେ ଯୋଗ ଦେବାକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କ ଘରକୁ ଆସି ଧମକଚମକ ଦେଇ ବଳ ପୂର୍ବକ ଏକ କାର ଯୋଗେ ଉଠାଇ ନେଇଥିଲେ। ସେଠାରୁ ତାଙ୍କୁ କଟକର ରାହାମା ନିକଟସ୍ଥ ସାନବାଲି ଅଞ୍ଚଳକୁ ନେଇ ଏକଘରେ ରଖିଥିଲେ। ଏ ବିଷୟରେ କାହାକୁ କିଛି କହିଲେ ଜୀବନରୁ ମାରିଦେବାକୁ ଭୟଭୀତ କରି ଜୋର ଜବରଦସ୍ତ ଶାରୀରକ ସମ୍ପର୍କ ରଖିବା ସହ ମାନସିକ ନିର୍ଯାତନା ଦେଉଥିଲେ। ପୀଡିତା ଭୟରେ କାହାରିକୁ କିଛି ନକହି ଘରେ ରହିଥିଲେ। ଦିନେ କୌଶଳ କ୍ରମେ ସେଠାରୁ ପଳାଇ ଫୋନ ଯୋଗେ ସ୍ୱାମୀଙ୍କୁ ସମସ୍ତ କଥା କହି ତାଙ୍କୁ ଉଦ୍ଧାର କରିବା ପାଇଁ କହିବାରୁ ଅଧବାଟ ରୁ ଯାଇ ମତେ ଉଦ୍ଧାର କଲେ। ଏହାର ୫/୬ଦିନ ପରେ ମୋ ସ୍ୱାମୀଙ୍କ ସହ ମୁଁ ଯାଇ ଥାନାରେ ଏତେଲା ଦେଲି। ପୋଲିସ ସମ୍ପୃକ୍ତ ଶିକ୍ଷକକୁ ଥାନାକୁ ଡକାଇବାରୁ ସେ ମାତେ ପ୍ରଥମେ ଚିହ୍ନି ନାହିଁ ବୋଲି କହିଲା। ପରେ ପଇସା ନେଇ ଘଟଣାକୁ ଚପାଇଦେବାକୁ ପ୍ରଲୋଭନ ଦେଖାଇଲା। ମୁଁ ପରଦିନ ବୌଦ୍ଧ ଏସପି ଙ୍କୁ ଭେଟି ନ୍ୟାୟଭିକ୍ଷା କରିବା ପରେ ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରିବା ସହ ମୋର ଡାକ୍ତରୀ ମାଇନା ସହ ମାଜିଷ୍ଟ୍ରେଟଙ୍କ ନିକଟରେ ବୟାନ ରେକର୍ଡ କରିଛି। ହେଲେ ଅଭିଯୁକ୍ତ ଶିକ୍ଷକକୁ ଏଯାଏଁ ଗିରଫ କିମ୍ବା ଡାକ୍ତରୀ ମଇନା କରାଯାଇନାହିଁ। ଓଲଟି ତୁ ଏସପି ପାଖକୁ ଗଲେ କେଶକଲେ ମୋର କଣ କରିବୁ ମୁଁ ଟଙ୍କା ଖର୍ଚ୍ଚକରି ବେଲରେ ଆସି କେଶ ଲଢ଼ିବି ବୋଲି ଅଭିଯୁକ୍ତ ଗୋବର୍ଦ୍ଧନ କହୁଛି। ମୋର କେହି ନାହାନ୍ତି ବୋଲି କଣ ସେ ଯାହାଇଛା ଯାହା କରି ଖୋଲା ମେଳାରେ ବୁଲିପାରୁଛି। ତା ପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ମୋତେ ସୁରକ୍ଷା ଓ ନ୍ୟାୟମିଳୁ ବୋଲି ସେ ଲୁହଭରା ଆଖିରେ ପୀଡିତା ଗୁହାରି କରିଛନ୍ତି।


OFFICE OF THE MUNICIPAL COUNCIL : RAYAGADA

No 1912 Date16.05.2023

C-334

Quotation Call Notice

Executive Officer, on behalf of Rayagada Municipality, Rayagada, Dist-Rayagada invites sealed quotation in plane paper from Registered/Experienced/Company/Firm/Contractor having valid PAN, License and GST Registration Certificates for the firm.

1. Supplying fitting and fixing of Work station at CCTV Control Room under Police station .

2. The Experienced/Company/Firm/Contractor must have adequate knowledge and timely completion of the project.

3. 4 nos of work station Table with glass fitting and 2 nos of wall fitting Cupboards with glass door.

The quotation paper along with all documents shall be received in the office of the Executive Officer, Rayagada Municipality through Regd. post/Speed post on or before date. 23.05.2023 up to 11.30 P.M and the same will be opened on dtd. 23.05.2023 at 1.00 P.M. in the presence of the quotationer or their authorized representative. The bid cost of Rs. 2000/- (Non-Refundable). The quotation received beyond the schedule date and time will not be considered at all.

The undersigned reserves the rights to accept/cancel/reject any or all the quotations without assigning any reason thereof.

Sd/- Executive Officer
Rayagada Municipality

OIPR 13150/11/0004/2324



GOVERNMENT OF ODISHA
OFFICE OF THE SUPERINTENDING ENGINEER
NIMAPARA IRRIGATION DIVISION, NIMAPARA
Notice Invitation of Tenders
e-Procurement Notice No.- 01 / 2023-24 on dated 25.04.2023
E-mail Id: eenidnimapara@gmail.com

A-146

1. Type of Works: - Canal, River Embankment and Building works.
2. Total No. of Works: - 15 (Fifteen) Nos.
3. Estimated Cost: - Varies from Rs. 1.70 to Rs. 47.98 Lakhs
4. Period of Completion: - 90 days

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids on line. |
|---|---|---|---|
| Superintending Engineer, Nimapara Irrigation Division, Nimapara | NID- 01 / 2023-24 to NID- 15 / 2023-24 | Rs. 1.70 to Rs. 47.98 | From 17.05.2023 10.00 A.M. to 26.05.2023 1.00 P.M. |

Date of opening of the Bid: - 29.05.2023 at 11.00 A.M.
Further details can be seen from the Govt. Website
www.tendersodisha.gov.in

Sd/- Superintending Engineer
Nimapara Irrigation Division
Nimapara

OIPR 32097/11/0001/2324



ଖଣ୍ଡିୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ମୋତିଝରନ୍, ସମ୍ବଲପୁର,
ଓଡିଶା,ପିନ୍-୭୬୮୦୦୧, ଦୂରଭାଷ/ଫେକ୍ସ- ୦୬୬୩-୨୫୪୮୭୪୩,
ଇମେଲ-dfo.hirakudwl@odisha.gov.in

MM-28

No. 1803 /1F-73(Actt.)/2022-23 Dated.12.05.2023

CORRIGENDUM

Sub:- Cancellation of tender for supply, installation & commissioning of HDPE Floating Jetty under Hirakud Wildlife Division.

With reference to this office Tender Call Notice No.566 dt.08.02.2023 published on dt.09.02.2023 at Dharitir & Orissa Bhaskar daily odia newspaper, Bhubaneswar edition for supply, installation & commissioning of HDPE Floating Jetty under Hirakud Wildlife Division is hereby cancelled due to some unavoidable circumstances.

Sd/- Divisional Forest Officer
Hirakud Wildlife Division
Sambalpur

OIPR 08078/11/0001/2324


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଏଥର ବିଳମ୍ବିତ...

ମଧ ଉତ୍ତର ପଶ୍ଚିମ ଭାରତର କିଛି ରାଜ୍ୟରେ କମ ବର୍ଷାର ସମ୍ଭାବନା ରହିଛି। ମୌସୁମୀ ବର୍ଷାର ପ୍ରଭାବ ଏଲନିନୋ ଉପରେ ନିର୍ଭର କରିଥାଏ। ଏଲନିନୋର ପ୍ରଭାବ ପଡ଼ିଲେ ବର୍ଷା କମ ହୋଇଥାଏ। ଯଦି ଦକ୍ଷିଣ ଓ ପଶ୍ଚିମ ଭାରତରେ ଏଲନିନୋର ପ୍ରଭାବ ପଡ଼େ ତେବେ ମରୁଡ଼ି ହେବାର ଆଶଙ୍କା ସୃଷ୍ଟି ହୋଇପାରେ। ସାଧାରଣତଃ ମୌସୁମୀ ଉପରେ ଚାଷୀମାନେ ନିର୍ଭର କରୁଥିବାରୁ ସେମାନେ ଭଲ ବର୍ଷାକୁ ଅପେକ୍ଷା କରିଛନ୍ତି। ଯଦି ମୌସୁମୀର ଦ୍ୱିତୀୟ ଭାଗରେ ଏଲନିନୋର ପ୍ରଭାବ ଶକ୍ତିଶାଳୀ ରହିବ ତେବେ ପଞ୍ଜାବ, ହରିଆଣା, ରାଜସ୍ଥାନ ଓ ଉତ୍ତର ପ୍ରଦେଶରେ ଚାଷ କାର୍ଯ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି।

### ଗଛ ପଡ଼ି...

ଗୁଳୁଗୁଳିରୁ ମୁକ୍ତି ମିଳିବ। ଅନ୍ୟ ଜିଲ୍ଲାରେ ମଧ ତାପମାତ୍ରାରେ ପରିବର୍ତ୍ତନ ଘଟିବ ବୋଲି ବିଭାଗ ଆକଳନ କରିଛି। ଅନ୍ୟପକ୍ଷରେ କାଳବୈଶାଖୀ ପ୍ରଭାବରେ ଗଛ ପଡ଼ି ୨ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ନୟାଗଡ଼ରେ ଏକ ଚଳନ୍ତା ଅଟୋ ଉପରେ ଗଛ ପଡ଼ିବାରୁ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବାବେଳେ ୩ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ଦଶପଲ୍ଲା କିଶୋରଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଗଛ ଡାଳଭାଙ୍ଗି ଜଣେ ଆଇସକ୍ରିମ ବେପାରୀଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

### ୪୪ ଡିଗ୍ରୀ ଉପରେ...

ଗୁଳୁଗୁଳି ଅନୁଭୂତ ହେଉଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ରାଜ୍ୟର ୪ ସହରର ତାପମାତ୍ରା ୪୪ ଡିଗ୍ରୀ ଉପରେ ରହିଛି। ୪୪.୩ ଡିଗ୍ରୀ ସହ ସମ୍ବଲପୁର ସବୁଠୁ ଉତ୍ତପ୍ତ ସହରଭାବେ ବିବେଚିତ ହୋଇଛି। ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୪୪.୨ ଡିଗ୍ରୀ ରହିଥିବାବେଳେ ବଲାଙ୍ଗୀର ଓ ନୂଆପଡ଼ାରେ ୪୪, ଝାରସୁଗୁଡ଼ାରେ ୪୩.୮, ମାଲକାନଗିରିରେ ୪୩.୫, ଟିଟିଲାଗଡ଼ରେ ୪୩.୫, ରାଉରକେଲାରେ ୪୩.୪, ସୋନପୁରରେ ୪୩.୧, ସୁନ୍ଦରଗଡ଼ରେ ୪୨.୮, ଅନୁଗୋଳରେ ୪୨.୭, ହୀରାକୁଦ ଓ ଭବାନୀପାଟଣାରେ ୪୨.୫, ତାଳଚେରରେ ୪୨, ଦେବଗଡ଼ରେ ୪୧, ବରଗଡ଼ରେ ୪୦.୮, ନବରଙ୍ଗପୁରରେ ୪୦.୨ ଓ ପାରଳାଖେମୁଣ୍ଡିରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଭୁବନେଶ୍ୱରରେ ୩୮.୬ ଓ କଟକରେ ୩୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଯଦିଓ ରାଜଧାନୀରେ ତାପମାତ୍ରା କମ୍ ରହିଛି ତେବେ ପ୍ରବଳ ଗୁଳୁଗୁଳି ଯୋଗୁ ଲୋକେ ହୀନସ୍ତା ହେଉଥିବା ଦେଖିବାକୁ ମିଳିଥିଲା। ତାତିର ପ୍ରଭାବ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଥିବା ବେଳେ ଆଭ୍ୟନ୍ତରୀଣ ଓଡ଼ିଶାର ୫ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣ ଜାରି କରାଯାଇଛି। ଦିନ ୧୧ଟା ଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପିକ୍ ଆୱାର ଘୋଷଣା କରାଯାଇଛି। ଏହି ସମୟରେ ବୟସ୍କ ଓ ଶିଶୁ ଘରୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି।

## ବୋଲଗଡ ବେଗୁନିଆ ନିର୍ବାଚନ ମଣ୍ଡଳୀ

# ୨୪ ନିର୍ବାଚନ ପାଇଁ ଆଶାୟୀ ପ୍ରାର୍ଥୀଙ୍କ ଭିଡ଼



ବୋଲଗଡ, (ଭାସ୍କର) ରାଜ୍ୟରେ ବୋଲଗଡ ବେଗୁନିଆ ନିର୍ବାଚନ ମଣ୍ଡଳୀ ସଦାବେଳେ ଚର୍ଚ୍ଚାରେ ରହିଆସିଛି। ଏହି ଆସନରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମ ରାଜ୍ୟପାଳ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଚିନ୍ତାମଣି ପାଣିଗ୍ରାହୀ ନିର୍ବାଚନ ଲଢ଼ି ବିଜୟୀ ହୋଇ ଦେଶର ବଡ ପଦବୀ ଅଳଙ୍କୃତ କରିଥିଲେ। ବୋଲଗଡ -ବେଗୁନିଆ ନିର୍ବାଚନ ମଣ୍ଡଳୀର ପ୍ରଥମ ବିଧାୟକ ଭାବେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗଙ୍ଗାଧର ପାଇକରାୟ ୩ଥର ପ୍ରତିନିଧିତ୍ୱ କରିଥିବାବେଳେ ସତ୍ୟାନନ୍ଦ ଚମ୍ପତି ରାୟ, କୈଳାସ ଚନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ନାଥ ମିଶ୍ର, ହରିହର ସାହୁ, ପ୍ରଶାନ୍ତ ନନ୍ଦ, ପ୍ରଶାନ୍ତ ଜଗଦେବ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ ବିଧାୟକ ଭାବେ ରାଜେନ୍ଦ୍ର ସାହୁ ରହି ଅଛନ୍ତି। ଆସନ୍ତା ୨୦୨୪ ବିଧାନ ସଭା ନିର୍ବାଚନ ପାଇଁ ବୋଲଗଡ - ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବହୁ ଆଶାୟୀ ପାର୍ଥିଙ୍କ ଭିଡ଼ ଦେଖିବାକୁ ମିଳିଛି କ୍ଷ ନିର୍ବାଚନ ଯେତେ ନିକଟତର ହେଉଛି ଶାସକ ଦଳର ଆଶାୟୀ ପାର୍ଥିଙ୍କ ସଂଖ୍ୟା ବୃଦ୍ଧି ପାଉଅଛି। ବୋଲଗଡ ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଶାସକ ଦଳର ଆଶାୟୀ ପାର୍ଥିଙ୍କ ମଧ୍ୟରୁ ପ୍ରଦୀପ ସାହୁ ନିଜର ସଂଗଠନକୁ ମଜଭୁତ କରିବା ପାଇଁ ବିଭିନ୍ନ ଅଂଚଳର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ଚର୍ଚ୍ଚାରେ ରହିଅଛନ୍ତି। ଶ୍ରୀ ସାହୁ ଗତ ବିଧାନସଭା ନିର୍ବାଚନରେ କଂଗ୍ରେସରୁ ବିଧାୟକ ପାର୍ଥି ହୋଇଥିବା ବେଳେ ତା ପୁର୍ନିର୍ବାଚନରେ ଆମ ଓଡିଶା ପକ୍ଷରୁ ବିଧାୟକ ପାର୍ଥିହୋଇ ନିର୍ବାଚିତ ବିଧାୟକଙ୍କ ଠାରୁ ଭଲ ଭୋଟ ହାରରେ ପ୍ରତିଦ୍ୱନ୍ଦୀ ଥିଲେ। ବର୍ତ୍ତମାନ ବିଧାୟକ ରାଜେନ୍ଦ୍ର ସାହୁ ଖୋର୍ଦ୍ଧାର ଦୁଇ ଦୁଇ ଥର ବିଧାୟକ ହୋଇଥିବାବେଳେ ଦଳୀୟ ନିର୍ଦ୍ଦେଶରେ ନୂତନ ଭାବେ ବୋଲଗଡ- ବେଗୁନିଆ ନିର୍ବାଚନ ମଣ୍ଡଳୀ ନିର୍ବାଚନ ଲଢି ବିଜୟୀ ହୋଇଥିଲେ ମଧ ନିର୍ବାଚନ ମଣ୍ଡଳୀରେ ସାଧାରଣ ଲୋକଙ୍କ ନିକଟତର ନହେବା ଚର୍ଚ୍ଚା ହେଉଅଛି। ସେହି ଭଳି ଭାବେ ଶାସକ ଦଳର ବରିଷ୍ଠ ସମାଜସେବୀ କୈଳାସ ପାତ୍ରଙ୍କ ନାମ ଶୁଣିବାକୁ ମିଳୁଥିବା ବେଳେ ସମାଜସେବୀ ତଥା ବ୍ରଜବନ୍ଧୁ ସୁବୁଦ୍ଧି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଂଚଳ ବୁଲି ସଂଗଠନ ସଜାଡୁଥିବା ଦେଖିବାକୁ ମିଳୁଛି। ବୋଲଗଡ ବେଗୁନିଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ପୁରୁଣା କର୍ମୀଙ୍କୁ ଧରି ନିଜର ସଂଗଠନ ସଜାଡ଼ିବା ଦେଖିବାକୁ ମିଳିଛି। ଶାସକ ଦଳର ସକ୍ରିୟ ସଦସ୍ୟା ମୀରା ପରିଡା ଓ ୧୯୯୦ ମସିହାର ଜନତା ଦଳର ବିଧାୟକ ପାର୍ଥି ଭବାନୀ ଶଙ୍କର ଜଗଦେବ ମହାପାତ୍ରଙ୍କ ନାମ ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷେ ବିଜେପିର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଯତୀନ ମହାନ୍ତି, ରିସଭ ନନ୍ଦ, ପ୍ରକାଶ ରଣବିଜୁଳି ଆଶାୟୀ ପାର୍ଥି ଥିବାବେଳେ କଂଗ୍ରେସର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସୁପୁତ୍ର ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ପୂର୍ବତନ ବିଧାୟକ କୈଳାସ ମହାପାତ୍ରଙ୍କ ସୁପୁତ୍ର ସଦାଶିବ ମହାପାତ୍ର କଂଗ୍ରେସ ଦଳର ଆଶାୟୀ ପାର୍ଥିଭାବେ ଦୌଡରେ ଅଛନ୍ତି। ସ୍ୱାଧୀନତାର ପର ଅବସ୍ଥାରେ ସେତେବେଳେ ବୋଲଗଡର ବିକାଶ ପାଇଁ ହସ୍ତାଶୀଳ୍ପରେ ଖଦି ବସ୍ତ୍ର ତିଆରି ପାଇଁ ପିଟୁକୁଳି, ରାଜସୁନାଖଲା ଓ ବୋଲଗଡ ଠାରେ ଖଦି କେନ୍ଦ୍ର ସ୍ଥାପନ। ଖଦି ବସ୍ତ୍ର ପାଇଁ ସେତେବେଳେ ବୋଲଗଡ ବ୍ଲକ ଅଂଚଳର ହଜାର ହଜାର ଜନସାଧାରଣମାନେ କର୍ମ ନିଯୁକ୍ତ ହୋଇଥିଲେ। ପିଟୁକୁଳି ଠାରେ ଥିବା ରଙ୍ଗକାରଖାନା, କଳାଙ୍ଗ ଗୋଛା ପଡିଆଠାରେ ରାଇସମିଲ ପ୍ରତିଷ୍ଠା କରାଯାଇଥିଲା, ବର୍ତ୍ତମାନ କାରଖାନା ବନ୍ଦ ହେବା ସହିତ ଅସ୍ତିତ୍ୱ ହରାଇ ବସିଲାଣି କ୍ଷ ଅନୁରୂପକ ଭାବେ ଘରୋଇ ଶିଳ୍ପରେ କାଠ ଶିଳ୍ପ, ଲୌହ ଶିଳ୍ପ, କୁମ୍ଭାର ଶିଳ୍ପ, ଶୁଖୁଆ ବ୍ୟବସାୟ, ପଥର ଶିଳ୍ପ, କ୍ଷୀର ଛେନା ବ୍ୟବସାୟ, ପଶମ ଗାଲିଚା ଶିଳ୍ପରେ ବୋଲଗଡ ବ୍ଲକ ଅଞ୍ଚଳର ସାଧାରଣ ଲୋକ କାର୍ଯ୍ୟକରୀ ସେତେବେଳେ ପରିବାର ଭରଣପୋଷଣ କରୁଥିଲେ। ସରକାରୀ ସହାୟତା ଅଭାବରୁ ଏହି ଶିଳ୍ପ ଗୁଡିକ ପ୍ରାୟ ଲୋପ ପଇଲାଣି। ଫଳରେବୋଲଗଡ -ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବେକାରୀ ସଂଖ୍ୟା ବୃଦ୍ଧି ପାଉଅଛି। ବର୍ତ୍ତମାନ କେବଳ ବୋଲଗଡ-ବେଗୁନିଆ ନିର୍ବାଚନ ମଣ୍ଡଳୀର ଲୋକମାନେ କୃଷି ଉପରେ ନିର୍ଭର କରୁଥିବା ବେଳେ ଜଳସେଚନ ଅଭାବ କୃଷି କ୍ଷେତ୍ରରେ ବାଧକ ସାଜିଛି। ଫଳରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଲାଣି କ୍ଷ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ କିଏ ବିଧାୟକ ହୋଇ ବୋଲଗଡର ବିକାଶ କ୍ଷେତ୍ରରେ ସାରଥି ହେବେ ତାହା ଦେଖିବାକୁ ବାକି ରହିଲା।


Government of Odisha "e" Procurement Notice
WORKS DEPARTMENT
Bid Identification No. C.C.E.K.C., Keonjhar No. 04 / 2023-24
e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 2290 dt. 15.05.2023

B-203

| | | |
|---|---|---|
| 1 | Name of the work: | :- Renewal coat to Kanjipani – Kuntala road (MDR-12B) from 0/00 Km to 10/500 Km under Non-Plan for the year 2023-24 |
| 2 | Estimated cost | :- Rs. 240.64 Lakhs |
| 3 | Class of Contractor | :- "B" Class & "A" Class |
| 4 | Period of completion | :- 06 (Six) Calendar Months |
| 5 | Date and Time of availability of Bid document in the portal | :- From 11.30 Hours of 20.05.2023 to 16.00 Hours of 03.06.2023 |
| 6 | Last date / Time for receipt of bids in the portal | :- 16.00 Hours of 03.06.2023 |
| 7 | Date of opening of Bid from Portal | :- 11.30 Hours on 05.06.2023 |
| 8 | Name and address of the officer inviting Bid | :- Chief Construction Engineer, Keonjhar (R&B) Circle, Keonjhar-758001. |

Further details can be seen from the e-procurement portal "http://tendersodisha.gov.in"

Sd/-
*Chief Construction Engineer*
*Keonjhar (R&B) Circle, Keonjhar*

OIPR 34033/11/0012/2324



କାକଟପୁର, (ଭାସ୍କର ନ୍ୟୁଜ୍): କୋଣାର୍କସ୍ଥିତ ଅର୍କଶ୍ରୀ ଶିଳ୍ପୀ ବାଟିକା ଠାରେ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ୬ଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ ସାହିତ୍ୟ ଆସର, ଆଲୋଚନା ଚକ୍ର, କବିତା ପାଠୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପ୍ରଦୀପ୍ତ କୁମାର ଛାଟୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ କବି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ପ୍ରସନ୍ନ କୁମାର ପାଟଶାଣୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ଲେଖକ ସମ୍ମେଳନର ଅଧକ୍ଷ ତଥା ବିଶିଷ୍ଟ କବି ଶଙ୍କର୍ଷଣ ପରିଡା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ୟଙ୍ଗ କବି ହାସ୍ୟକୁମୁଦ ସମ୍ପଦ କୁମାର ରଥ, ବିଶିଷ୍ଟ କବି ତଥା ପ୍ରଶାସନିକ ଅଧିକାରୀ ଡଃ ସଂଗ୍ରାମ କେଶରୀ ସାମନ୍ତରାୟ, କାକଟପୁର ବିଡିଓ ଡଃ ତୁଷାର ଜ୍ୟୋତି ରଂଜନ, ପରିବେଶବିତ ଉମେଶ ଚନ୍ଦ୍ର ସ୍ୱାଇଁ, ସମ୍ପାଦକ ଭାଗିରଥି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କାକଟପୁର ବ୍ଲକ ଅନ୍ତର୍ଗତ ଓଥକା ପଞ୍ଚାୟତ ନରଣପୁର ଗ୍ରାମର ଶିକ୍ଷାବିତ୍ ଦମ୍ପତିଙ୍କୁ ସାହିତ୍ୟ କ୍ଷେତ୍ରରେ ରଚନା ଓ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷକ ନେତା ଥିବା ହୃଦାନନ୍ଦ ସାସମଲଙ୍କୁ କବିତା ରଚନା ପାଇଁ ଧର୍ମପଦ ଶ୍ରେଷ୍ଠ କବି ସମ୍ମାନରେ ସମ୍ମାନିତ କରାଯାଇଥିଲା ବେଳେ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟ କରୁଥିବା ସୁନନ୍ଦା ରାଉତଙ୍କୁ କବିତା, କ୍ଷୁଦ୍ର ଗଳ୍ପ ଲେଖା ନିମନ୍ତେ ଅର୍କଶ୍ରି ଶ୍ରେଷ୍ଠ ଲେଖିକା ସମ୍ମାନ ପ୍ରଦାନ କରାଯାଇଥିଲା। ଏନେଇ ଶିକ୍ଷାବିତ୍ ଦମ୍ପତିଙ୍କୁ କାକଟପୁର ଅଂଚଳର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବିପୁଳ ଶୁଭେଚ୍ଛା ଜଣାଇଛନ୍ତି।



## ମହିଳାଙ୍କ ଘର ଜାଳିଦେଲା ଯୁବକ

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ବ୍ଲକ ବଳଙ୍ଗା ଥାନା ଗଡପଦନପୁର ଗ୍ରାମରେ ନେତ ନାମକ ଜଣେ ମହିଳାଙ୍କ ଘରେ ଅଗ୍ନିକାଣ୍ଡ ଘଟି ତିନି ବଖରା ବାସଗୃହ ସମେତ ଆସବାବ ପତ୍ର ପୋଡି ନଷ୍ଟ ହୋଇଯାଇଛି । ଏହି ଅଗ୍ନିକାଣ୍ଡ ନିୟନ୍ତ୍ରଣ କରିବା ପାଇଁ ପିପିଲି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି । ମାତ୍ର ମହିଳାଙ୍କ ଧାନ ଚାଉଳ ସମେତ ସବୁ କିଛି ପୋଡି ପାଉଁଶ ହାଇଯାଇଛି । ପୋଡିଯାଇଥିବା ସମ୍ପତିର ମୂଲ୍ୟ ଦେଢଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ମଙଙ୍ଗଳବାର ପୂର୍ବାହ୍ନରେ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ମହିଳା ଅଭିଯୋଗ କରିଛନ୍ତି ପୂର୍ବ ବିବାଦକୁ କେନ୍ଦ୍ର କରି ସେହି ଗ୍ରାମର ଜଣେ ଯୁବକ ନିଆଁ ଲଗାଇଦେଇଛି। ଥାନାରେ ମଧ ଅଭିଯୋଗ ହୋଇଛି । ସୋମବାର ରାତ୍ର ୨ଟା ସମୟରେ ମହିଳା ବାହାରକୁ ଶୌଚ ହେବା ପାଇଁ ଉଠିଥିବା ବେଳେ ସେହି ଗ୍ରାମର ଜରେ ଯୁବକ ଘର ଚାଳରେ ଦିଆସିଲି ମାରି ନିଆଁ ଲଗାଉଥିବା ମହିଳା ଦେଖି ପାଟି କରିବାରୁ ଉକ୍ତ ଯୁବକ ମହିଳାଙ୍କୁ ଧକ୍କା ମାରି ଘଟଣାସ୍ଥଳରୁ ଦୌଡି ପଳାଉଥିଲା । ପାଟିଶୁଣି ମହିଳାଙ୍କୁ ପୁଅ ସଦାଶିବ ବାହାରକୁ ଆସି ଦେଖନ୍ତି ଘର ହୁତୁ ହୁତୁ ହୋଇ ଜଳୁଛି ।

### ଗାଡ଼ି ରଖିବା ନେଇ ଆକ୍ରମଣ ଘଟଣା
## ଅଭିଯୁକ୍ତ କୋର୍ଟଚାଲାଣ

ବାଲିପାଟଣା, (ଭାସ୍କର ନ୍ୟୁଜ୍): ଗାଁ ଦାଣ୍ଡ ରାସ୍ତାରେ ଗାଡି ରଖିବାକୁ ନେଇ ବ୍ୟକ୍ତିଙ୍କୁ ମାରଣାନ୍ତକ ଆକ୍ରମଣ କରି ଆଜି ଜଣେ ଅଭିଯୁକ୍ତ କୋର୍ଟ ଚାଲାଣ ହୋଇଥିବା ଥାନାରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ବାଲିପାଟଣା ଥାନା ଅନ୍ତର୍ଗତ ଝିଣ୍ଟି ପାଟଣା ଗ୍ରାମର ଦୁଇ ପଡୋଶି ସ୍ୱର୍ଗତ ନବଘନ ବେହେରାଙ୍କ ପୁଅ ନାରାୟଣ ବେହେରା (୫୫) ଏବଂ ନିରଞ୍ଜନ ବେହେରାଙ୍କ ପୁଅ ଅଭିଯୁକ୍ତ ରାଜକିଶୋର ବେହେରା (୨୮)ଙ୍କ ମଧ୍ୟରେ ଗତ ରବିବାରେ ଦିନ ଗାଁ ଦାଣ୍ଡରେ ଗାଡ଼ି ରଖିବା କୁ ନେଇ ପାଟିତୁଣ୍ଡ ହେଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ରାଜକିଶୋର ଏକ ଇଟାରେ ନାରାୟଣଙ୍କ ମୁଣ୍ଡକୁ ଛେଚି ଦେଇଥିଲା। ଗୁରୁତର ହୋଇ ନାରାୟଣ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ କିନ୍ତୁ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଅଭିଯୋଗ ପରେ ଆଜି ଅଭିଯୁକ୍ତ ରାଜକିଶୋର ଙ୍କୁ ଗିରଫ୍ କରାଯାଇ କେଶ୍ ୧୬୮/୨୩ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବାଲିପାଟଣା ଥାନା ଏଏସ୍ଆଇ ଘନଶ୍ୟାମ ସାହୁ ସୂଚନା ଦେଇଛନ୍ତି।

## ଘୂର୍ଣ୍ଣିଝଡ଼ରେ ବ୍ୟାପକ କ୍ଷୟକ୍ଷତି

ସାଲେପୁର, (ଭାସ୍କର ନ୍ୟୁଜ୍): ମଙ୍ଗଳବାର ଅପରାହ୍ନରେ ଘୂର୍ଣ୍ଣୀଝଡ଼ ଯୋଗୁ ସାଲେପୁର ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଛି । ଏହି ଝଡ଼ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ହୋଇଥିଲା । ସାଲେପୁର ଅଞ୍ଚଳରେ ଉଦ୍ୟାନ କୃଷିର ବ୍ୟାପକ କ୍ଷତି ହୋଇଛି । ଉଦ୍ୟାନ ଚାଷୀମାନଙ୍କର ଅମୃତଭଣ୍ଡା, କଦଳୀଚାଷ କ୍ଷତି ଘଟିଛି । ଗ୍ରାମାଞ୍ଚଳରେ ବଡ଼ବଡ଼ ଗଛ ସବୁ ଉପୁଡ଼ି ପଡ଼ିବା ସହ ଆଜବେଷ୍ଟ ଓ ଟିଣଛାତ ଉଡ଼ାଇ ଦେଇଛି। ବିଦ୍ୟୁତ ସେବା ବ୍ୟାହତ ହୋଇଛି। ଅପରପକ୍ଷେ ଦୁଇ ଦିନ ଧରି ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା । ତେବେ ବର୍ଷା ପରିବର୍ତ୍ତେ ପ୍ରବଳ ଝଡ଼ ହେବା ଯୋଗୁ ଜନସାଧାରଣ କ୍ଷତିର ସମ୍ମୁଖୀନ ହୋଇଛନ୍ତି ।

## ହିଂସ୍ର ମାଙ୍କଡ଼କୁ ଧରିଲା ନନ୍ଦନକାନନ ଟିମ୍

ବାଲିପାଟଣା, (ଭାସ୍କର ନ୍ୟୁଜ୍): ଗତ ଦୁଇ ଦିନ ଧରି ଗ୍ରାମବାସୀଙ୍କୁ କାମୁଡ଼ା କାମୁଡି କରି ଘାଇଲା କରି ଆତଙ୍କ ସୃଷ୍ଟି କରିଥିବା ମାଙ୍କଡ ମାନଙ୍କ ମଧ୍ୟରୁ ଆଜି ଗୋଟିଏ ମାଙ୍କଡକୁ ଧରିବାରେ ନନ୍ଦନକାନନ ଟିମ୍ ସଫଳ ହୋଇଛି। ସୂଚନା ଅନୁଯାଇ ବାଲିପାଟଣା ଥାନା ଅନ୍ତର୍ଗତ ବାଗଲପୁର ଗ୍ରାମରେ ଗତ ଦୁଇଦିନ ଧରି କିଛି ମାଙ୍କଡ ରାସ୍ତାରେ ଯାଉଥିବା ପାଞ୍ଚ ଜଣ



ଗ୍ରାମବାସୀଙ୍କୁ କାମୁଡି ଗୁରୁତର ଆହତ କରିଦେଇଥିଲେ। ଏଥିରେ ଗ୍ରାମବାସୀ ମାନେ ଭୟଭୀତ ଅବସ୍ଥାରେ ରହିଥିଲେ। ଖବର ପାଇ ନନ୍ଦନକାନନ ଟିମ୍ ଆଜି ଆସି ଗୋଟିଏ ମାଙ୍କଡକୁ ଧରି ନେଇଯାଇଥିବା ସୂଚନା ମିଳିଛି। କିନ୍ତୁ ଅନ୍ୟ ଆକ୍ରମଣ କରୁଥିବା ମାଙ୍କଡ ମାନେ ଏବେବି ବୁଲୁଥିବା ଗ୍ରାମବାସୀ କହିଛନ୍ତି।

# ଲିଜ୍ ଦିଆଯାଉନି, ସଲାସୁତୁରାରେ ଚାଲିଛି ବାଲିଘାଟ

ଧାମନଗର, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ଧାମନଗର ତହସିଲ ଅଧିନରେ ଏବେ ବାଲି ଓ ମାଟି ଅହରହ ବେଆଇନୀ ଭାବେ ମାଫିଆ ମାନେ ଚଡା ଦର ର ବିକ୍ରି କରୁ ଥିବା ବେଳେ ସାଧାରଣ ଲୋକ ମାନେ ବାଲି କିଣି ପାରୁନାହାନ୍ତି ବାଲି ଟ୍ରିପି ୨ରୁ ୩ ହଜାର ଟଙ୍କା ଟ୍ରିପ ପିଛା ବିକ୍ରି ହେଉଛି। ସବୁ ଠାରୁ ବଡ଼କଥା ହେଲା ଧାମନଗର ଅଞ୍ଚଳର ବିଭିନ୍ନ ନଦୀରୁ ବେଆଇନି ଭାବେ ବେଧଡକ ଭାବେ ବାଲି ଉଠା ଯାଉ ଥିଲେ ବି ଧାମନଗର ତହସିଲଦାର ଜାଣି ସୁଣୀ ଏହାକୁ ରୋକି ପାରୁ ନାହାନ୍ତି ଏବଂ ଅସହାୟ ମନେ କରୁଛନ୍ତି।ଧାମନଗର ରୁ ଧୁଶୁରି ତଥା ଆନନ୍ଦପୁର ରୁ ଅର୍ଜୁନପୁର ଅଞ୍ଚଳ ରେ ଥିବା ବୈତରଣୀ ଓ କୋଚିଲା ନଦୀରୁ ଟ୍ରାକ୍ଟର ଓ ଟ୍ରକ ଦ୍ୱାରା ବାଲି ଚୋରା ଚାଲାଣ ହେଉଛି। ଏପରି କି



ଦୁଇ ବର୍ଷ ପୂର୍ବେ ବିଭିନ୍ନ ବାଲି ଘାଟ ନିଲାମ ଅବଧି ସରି ଥିଲେ ବି ଆଜି ପର୍ଯ୍ୟନ୍ତ ବେଆଇନି ଭାବେ ବାଲି ଉଠାଯାଇ ବିକ୍ରି ହେଉଛି। ବାଲିଘାଟଗୁଡିକର ଲିଜହୋଇ ନଥିବାରୁ ଚୋରା ବାଲିଘାଟ କରା ଯାଇଛି ଏପରିକି ବାଲିମାଫିଆମାନେ ସ୍ଥାନୀୟ ରାଜନେତାଏବଂ ତହସିଲ ର କର୍ମଚାରୀଙ୍କ ମଧ୍ୟରେ ସଲାସୁତୁରା କରି ଜେସିବି ସାହାଯ୍ୟରେ ମନ ଇଛା ବାଲି ଉଠାଉ ଥିବା ବେଳେ ତହସିଲ ପକ୍ଷରୁ କିଛି ପଦକ୍ଷେପ ନିଆ ଯାଉନି । ଯଦିଜିଲ୍ଲାପ୍ରଶାସନ ପକ୍ଷରୁଧାମନଗର ତହସିଲକୁ ନ ଜଣାଇ ଏହି ବେଆଇନିବାଲି ଘାଟ ଉପରେ ଚଢ଼ାଉ କରନ୍ତା ଅନେକ ଚୋରା ବାଲି ଗାଡ଼ି ଧରା ହୋଇ ପାରନ୍ତା। ତେବେ ସାଧାରଣ ରେ ପ୍ରଶ୍ନ ଉଠୁଛି ସ୍ଥାନୀୟ ତହସିଲଦାର ଜାଣିଶୁଣି ବାଲି ଘାଟ ଗୁଡକୁ ଲିଜ କରୁନାହାଁ । ଚୋରା ବାଲିଘାଟ ଚଲାଇଥିବା ବ୍ୟକ୍ତିମାନଙ୍କ ଉପରେ କିଛି ରାଜ ନେତା ଓ ତହସିଲର କର୍ମଚାରୀଙ୍କ ହାତ ରହିଥିବାରୁ ବାଲିଘାଟ ଲିଜ କରା ନଯାଇ ଏପରି ରାଜସ୍ୱ ଫାଙ୍କି ବେପାର କରାଯାଉଛି । ବିଶେଷ କରି ଅର୍ଜୁନପୁର ପଞ୍ଚାୟତ ରେ ବାଲିପାଟଣା ନିକଟସ୍ଥବୈତରଣୀ ନଦୀର ବାସୁଦେବ ଘାଟ, ମାଝୀ ସାହିଓ ମମାଦୁଲା ରେ ବେଆଇନୀ ବାଲି ଘାଟ କରା ଯାଇ ଏହି ବାଲି ଚୋରା ଚାଲାଣ ହେଉଛି ।ବାସୁଦେବ ଘାଟ ରୁ ଦୁଇ ବର୍ଷ ତଳୁ ନିଲାମ ଅବଧି ସରି ଥିଲେ ବି ତହସିଲ ର କିଛି କର୍ମ ଚାରି ଙ୍କ ଇଙ୍ଗିତରେ ସେଠାରେ ବାଲି ବେପାର ଚାଲିଛି ।ତେବେଏପରି ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଫାଙ୍କୁ ଥିବା ବାଲି ମାଫିଆଙ୍କପ୍ରତି ପ୍ରଶାସନ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା।

### ଚଳନ୍ତା ଟ୍ରେନ୍‌ରେ ଭିଡ଼ିଓ କରି ଗଳିପଡିଲେ ଯୁବକ
## ୪ ଦିନ ପରେ ମିଳିଲା ମୃତଦେହ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ଟାଉନ ଥାନା ଅଧିନସ୍ଥ ରଣପଡା ଅଞ୍ଚଳର ସେକ୍ ଜହିର୍ ଉଦ୍ଦିନ୍ (୩୨) ଚଳନ୍ତା ଟ୍ରେନ୍‌ରେ ଭିଡିଓ କରୁଥିବା ବେଳେ ହଠାତ୍ ଟ୍ରେନ୍‌ରୁ ଗଳିପଡିଲେ। ଦୀର୍ଘ ୪ ଦିନ ପରେ ମିଳିଲା ଉକ୍ତ ଯୁବକଙ୍କ ମୃତଦେହ। ଖୋର୍ଦ୍ଧା ରେଳ ଡିଭିଜନର କାଲୁପଡାଘାଟ ରେଳ ଷ୍ଟେସନର ଅନତୀ ଦୂରରେ ଥିବା ଏକ ବୁଦୁବୁଦିଆ ଜଙ୍ଗଲିଆ ସ୍ଥାନରୁ ଏହି ମୃତଦେହକୁ ଉଦ୍ଧାର କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା ଟାଉନ ଥାନା ଅଧିନସ୍ଥ ରଣପଡା ଗ୍ରାମର ସେକ୍ ଜହିର୍ ଉଦ୍ଦିନ୍ । ହାଇଦ୍ରାବାଦ ଯିବା ପାଇଁ ଗତ ଶୁକ୍ରବାର ଦିନ ଭୁବନେଶ୍ୱରରୁ କୋଣାର୍କ ଏକ୍ସପ୍ରେସରେ ତାଙ୍କର ଜଣେ ବନ୍ଧୁଙ୍କ ସହିତ ଯାତ୍ରା କରୁଥିବା ବେଳେ ଚଳନ୍ତା ଟ୍ରେନ୍‌ରେ କରୁଥିଲେ ଭିଡିଓ। ଠିକ୍ ଏତିକି ବେଳେ ହଠାତ୍ ସେକ୍ ଜହିର୍ ଉଦ୍ଦିନ୍ ଏହି ଟ୍ରେନ୍‌ରୁ ଗଳିପଡିଲେ। ହେଲେ କେଉଁଠି ଗଳିପଡିଲେ ତାହା



ତାଙ୍କର ବନ୍ଧୁ ଜାଣି ପାରିଲେ ନାହିଁ। ଏକଥା ପରିବାର ଲୋକେ ଜାଣିଲେ ହେଲେ ସେକ୍ ଜହିର୍ ଉଦ୍ଦିନ୍‌ଙ୍କୁ ଠାବ କରିପାରିଲେ ନାହିଁ। ବହୁ ଖୋଜାଖୋଜି କଲେ ହେଲେ କୌଣସି ପତ୍ତା ମିଳି ନଥିଲା । ୪ ଦିନ ପରେ ଏହି ଜଙ୍ଗଲିଆ ସ୍ଥାନ ମଧ୍ୟରୁ ଦୁର୍ଗନ୍ଧ ଆସିବା ପରେ କିଛି ଲୋକ ଏ ସମ୍ପର୍କରେ ରେଳବାଇ ପୋଲିସକୁ ଯୋଗାଯୋଗ କରିବା ପରେ ମୃତଦେହକୁ ଠାବ କରିଥିଲା ନିରାକାରପୁର ରେଳବାଇ ପୋଲିସ। ପରେ ପରିବାର ଲୋକେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ।

## ମ୍ୟାଲେରିଆ ଦୂର ପାଇଁ ବେଦାନ୍ତର ଅଭିନବ ପ୍ରୟାସ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଭାରତର ଅଗ୍ରଣୀ ମେଟାର୍ଲଜିକାଲ ଗ୍ରେଡ ଆଲୁମିନା ଉତ୍ପାଦନକାରୀ ବେଦାନ୍ତ ଲିମିଟେଡ ଦ୍ୱାରା କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାରେ ମ୍ୟାଲେରିଆ ପ୍ରତିରୋଧ ପାଇଁ ଗୋଷ୍ଠୀ ସଚେତନତା ଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି । ବିଶ୍ୱ ମ୍ୟାଲେରିଆ ଦିବସରେ କମ୍ପାନି ଲାଞ୍ଜିଗଡ଼ର ବେଦାନ୍ତ ହସପିଟାଲର ମେଡିକାଲ ବିଶେଷଜ୍ଞଙ୍କ ନେତୃତ୍ୱରେ ୧୩ଟି ଗ୍ରାମରେ ସଚେତନତା ଅଭିଯାନ ଆରମ୍ଭ କରିଥିଲା। ଏହି କାର୍ଯ୍ୟକ୍ରମରେ ମଶାରିକୁ କିପରି ସଠିକ ଭାବେ ବ୍ୟବହାର କରାଯିବ ସେ ସଂପର୍କରେ ଏକ ପ୍ରଦର୍ଶନୀ ଓ ମଶା ପ୍ରଜନନର ସାଧାରଣ ସ୍ଥାନ ବିଷୟରେ ଲୋକମାନଙ୍କୁ ସୂଚନା ଦିଆଯାଇଥିଲା। ଆଖପାଖକୁ ପରିଷ୍କାର ରଖିବା ଓ ଅଟକି ରହିଥିବା ଜଳ ଓ ବର୍ଜ୍ୟବସ୍ତୁକୁ ମୁକ୍ତ ରଖିବା ଉପରେ ଅଧିବେଶନରେ ଗୁରୁତ୍ୱ ଦିଆଯାଇଥିଲା। ଗୋଷ୍ଠୀର ଲୋକମାନଙ୍କୁ ମଶାରି ବଣ୍ଟନ କରାଯାଇଥିଲା। ମ୍ୟାଲେରିଆ ଦୂରୀକରଣ ଲକ୍ଷ୍ୟ ବିଷୟରେ ଜି.ଜି ପାଲ ଡେପୁଟି ସିଇଓ, ଆଲୁମିନା ବିଜିନେସ, ବେଦାନ୍ତ ଲିମିଟେଡ କହିଛନ୍ତି ଯେ, ଲାଞ୍ଜିଗଡ଼ର ବେଦାନ୍ତ ଲିମିଟେଡ ପାଇଁ ଗୋଷ୍ଠୀର ସ୍ୱାସ୍ଥ୍ୟ ସର୍ବଦା ପ୍ରମୁଖ ବିଷୟ ହୋଇ ରହିଛି। ଦୀର୍ଘସ୍ଥାୟୀ ଉନ୍ନତି ଓ ବ୍ୟାପକ ସ୍ୱାସ୍ଥ୍ୟ ସେବା ପ୍ରଦାନ ଆମର ଲକ୍ଷ୍ୟ। ଆମର ଡାକ୍ତରୀ ଦଳ, କର୍ମଚାରୀ, ସ୍ୱେଚ୍ଛାସେବୀ ଓ ଏସଏଚଜି ସହଭାଗୀମାନେ ସର୍ବଦା ଧ୍ୟାନ ପ୍ରଦାନ କରୁଛନ୍ତି ଏହି ଅଂଚଳକୁ ସଂପୂର୍ଣ୍ଣ ମ୍ୟାଲେରିଆ ମୁକ୍ତ କରିବା ପାଇଁ ଆମେ ଲକ୍ଷ୍ୟ ରଖିଛୁ। ଗୋଷ୍ଠୀ ଉପରେ ପ୍ରକଳ୍ପର ପ୍ରଭାବ ସଂପର୍କରେ ମତ ଦେଇ ସଞ୍ଜୀବ ନାଏକ, ଉପାଧ୍ୟକ୍ଷ, ଲାଞ୍ଜିଗଡ଼ ବ୍ଲକ କହିଛନ୍ତିଯେ-ପୂର୍ବରୁ ଆମର ଦୂରବର୍ତ୍ତି ଅଂଚଳର ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ମିଳୁନଥିଲା। ବେଦାନ୍ତ ଦ୍ୱାରା ଲାଂଜିଗଡ଼ରେ ହସପିଟାଲ ପ୍ରତିଷ୍ଠା ହେବା ଦ୍ୱାରା ଏଠାରେ ସବୁ ପ୍ରକାର ଚିକିତ୍ସା ସୁବିଧା ମିଳିପାରୁଛି। ମୋବାଇଲ ହେଲଥ ୟୁନିଟ ଗୁଡ଼ିକ କ୍ରମାଗତ ଭାବରେ ଗ୍ରାମକୁ ଆସି ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ସୂଚନା ଅନୁସାରେ, ବେଦାନ୍ତ ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦ ନିର୍ମାଣ କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିବା ସହ ଔଦ୍ୟୋଗିକ କ୍ଷେତ୍ରରେ ସର୍ବବୃହତ ଜ୍ଞାନକୌଶଳକୁ ଆପଣାଇ ବିଶ୍ୱ ଶ୍ରେଣୀୟ ସ୍ମେଲ୍‌ଟର, ପାୱାର ପ୍ଲାଂଟ ଓ ଆଲୁମିନା ରିଫାଇନାରୀ କାର୍ଯ୍ୟ କରୁଛି। ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ଲକ୍ଷ୍ୟ ପୂରଣ କରୁଛି।

## ମଦ ଦୋକାନ ସ୍ଥାନାନ୍ତର ଦାବିରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ

ସାଲେପୁର, (ଭାସ୍କର ନ୍ୟୁଜ୍): ସାଲେପୁର ସହର ଉପକଣ୍ଠ ସପନପୁର କଣ୍ଠାସାହି ଛକ ନିକଟରେ ଅବକାରୀ ବିଭାଗ ପକ୍ଷରୁ ସରକାରୀ ସ୍ୱିକୃତିପ୍ରାପ୍ତ ଠିପି ବନ୍ଦ ମଦଦୋକାନ ଖୋଲା ଯାଇଥିବାରୁ ସ୍ଥାନୀୟ ଗ୍ରାମର ବାସିନ୍ଦା ଓ ସାଲେପୁରର ସଚେତନ ନାଗରିକ ତିବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଠାରେ ମଦ ଦୋକାନ ଖୋଲା ନଯିବା ପାଇଁ କଟକ ଜିଲ୍ଲାପାଳ, ଅବକାରୀ ବିଭାଗ ଏସ୍ ପି, ଗ୍ରାମାଞ୍ଚଳ ଏସ୍.ପି, ସାଲେପୁର ତହସିଲଦାର, ଏସଡ଼ିପିଓ ଓ ଆଇଆଇସିଙ୍କୁ ଲିଖିତ ଅବଗତ କରାଯାଇଥିଲା । ସାଲେପୁରସହରା□ଳରେ ୬ଗୋଟି ଠିପି ଖୋଲା, ଠିପି ବନ୍ଦ, ଦେଶୀମଦ ଦୋକାନ ରହିଅଛି । ସପନପୁର ଗ୍ରାମଛକରେ ପୁଣି ଏକ ସରକାରୀ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଖୋଲା ଯିବାରୁ ସଲଗ୍ନ ଗ୍ରାମରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏକ ସପ୍ତାହ ପୂର୍ବରୁ ମଦ ଦୋକାନକୁ ସ୍ଥାନାନ୍ତର ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ୧୫.୦୫.୨୦୨୩ ମଧ୍ୟରେ ସ୍ଥାନାନ୍ତର ପାଇଁ ଲିଖିତ ଭାବେ ଅବଗତ କରାଯାଇଥିଲା । ସ୍ଥାନାନ୍ତର କରାନଗଲେ ରାସ୍ତା ରୋକ କରାଯିବାର ଚେତାବନି ମଧ ଲିଖିତ ଅଭିଯୋଗକାରୀମାନେ ଦେଇଥିଲେ । ମାତ୍ର ଉଚ୍ଚକର୍ତ୍ତୃପକ୍ଷଙ୍କ ପକ୍ଷରୁ ମଦ ଦୋକାନକୁ ସ୍ଥାନାନ୍ତର




କରାନଯିବାରୁ କଣ୍ଠାସାହି ସପନପୁର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ମଦ ଦୋକାନ ଆଗରେ ପ୍ଲାକାର୍ଡ଼ ଧରି ପ୍ରାକ୍ତନ ମହିଳା କମିଶନ ଅଧକ୍ଷା ଲୋପାମୁଦ୍ରା ମହାନ୍ତି ଓଡ଼ିଶା ନିଶାନିବାରଣ ଅଭିଯାନର ସଦସ୍ୟା ଅପର୍ଣ୍ଣା ନାୟକ, କନକଲତା ଭଞ୍ଜ, ଯୁବନେତା ଶିଶିର କୁମାର ଦାଶ, କୁଞ୍ଜମୋହନ ସେଠୀଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଇଥିଲେ । ସତ୍ୟାଗ୍ରହୀ ମହିଳାମାନେ ରାମଧୁନ୍ ଗାନକରି ମଦର ଅପକାରୀତା ଉପରେ ବକ୍ତବ୍ୟ ରଖିଥିଲେ । ଗଣଧାରଣା ଦିଆଯାଇଥିବା ଖବର ପାଇ ଅତିରିକ୍ତ ତହସିଲଦାର ସାଲେପୁର, ଆଇଆଇସି ଗିରିଜାନନ୍ଦନ ପଟ୍ଟନାୟକ, ଅବକାରୀ ଇନିସପେକ୍ଟର ମାନସୀ ନାୟକ ଘଟଣା ସ୍ଥଳରେ ପହଞ୍ଚି ମଦ ଦୋକାନ ସ୍ଥାନାନ୍ତର କରାଯିବା ପାଇଁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏହି ମଦ ଦୋକାନ ସ୍ଥାନାନ୍ତର ଦାବି ଧାରଣାରେ ନାରୀନେତ୍ରୀ ଶିବାନୀ ଦାଶ, ସଂବିତ ଦାସ, ହରେକୃଷ୍ଣ କାଣ୍ଡି, ଡ଼ଲି କାଣ୍ଡି, ବିଶ୍ୱମିତ୍ରା ଦାସ, ମାମିନା କାଣ୍ଡୀ, ସ୍ୱର୍ଣ୍ଣଲତା କାଣ୍ଡି, ସରପଂଚ ପବିତ୍ର ସାମଲ, ମାନସ କୁମାର କର, ଦୁଷ୍ମନ୍ତ ନାୟକ, ଉର୍ମିଳା ବେହେରା, ସନ୍ତୋଷ ଆଚାର୍ଯ୍ୟ, ଖୁଲଣା ମହାରଣା ଓ ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ସାମିଲ ହୋଇଥିଲେ ।

## ମାସେ ହେଲା ୱାର୍ଡକୁ ଆସୁନି ପିଇବା ପାଣି

ନିଆଳୀ, (ଭାସ୍କର ନ୍ୟୁଜ୍): ନିଆଳୀ ନିର୍ବାଚନ ମଣ୍ଡଳୀରେ ନିଆଳୀକୁ ଏନ୍‌ଏସି କରିବା ପାଇଁ ଏବେ ସବୁସ୍ତରରେ ଉଠୁଛି ଦାବି। ନିଆଳୀ ବଜାରରେ ୫୦୦ରୁ ଉର୍ଦ୍ଧ ଦୋକାନ ୧୦୦୦ରୁ ଉର୍ଦ୍ଧ ପରିବାର ରହୁଥିବା ବେଳେ ଏଠାରେ କ୍ଲବ, ସ୍ୱାସ୍ଥ୍ୟକେନ୍ଦ୍ର, ଥାନା, ତହସିଲ ଅଫିସ୍, ସବରେଜିଷ୍ଟର ଅଫିସ୍, ବିଇଓ ଅଫିସ୍, ଅଗ୍ନିଶମ ବିଭାଗ ଅଫିସ୍, କୃଷି ବିଭାଗ ଅଫିସ୍, ଜଳସମ୍ପଦ ବିଭାଗ ଅଫିସ୍, କୋର୍ଟ ଓ ବହୁ ବଡବଡ ସୋରୁମ୍ ଥିବାରୁ ରାଜ୍ୟ ସରକାର ୫୦ ହଜାର ଲିଟର ବିଶିଷ୍ଟ ଏକ ପାଣିଟାଙ୍କି ଓ ଆଉଏକ ୨ଲକ୍ଷ ଲିଟର ବିଶିଷ୍ଟ ପାଣିଟାଙ୍କି ନିର୍ମାଣ କରିଛନ୍ତି। କିନ୍ତୁ ନିଆଳୀ ବଜାରରୁ ମାତ୍ର ୧୦୦ ମିଟର ଦୂରରେ ୪ନଂ ୱାର୍ଡ ଚନ୍ଦା ସାହି, ଆଲୋକ ନଗର, ବାରବୋଡିଆ ଓ ହରିଶ୍ପୁର ଗ୍ରାମକୁ ମିଳୁନି ପିଇବା ପାଣି। ଏ ନେଇ ଗ୍ରାମବାସୀ ବିଡିଓ ଓ ଜେଇଙ୍କୁ ଅଭିଯୋଗ କଲେ। ଦୁଇ ଦିନ ଭିତରେ ପାଣି ଆସିବ ବୋଲି ବିଡିଓ କହିଲେ ମାତ୍ର ୧ ମାସ ବିତି ଯାଇଥିଲେ ବି ପାଣି ଆସିନି। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି।

### ଜମିବାଡିକୁ କେନ୍ଦ୍ରକରି ଆକ୍ରମଣ ମାମଲା
## ଦୁଇ ଅଭିଯୁକ୍ତ କୋର୍ଟଚାଲାଣ

ବାଲିପାଟଣା, (ଭାସ୍କର ନ୍ୟୁଜ୍): ଗତ ୧୩ ତାରିଖ ଦିନ ଜମିବାଡ଼ିକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ମାରପିଟ୍ ମାମଲା ରେ ଆଜି ଦୁଇ ଅଭିଯୁକ୍ତଙ୍କ କୋର୍ଟଚାଲାଣ କରାଯାଇ ଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଗତ ଶନିବାର ଦିନ ବାଲିପାଟଣା ଥାନା ଅନ୍ତର୍ଗତ ଆଳିଶି ପଞ୍ଚାୟତ ର ଭଇରିପୁର ଗ୍ରାମର ଦୁଇ ପରିବାର ମଧ୍ୟରେ ପୂର୍ବରୁ ଲାଗିରହିଥିବା ଜମିବାଡି ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ଏବଂ ମାରପିଟ୍ ହୋଇ ଆହାତ ହୋଇ ଥିଲେ। ବାଲିପାଟଣା ଥାନା ରେ ଅଭିଯୋଗ ପରେ ଅଭିଯୋଗ ଆଧାର ରେ ବାଲିପାଟଣା ଥାନା ତଦନ୍ତ କରି ମଧୁସୂଦନ ବାରିକ ଙ୍କ ଦୁଇ ପୁଅ ମାନସ ବାରିକ ଓରଫ୍ ରିଙ୍କୁ (୩୪), ଦେବାଶିଷ ବାରିକ (୩୦) ଙ୍କୁ ଗିରଫ୍ କରି କେଶ୍ ୧୬୭/୨୩ ରେ ମାମଲା ରୁଜୁ କରି ଆଜି କୋର୍ଟ ଚାଲାଣ କରାଯାଇଥିବା ବାଲିପାଟଣା ଥାନା ଏଏସ୍ଆଇ କିଶୋର କୁମାର ପାଢୀ ସୁଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କମିଟି ବୈଠକ

ଯାଜପୁର, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଦିନ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଡଃ ଦିବ୍ୟ ଲୋଚନ ମହାନ୍ତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଯାଜପୁର ପୌରପାଳିକା ଅଧ୍ୟକ୍ଷା ରଂଜୁଲତା ହୋତା, ବ୍ୟାସନଗର ପୌରପାଳିକା ଅଧ୍ୟକ୍ଷା ସଂଗୀତା ପିଙ୍ଗୁଆ, ଧର୍ମଶାଳା ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ପଂଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ ଏବଂ ଜିଲ୍ଲା ଜରୁରୀ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ବୈଠକରେ ସମସ୍ତଙ୍କୁ ସ୍ୱାଗତ ଜଣାଇବା ପରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଡଃ ମହାନ୍ତ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ବେଉରିଆ ମିଳିତ ଭାବେ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସଫଳ ଭାବେ ମୁକାବିଲା ଦିଗରେ ବିଭିନ୍ନ ବିଷୟବସ୍ତୁ ଉପରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ବର୍ଷା ଋତୁ ଆରମ୍ଭରେ କଣ୍ଟ୍ରୋଲ ରୁମ୍ ପରିଚାଳନା କରିବା, ବନ୍ୟା ପ୍ଲାବିତ ଗ୍ରାମ ଗୁଡିକର ଜନସାଧାରଣ ମାନଙ୍କୁ ଉଦ୍ଧାର କରିବା, ବ୍ଲକ କଣ୍ଟ୍ରୋଲ ରୁମରୁ ଜିଲ୍ଲା କଣ୍ଟ୍ରୋଲ ରୁମ୍ ଏବଂ ଏସ୍ଆରସି କଣ୍ଟ୍ରୋଲ ରୁମ୍‌କୁ ନିରବଛିନ୍ନ




ଯୋଗାଯୋଗ କରିବା, ତହସିଲ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳରେ ବର୍ଷାର ପରିମାଣ ମାପିବା, ଜଳସେଚନ କଣ୍ଟ୍ରୋଲ ରୁମ୍ ଦ୍ୱାରା ନଦୀର ଜଳ ମାପିବା, ମୁଖ୍ୟ ଜିଲ୍ଲା ଅଧିକାରୀ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ଖୋଲିବା, ଦୁର୍ବଳ ନଦୀ ବନ୍ଧ ସ୍ଥାନ ଗୁଡିକୁ ବିଭାଗୀୟ ଯନ୍ତ୍ରୀ, ବିଡିଓ ଏବଂ ତହସିଲଦାର ମାନେ ମିଳିତ ଅନୁଧ୍ୟାନ କରି ଆବଶ୍ୟକୀୟ ମରାମତି କରାଇବା ସହ ପର୍ଯ୍ୟାପ୍ତ ପରିମାଣରେ ବାଲିବସ୍ତା ଓ ବହ୍ଲା ମହଜୁଦ କରି ରଖିବାକୁ ଅତିରିକ୍ତ ଜିଲ୍ଲାପାଳ ଡଃ ମହାନ୍ତ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅଧ୍ୟକ୍ଷା ମାନ୍ୟବର ବିଧାୟିକା ଶ୍ରୀମତୀ ଦାସ ବ୍ରାହ୍ମଣୀ ନଦୀ ଦକ୍ଷିଣ ମାଟିଆପଡା ଘାଇ ହୋଇଥିବା ସ୍ଥାନକୁ ମରାମତି କରି ମଜବୁତ କରିବା, ମନ୍ଦାରୀ, ଦାସ ସାହି, ସିଂହ ସାହି ଏବଂ ବ୍ରାହ୍ମଣୀ ବାମପାର୍ଶ୍ୱ ଦୁର୍ବଳ ନଦୀବନ୍ଧ ସ୍ଥାନ ମାନଙ୍କରେ ପ୍ରଚୁର ମାତ୍ରାରେ ବାଲିବସ୍ତା ମହଜୁଦ ରଖିବାକୁ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜଳ ସେଚନ ବିଭାଗ ପକ୍ଷରୁ ଦୁର୍ବଳ ନଦୀ ବନ୍ଧ ସ୍ଥାନ ଗୁଡିକରେ ସମ୍ଭାବ୍ୟ ଅଘଟଣ ପାଇଁ ବାଲି ବସ୍ତା ଏବଂ ୪ ହଜାର ବହ୍ଲା ମହଜୁଦ ଅଛି ବୋଲି ବୈଠକରେ ସୂଚନା ମିଳିଥିଲା । ବିଂଝାରପୁର ନିର୍ବାଚନ ମଣ୍ଡଳୀ ଶେଷ ସୀମାରେ ଥିବା ସ୍ଲୁଇସ୍ ଗେଟ୍ ଓ ଶାଖା ନାଳରେ ବନ୍ୟା ପାଣି ନିଷ୍କାସିତ ହେବା ଏବଂ ମହାନଦୀ ଉତରଖଣ୍ଡ ଅଧିନରେ ଥିବା ୧୭ ଗୋଟି ସ୍ଲୁଇସ୍ ଗେଟ୍‌ର ସଠିକ ପରିଚାଳନା ପାଇଁ ବିଧାୟିକା ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଡ୍ରେନେଜ୍ ବ୍ୟବସ୍ଥା ପରିଚାଳନା, ୨ଟି ପୌରସଂସ୍ଥା ଅଧିନରେ ଥିବା ଡ୍ରେନେଜ ଜଳ ନିଷ୍କାସନ ସଂପର୍କରେ ଆଲୋଚନା ହୋଇଥିଲା । ସେହିପରି ବିଡିଓ ଏବଂ ତହସିଲଦାର ମାନେ ମିଳିତ ଭାବେ ବନ୍ୟା ଜୋନ୍ ଚୁଡାନ୍ତ କରିବା, ରାସ୍ତା ଓ କୋଠାବାଡି ଅଧିନରେ ଥିବା ରାସ୍ତା କଡରେ ଜମୁଥିବା ପାଣିର ନିଷ୍କାସନ କରିବା, ବନ୍ୟା ସମୟରେ ବିଡିଓ, ତହସିଲଦାର ଏବଂ ପୌର ସଂସ୍ଥାର ନିର୍ବାହୀ ଅଧିକାରୀ ମାନେ ଜିଲ୍ଲା ପ୍ରଶାସନକୁ ଦୈନନ୍ଦିନ ପରିସ୍ଥିତିର ସୂଚନା ପ୍ରଦାନ କରିବା, ସମସ୍ତ ସରପଂଚ ଓ ପଂଚାୟତ ଅଧିକାରୀ ମାନଙ୍କ ମାଧ୍ୟମରେ ତୃଣମୂଳ ସ୍ତରକୁ ସତର୍କ ସୂଚନା ପ୍ରଦାନ କରିବା, ଉଦ୍ଧାର କାର୍ଯ୍ୟ ନିମିତ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଟିମ୍ ସହ ପାୱାର ବୋଟ ନିୟୋଜିତ କରିବା ପାଇଁ ପୁଙ୍ଖାନୁପୁଙ୍ଖ ଭାବେ ବୈଠକରେ ଆଲୋଚନା କରାଯାଇଥିଲା । ପ୍ରକାଶ ଥାଉ କି, ଜିଲ୍ଲାର ଆପାତ କାଳୀନ ଉଦ୍ଧାର କାର୍ଯ୍ୟ ନିମନ୍ତେ ୩୬ ଗୋଟି ପାୱାର ବୋଟ୍ ବିଭିନ୍ନ ବନ୍ୟା ପ୍ରବଣ ଅଂଚଳ ମାନଙ୍କରେ ମହଜୁଦ କରି ରଖାଯାଇଥିବା ବେଳେ ମୋଟ ୨୦ ହଜାର ୮୮୦ କ୍ୱିଣ୍ଟାଲ ଚାଉଳ ବିଭିନ୍ନ କେନ୍ଦ୍ରରେ ମହଜୁଦ କରି ରଖାଯାଇଛି । ସେହିପରି ଆବଶ୍ୟକ ସ୍ଥଳେ କିରୋସିନି ଏବଂ ଚୁଡା ଗଚ୍ଛିତ କରି ରଖିବା ନିମନ୍ତେ ସଂପୃକ୍ତ କର୍ତୃପକ୍ଷଙ୍କୁ ଚିଠି ଲେଖାଯାଇଛି । ବନ୍ୟା ସମୟରେ ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଉଚ୍ଚ ସ୍ତରୀୟ ନିର୍ମିତ ପାଣି ଟାଙ୍କି ଦ୍ୱାରା ବିଶୁଦ୍ଧ ପାଣି ଯୋଗାଇବା, ବନ୍ୟା ବାତ୍ୟା ପ୍ରଭାବିତଙ୍କୁ ଖାଦ୍ୟ, ପଲିଥିନ, ଔଷଧ ଗୋ-ଖାଦ୍ୟ ପ୍ରଦାନ ନିମନ୍ତେ ମହଜୁଦ ରଖିବାକୁ ସେ ପରାମର୍ଶ ଦେଇଥିଲେ । ବିପର୍ଯ୍ୟୟ ସମୟରେ ଲୋକ ପ୍ରତିନିଧି, ସେଚ୍ଛାସେବୀ, ସରକାରୀ ଅଧିକାରୀ, କର୍ମଚାରୀ ଓ ସାଧାରଣ ଲୋକମାନଙ୍କ ମଧ୍ୟରେ ସମନ୍ୱୟ ରଖିବା ସହ ବିବିଧ ସମସ୍ୟା ଗୁଡିକ ତ୍ୱରିତ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ବହୁମୁଖୀ ବନ୍ୟା, ବାତ୍ୟା ଆଶ୍ରୟ ସ୍ଥଳ ଗୁଡିକର ସ୍ଥିତି ସୁଦୃଢୀକରଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ସାପ କାମୁଡା ଇଂଜେକ୍ସନ, ହାଲୋଜିନ୍ ବଟିକା ପର୍ଯ୍ୟାପ୍ତ ପରିମାଣରେ ରଖିବା ସହ ବିଜୁଳି ଶକ୍ତି ନଥିବା ସମୟରେ ଜେନେରେଟର ବ୍ୟବସ୍ଥା କରିବାକୁ ଟିପିଏନ୍ଓଡିଏଲଙ୍କୁ ପରାମର୍ଶ ଦିଆଯାଇଛି । ଅଗ୍ନିସମ ସେବା, ଜରୁରୀ କାଳୀନ ପରିସ୍ଥିତିରେ ହେଲିପ୍ୟାଡ୍ ଏୟାର ଷ୍ଟ୍ରିପ୍ ମାଧ୍ୟମରେ ଉଦ୍ଧାର କାର୍ଯ୍ୟ ଓ ଖାଦ୍ୟ ପୁଡିଆ ପ୍ରଦାନ କରିବା, ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ସ୍ୱତନ୍ତ୍ର ଭାବେ ସୁକିନ୍ଦା ବ୍ଲକ ପାଇଁ ଏକ ଗୋଟି ପାୱାର ବୋଟ୍ ପ୍ରଦାନ ନିମନ୍ତେ ଏସ୍ଆର୍‌ସି ଙ୍କୁ ଚିଠି ଲେଖିବା ଏବଂ ଡାକ୍ତଖାନା ମାନଙ୍କରେ ଡାକ୍ତର, ଫାର୍ମାସିଷ୍ଟ ଏବଂ ନର୍ସ ମାନଙ୍କ ଦ୍ୱାରା ସେବା ଉପଲବ୍ଧ ଉପରେ ଆଲୋଚନା କରାଯାଇଥିଲା । ଶେଷରେ ଜିଲ୍ଲା ଜରୁରୀ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରକାଶ ଥାଉ କି, ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଡଃ ଦିବ୍ୟ ଲୋଚନ ମହାନ୍ତ, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଗ୍ରାମ୍ୟ ଉନ୍ନୟନ, ଜିଲ୍ଲା ଜଳ ଯୋଗାଣ ଓ ପରିମଳ, ଆଂଚଳିକ ପରିବହନ ବିଭାଗ, ଜଳସେଚନ ବିଭାଗ, ପଶୁ ଚିକିତ୍ସା ବିଭାଗ, କୃଷି ଓ ଉଦ୍ୟାନ କୃଷି, ଟିପିଏନ୍ଓଡିଏଲ, ରାସ୍ତା ଓ କୋଠାବାଡି ବିଭାଗ, ଯୋଜନା ଓ ସମନ୍ୱୟ ବିଭାଗ, ଜାତୀୟ ରାଜପଥ କଡରେ ମେଗା ପାନୀୟ ଜଳ ପାଇପ୍ ଲାଇନ୍ ଆଦି ବୃହତ ପ୍ରକଳ୍ପ ଗୁଡିକର ଅଗ୍ରଗତି କାର୍ଯ୍ୟ ସମ୍ବନ୍ଧରେ ସମୀକ୍ଷା କରି ଯଥାଶିଘ୍ର ପ୍ରକଳ୍ପ କାର୍ଯ୍ୟ ଗୁଡିକୁ ଶେଷ କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

### କାଳବୈଶାଖୀର ତାଣ୍ଡବ
## ଠାକୁରାଣୀ ଯାତ୍ରାର ତୋରଣ ଭାଙ୍ଗିଲା

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଆଜି ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ଯୋଗୁଁ ଭଂଜନଗର ସମେତ ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ସାମାନ୍ୟ ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ ବୋହିବା ଯୋଗୁଁ ବହୁ ସ୍ଥାନରେ ଗଛ ଡାଳ ଭାଙ୍ଗିବା ସହ ଗମନାଗମନ ପ୍ରଭାବିତ ହୋଇଥିଲା। ପ୍ରାୟ ଘଣ୍ଟାଏ ସମୟ ପର୍ଯ୍ୟନ୍ତ ବର୍ଷା ସାଙ୍ଗକୁ ପବନର ପ୍ରକୋପ ଜାରି ରହିଥିଲା। ଅବଶ୍ୟ ତାତିରୁ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଅନେକ ସ୍ଥାନରେ ଛୋଟ ବଡ଼ ଡାଳ ପଡ଼ି ବିଦ୍ୟୁତ୍ ସେବା ଠପ ହୋଇଯାଇଛି । ଏହାକୁ ସଜାଡି ପାଇଁ ବିଦ୍ୟୁତ୍ କର୍ମଚାରୀ ମାନେ ଯୁଦ୍ଧ କାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ କରିଥିଲେ ମଧ ବିଦ୍ୟୁତ୍ ସେବା ବିଳମ୍ବିତ ସମୟ ପର୍ଯ୍ୟନ୍ତ ସ୍ୱାଭାବିକ ହୋଇପାରି ନଥିଲା। ଭଂଜନଗର ଠାକୁରାଣୀ ଯାତ୍ରା ପାଇଁ ସବ୍ ରେଜିଷ୍ଟ୍ରାର୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ହୋଇଥିବା ଲାଇଟ୍ ଗେଟ୍ ଓ ଅସ୍ଥାୟୀ ବାଉଁଶ ତୋରଣ ସଂପୂର୍ଣ୍ଣ ତଳେ ପଡ଼ିଯାଇଥିଲା । ସେହିପରି ଡିଏଫ୍ଓଙ୍କ ବାସଭବନ ସମ୍ମୁଖରେ ଏକ ଗଛର ଡାଳ ଭଞ୍ଜନଗର ସେଲ୍ଫି ପଏଣ୍ଟ ଉପରେ ପଡିଯାଇଥିଲା । ବାଇପାସ୍ ରାସ୍ତାରେ ଏକ ବିରାଟ ଗଛ ଡାଳ ପଡି ରହିଥିବା ବେଳେ ଯାତାୟତ ବାଧାପ୍ରାପ୍ତ ହୋଇଥିବା ବେଳେ ତୁରନ୍ତ ତାକୁ କାଟି ବାହାର କରିବା ପରେ ଯାତାୟତ ସ୍ୱଭାବିକ ହୋଇଥିଲା। ସେହପରି ମୀନା ବଜାର, ଦୋଳି ସ୍ଥାନରେ ମଧ ବ୍ୟାପକ କ୍ଷୟକ୍ଷତି ହୋଇଛି। ଦୋଳି ଭାଙ୍ଗି ଯାଇଥିବା ବେଳେ ବାଇପାସ୍ ରୋଡ଼ରେ ପଡିଥିବା ଅପେରା ପେଣ୍ଡାଲ୍ ସଂପୂର୍ଣ୍ଣ ଭାବେ ଭାଙ୍ଗିପଡିଛି। ଏଥିସହ ଶ୍ରୀରାମ ନଗରରେ ମିଟୁ ନାୟକ, ଖ୍ରୀଷ୍ଟିଆନ୍ ସାହିର କାଳିଆ ବିଷୋୟୀ ଏବଂ କାଳୀବନ୍ଧ ସାହିରେ ଜଣକ ଘର ଭାଙ୍ଗି ଯାଇଛି। ଏନେଇ ସ୍ଥାନୀୟ ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇଥିବା ଜଣାପଡ଼ିଛି।

## ନଡ଼ିଆ ଗଛ ଭାଙ୍ଗିଲା, ବିଦ୍ୟୁତ୍ ତାର ଛିଡ଼ିଲା

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ାରେ କାଳ ବୈଶାଖୀର ତାଣ୍ଡବ। ଭାଙ୍ଗିଲା ନଡ଼ିଆ ଗଛ, ଉଡ଼ିଲା ଝୁମ୍ପୁଡ଼ି ଘର, ବିଦ୍ୟୁତ୍ ସରବରାହ ବ୍ୟାଘାତ । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ାରେ ଆଜି ଅପରାହ୍ନ ସମୟରେ କାଳ ବୈଶାଖୀ ତାଣ୍ଡବ ସୃଷ୍ଟି କରିଛି । ଉତ୍ତର-ପଶ୍ଚିମ ଦିଗରୁ ମେଘ ଘୋଟି ଆସିବା ସହ ପ୍ରବଳ ବେଗରେ ପବନ ବୋହିଥିଲା । ଝୁମ୍ପୁଡ଼ି ଘର ଉଡ଼ାଇ ନେଇଥିବା ବେଳେ ନଡ଼ିଆ ଗଛ ଭାଙ୍ଗି ପଡ଼ି ଜଣେ ଅଟୋ ଚାଳକ ତେରୁଣ୍ଡିଆ ଗ୍ରାମରେ ଗୁରୁତର ଆହତ ହୋଇ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି । ନିମାପଡ଼ା ପୌର ପରିଷଦ ଦକ୍ଷିଣ ସାହି ଗ୍ରାମରେ ନଡ଼ିଆ ଗଛ ଭାଙ୍ଗି ପଡ଼ିବାରୁ ବିଦ୍ୟୁତ୍ ତାର ଛିଣ୍ଡି ବ୍ୟାପକ କ୍ଷୟକ୍ଷତି ହୋଇଛି । ଅନେକ ସ୍ଥାନରେ ଝୁମ୍ପୁଡ଼ି ଘର ଉଡ଼ି ଯାଇଥିବା ବେଳେ ବିପନ୍ନମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ପବନର ତୀବ୍ରତା ଜୋର୍ ଥିବାରୁ ରାସ୍ତାରେ ୧ ଘଂଟା ପାଇଁ ଗାଡ଼ି ଚଳାଚଳ ବ୍ୟାଘାତ ହୋଇଥିଲା ।

# ଜାତୀୟ ଓ ଅନ୍ତର୍ଜାତୀୟ




ଲକ୍ଷ୍ନୌ: ଉତ୍ତରପ୍ରଦେଶର ଯୋଗୀ ସରକାର ରାଜ୍ୟ ସରକାରୀ କର୍ମଚାରୀଙ୍କୁ ବଡ଼ ଧରଣର ଉପହାର ଭେଟି ଦେଇଛନ୍ତି। ରାଜ୍ୟର ୧୬.୩୫ ଲକ୍ଷ କର୍ମଚାରୀ ଓ ୧୧ଲକ୍ଷ ପେନ୍‌ସନଭୋଗୀଙ୍କ ମହଙ୍ଗା ଭତ୍ତା ୪ ପ୍ରତିଶତ ବୃଦ୍ଧି କରିଛନ୍ତି। ଖୋଦ୍ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଟ୍ୱିଟ୍ ଯୋଗେ ଏହା ସୂଚନା ଦେଇଛନ୍ତି। ସେ ତାଙ୍କ ଟ୍ୱିଟ୍‌ରେ ଦର୍ଶାଇଛନ୍ତି କି ଉତ୍ତରପ୍ରଦେଶ ସରକାର ସେବାରତ ୧୬.୩୫ ଲକ୍ଷ ରାଜ୍ୟ କର୍ମଚାରୀ ଓ ୧୧ଲକ୍ଷ ପେନ୍‌ସନ୍‌ଭୋଗୀଙ୍କ ବ୍ୟାପକ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧ ଜାନୁଆରୀ ୨୦୨୩ରୁ ମହଙ୍ଗା ଭତ୍ତା ୪ ପ୍ରତିଶତ ବୃଦ୍ଧି କରିଛନ୍ତି। ଅର୍ଥାତ ଏହା ୩୮ ପ୍ରତିଶତରୁ ବୃଦ୍ଧି ପାଇ ଏବେ ୪୨ ପ୍ରତିଶତକୁ ବୃଦ୍ଧି ପାଇଛି। ଯୋଗୀ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ରାଜ୍ୟ ସରକାରୀ କର୍ମଚାରୀ ଅଶେଷ କୃତଜ୍ଞତା ଜଣାଇଛନ୍ତି।

## ଚଳିତ ମାସରେ ଖୋଲିବ ସଂସଦର ନୂଆ ବିଲ୍ଡିଂ



ଭାରତର ନୂଆ ସଂସଦ ବିଲଡିଂ ଚଳିତ ମାସରେ ହିଁ ଉଦଘାଟିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦଘାଟନ କରିବେ। କାର୍ଯ୍ୟକ୍ଷମ ହେବାକୁ ଚୂଡ଼ାନ୍ତ ପର୍ଯ୍ୟାୟରେ ଥିବା ସଂସଦର ଏହି ନୂଆ ବିଲଡିଂ ଚଳିତ ମାସର ଶେଷ ସପ୍ତାହରେ ଖୋଲିବ। ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତିକୁ ପାଳନ କରିବା ପାଇଁ ଏହାକୁ ଉଦଘାଟନ କରାଯିବ ବୋଲି ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ ମସିହା ମେ' ୨୬ରେ ଶପଥ ଗ୍ରହଣ କରିଥିଲେ। ତେଣୁ ୨୦୨୩ ମେ' ୨୬ରେ ତାଙ୍କ ଶାସନକୁ ୯ ବର୍ଷ ପୂରିବ। ଏହାକୁ ଅଧିକ ସ୍ମରଣୀୟ କରିବା ପାଇଁ ନୂଆ ଡିଜାଇନରେ ତିଆରି ହୋଇଥିବା ସଂସଦ ବିଲଡିଂକୁ ପ୍ରଧାନମନ୍ତ୍ରୀ ମୋଦି ଉଦଘାଟନ କରିବେ। ୪ ମହଲା ବିଶିଷ୍ଟ ନୂଆ ବିଲଡିଂକୁ ଅତ୍ୟନ୍ତ ଭବ୍ୟ କରିବା ପାଇଁ ୯୭୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏକା ମଧ୍ୟରେ ୧୨୨୪ ଜଣ ସାଂସଦ ବସିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହା ମଧ୍ୟରେ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରଦର୍ଶନ କରିବା ପାଇଁ ଗୋଟିଏ ବିରାଟ ସମ୍ବିଧାନ ହଲ ତିଆରି କରାଯାଇଛି। ଖାଇବା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧାସୁଯୋଗ ଏଠାରେ ରହିଛି। ଉଭୟ ଗୃହର କର୍ମଚାରୀମାନେ ନୂଆ ଓ ସ୍ୱତନ୍ତ୍ର ୟୁନିଫର୍ମ ପିନ୍ଧିବେ। ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ଫ୍ୟାଶନ ଟେକ୍ନୋଲଜି ବା ଏନଆଇଏଫଟି ୟୁନିଫର୍ମର ଡିଜାଇନ କରିଛି। ନୂଆ ବିଲଡିଂରେ ଜ୍ଞାନ ଦ୍ୱାର, ଶକ୍ତି ଦ୍ୱାର ଓ କର୍ମ ଦ୍ୱାର ରହିଛି। ସାଂସଦ, ଭିଆଇପି ଓ ପରିଦର୍ଶକଙ୍କ ପାଇଁ ସ୍ୱତନ୍ତ୍ର ଦ୍ୱାର ବ୍ୟବସ୍ଥା କରାଯାଇଛି। ନୂଆ ସଂସଦ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୦ ମସିହା ଡିସେମ୍ବର ମାସରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏବେ ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ଏହାକୁ ଉଦଘାଟନ କରାଯିବ। ମୋଦି ସରକାରଙ୍କ ୯ ବର୍ଷ ଶାସନ ପୂର୍ତ୍ତିକୁ ବେଶ ଭବ୍ୟ ଭାବେ ପାଳନ କରିବାକୁ ବିଜେପି ଯୋଜନା କରିଛି। ଏଥିପାଇଁ ଦଳ ପକ୍ଷରୁ ମାସେ କାଳ ସ୍ୱତନ୍ତ୍ର କଣ୍ଟାକ୍ଟ ପ୍ରଚାର ବା ସ୍ୱତନ୍ତ୍ର ଯୋଗାଯୋଗ ପ୍ରଚାର କାର୍ଯ୍ୟକ୍ରମ କରାଯିବ। ଏହି ପ୍ରଚାର ଅଭିଯାନକୁ ପ୍ରଧାନମନ୍ତ୍ରୀ ମୋଦି ମେ' ୩୦ରେ ଲଞ୍ଚ କରିବେ।


## କୃଷକମାନଙ୍କ ମଧ୍ୟରେ ଅନ୍ୟମାନଙ୍କ କଲ୍ୟାଣକୁ ବିଚାର କରିବାର ଏକ ଅନନ୍ୟ ଗୁଣ ରହିଛି: ବାଘେଲ



ରାୟପୁର : ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଗୁରୁତ୍ୱାରୋପ କରିଛନ୍ତି ଯେ କୃଷକମାନଙ୍କ ମଧ୍ୟରେ ଅନ୍ୟମାନଙ୍କ କଲ୍ୟାଣକୁ ବିଚାର କରିବାର ଏକ ଅନନ୍ୟ ଗୁଣ ରହିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ କୃଷକମାନଙ୍କ ଜମି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା ରହିଛି। ସୋମବାର ବାଲୋଡା ବଜାର-ଭଟାପରା ଜିଲ୍ଲାର କାଦର ଗ୍ରାମରେ ଆୟୋଜିତ ହୋଇଥିବା ଭେଟ୍ ମୁଲାକାତ୍ କାର୍ଯ୍ୟକ୍ରମକୁ ସେ ସମ୍ବୋଧିତ କରି ଏହା କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା କୃଷକ ଦୀପକ ବର୍ମା କହିଛନ୍ତି ଯେ 'କିସାନ କିତାବ' ତାଙ୍କ ପୂର୍ବଜଙ୍କ ସମୟରୁ ବ୍ୟବହାର ହୋଇଆସୁଛି। ପୁରୁଣା 'କିସାନ କିତାବ'କୁ ରାଜ୍ୟ ଚାଷୀଙ୍କୁ ଦିଆଯାଇଥିବା ନୂତନ ସହିତ ବଦଳାଇବା ଅତ୍ୟନ୍ତ ସୁବିଧାଜନକ ହେବ ବୋଲି ସେ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ସାର ଏବଂ ବିହନ କ୍ରୟର ବିବରଣୀ ସହିତ ଏହି ପୁସ୍ତକ ଜମି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ମଧ୍ୟ ରେକର୍ଡ କରିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ବାଗେଲ ଧ୍ୟାନର ସହ ଦୀପକ ବର୍ମାଙ୍କ କଥା ଶୁଣି କହିଛନ୍ତି ଯେ 'କୃଷକମାନେ ସର୍ବଦା ସମସ୍ତଙ୍କ ବିଷୟରେ ଭାବନ୍ତି ଏବଂ ଏହି ଦିଗଟି ସୁନ୍ଦର ଅଟେ। ଯେପରି କୃଷକମାନେ ସମସ୍ତଙ୍କ ବିଷୟରେ ଭାବନ୍ତି, ରାଜ୍ୟ ସରକାର ମଧ୍ୟ ସେମାନଙ୍କ ବିଷୟରେ ଚିନ୍ତା କରିଛନ୍ତି। ସ୍ୱାର୍ଥ ଦୃଷ୍ଟିରୁ ଅନେକ ନିଷ୍ପତ୍ତି ନିଆଯାଇଛି। କୃଷକମାନେ ଏକର ପିଛା ଧାନ କ୍ରୟ କରିବାର ସୀମାକୁ ୨୦ କ୍ୱିଣ୍ଟାଲକୁ ବୃଦ୍ଧି କରିବା ସହିତ ରାଜୀବ ଗାନ୍ଧୀ କିସାନ ନ୍ୟାୟ ଯୋଜନା ମାଧ୍ୟମରେ ବିହନ ବୁଣିବା ଏବଂ ଅମଳ ଭଳି ଗୁରୁତ୍ୱପୂର୍ଣ୍ଣ କୃଷି କାର୍ଯ୍ୟ ପାଇଁ ଠିକ ସମୟରେ ଆର୍ଥିକ ସହାୟତା ନିଶ୍ଚିତ କରି କୃଷକଙ୍କ ଚିନ୍ତା ଦୂର ହୋଇଛି।

## ହଷ୍ଟେଲରେ ଭୟଙ୍କର ଅଗ୍ନିକାଣ୍ଡ

# ଜଳିଗଲେ ୧୦ ଅନ୍ତେବାସୀ



ନ୍ୟୁଜିଲାଣ୍ଡର ରାଜଧାନୀ ୱେଲିଂଟନସ୍ଥିତ ଏକ ଚାରି ମହଲା ହଷ୍ଟେଲରେ ଗତ ରାତିରେ ଭୀଷଣ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର ଭୟାବହତା ଏତେ ଅଧିକ ଯେ ଏଥିରେ ୧୦ ଜଣଙ୍କ ମୃତ୍ୟୁ ହୋଇ ସାରିଲାଣି। ଏହି ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ୱେଲିଂଟନସ୍ଥିତ ୪ ମହଲା ହଷ୍ଟେଲରେ ପ୍ରାୟ ୯୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ରହୁଥିବା ଜଣାଯାଇଛି। ଗତ ରାତିରେ ହଷ୍ଟେଲର ତୃତୀୟ ମହଲାରେ ହଠାତ୍ ? ନିଆଁ ଲାଗି ଯାଇଥିଲା। ହଷ୍ଟେଲରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସ୍ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ପ୍ରାଣେପଣେ ଉଦ୍ୟମ ଆରମ୍ଭ କରିଛନ୍ତି। ନିଆଁ ଚାରିଆଡ଼େ ବ୍ୟାପି ଯାଇଥିବାରୁ ହଷ୍ଟେଲ ଅନ୍ତେବାସୀଙ୍କୁ ଉଦ୍ଧାର କରିବା ଏକ ପ୍ରକାର ଚ୍ୟାଲେଞ୍ଜ ପାଲଟିଛି। ଏ ଯାବତ ଅଗ୍ନିଶମ କର୍ମଚାରୀ ୧୦ ଜଣଙ୍କ ମୃତଦେହ ଉଦ୍ଧାର କରି ସାରିଥିବା ଜଣାଯାଇଛି। ହଷ୍ଟେଲର ୫୦ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ବିଭିନ୍ନ ମେଡିକାଲରେ ଭର୍ତ୍ତି କରାଯାଇଛି। ଏଯାବତ ୨୦ରୁ ଊର୍ଦ୍ଧ୍ୱ ଜଣଙ୍କ ପତ୍ତା ମିଳୁନି। ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଥିବା ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏନେଇ ସେ କହିଛନ୍ତି, ଏହା ଏକ ଦୁଃଖଦ ଘଟଣା। କିପରି ଏପରି ଭୟଙ୍କର ଘଟଣା ଘଟିଲା ତାହାର ତଦନ୍ତ ନିହାତି ହେବ। କିନ୍ତୁ ବର୍ତ୍ତମାନ ପାଇଁ, ପରିସ୍ଥିତିକୁ ସାମ୍ନା କରିବା ତଥା ଉଦ୍ଧାର କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଉପରେ ସମସ୍ତଙ୍କ ଧ୍ୟାନ କେନ୍ଦ୍ରିଭୂତ ହୋଇଛି। ନିଆଁ ଲାଗିଯିବା ହେତୁ ବିଲ୍ଡିଂର କିଛି ପାର୍ଶ୍ୱ ଧସି ପଡୁଥିବାରୁ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ପାରୁ ନାହିଁ। ଏହା ଏକ କଳା ଅଧ୍ୟାୟ ଓ ଭୟଙ୍କର ସ୍ୱପ୍ନ ବୋଲି ନ୍ୟୁଜିଲାଣ୍ଡର ଚିଫ୍ ଫାୟାର ଅଫିସର ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## 'ମୁଖ୍ୟମନ୍ତ୍ରୀ ପଦ କାହାର ପୈତୃକ ସମ୍ପତ୍ତି ନୁହେଁ'

ବେଙ୍ଗାଲୁରୁ: 'ମୁଖ୍ୟମନ୍ତ୍ରୀ ପଦ କାହାର ପୈତୃକ ସମ୍ପତ୍ତି ନୁହେଁ। ତେଣୁ ଏହାକୁ ନେଇ ଭାଗବଣ୍ଟା ଅସମ୍ଭବ। ଭାଇ ଭାଇ ମଧ୍ୟରେ ପୈତୃକ ସମ୍ପତ୍ତିକୁ ଭାଗ ବଣ୍ଟା କରାଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ଆସନକୁ ଭାଗ ଭାଗ କରିବା ସମ୍ଭବ ନୁହେଁ।' କର୍ଣ୍ଣାଟକାରେ ମୁଖ୍ୟମନ୍ତ୍ରୀ ଆସନକୁ ନେଇ ଛକାପଞ୍ଝା ଚାଲିଥିବା ବେଳେ ଏପରି ତେରଛା ବାଣ ମାରିଛନ୍ତି ବରିଷ୍ଠ ନେତା ଡିକେ ଶିବକୁମାର। କର୍ଣ୍ଣାଟକାରେ ମୁଖ୍ୟମନ୍ତ୍ରୀ ଆସନକୁ ନେଇ ଉଭୟ ସିଦ୍ଧରମୈୟା ଓ ଡିକେ ଶିବକୁମାର ଙ୍କୁ କିପରି ସନ୍ତୁଷ୍ଟ କରାଯିବ ତାହା ଏବେ କଂଗ୍ରେସ ନେତାଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଏପରି ସ୍ଥିତିରେ ଶିବ କୁମାରଙ୍କ ଏପରି ମନ୍ତବ୍ୟ ଭାଗବଣ୍ଟାର ପ୍ରଶ୍ନ ଉଠୁ ନ ଥିବା ସୂଚାଉଛି। ତେଣୁ କଂଗ୍ରେସ ପ୍ରେସିଡେଣ୍ଟ ମଲ୍ଲିକାର୍ଜ୍ଜୁନ ଖଡଗେ କ'ଣ ନିଷ୍ପତ୍ତି ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର। କର୍ଣ୍ଣାଟକାରେ କଂଗ୍ରେସର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ତାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଥିବା ବେଳେ ଏ ସଂକ୍ରାନ୍ତରେ ଆଲୋଚନା ନିମନ୍ତେ ଗତକାଲି ସିଦ୍ଧରମୈୟା ଦିଲ୍ଲୀ ଗସ୍ତ କରିଛନ୍ତି। ଏହାପରେ ଆଜି ସକାଳୁ ଶିବକୁମାର ବି ରାଜଧାନୀମୁହାଁ ହୋଇଛନ୍ତି। ଆଇସିସି ଜେନେରାଲ ସେକ୍ରେଟାରୀ ଡାକିଥିବାରୁ ଏକୁଟିଆ ଦିଲ୍ଲୀ ଯାଉଥିବା କହିଛନ୍ତି ଶିବ କୁମାର। ସେଠାରେ କଂଗ୍ରେସ ହାଇକମାଣ୍ଡ ସୋନିଆ ଗାନ୍ଧି, ରାହୁଲ ଗାନ୍ଧି ତଥା କଂଗ୍ରେସ ପ୍ରେସିଡେଣ୍ଟ ମଲ୍ଲିକାର୍ଜ୍ଜୁନ ଖଡଗେଙ୍କ ସହ ଆଲୋଚନା ହେବ ବୋଲି ଉଭୟ ନେତା ସ୍ପଷ୍ଟ କରିଛନ୍ତି।



## ଚନ୍ଦ୍ରପୁରରେ ମେଗା ରାଲି କରିବେ କେସିଆର୍

ଚନ୍ଦ୍ରପୁର: ଭରତ ରାଷ୍ଟ୍ର ସମିତି (ବିଆରଏସ) ସଭାପତି ତଥା ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ ଏହି ମାସ ଶେଷରେ କିମ୍ବା ଜୁନ୍ ପ୍ରଥମ ସପ୍ତାହରେ ମହାରାଷ୍ଟ୍ରର ଚନ୍ଦ୍ରପୁରରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବାର ସମ୍ଭାବନା ରହିଛି। ଚାରି ମାସ ମଧ୍ୟରେ ମହାରାଷ୍ଟ୍ରରେ ଏହା ତାଙ୍କର ଚତୁର୍ଥ ରାଲି ହେବ। କେଆରସି ନନ୍ଦେ (ଫେବୃଆରୀ ୫), ନନ୍ଦେଡ ଜିଲ୍ଲାର କାନ୍ଧର ଲୋହା (ମାର୍ଚ୍ଚ ୨୬) ଏବଂ ଔରଙ୍ଗାବାଦରେ ଛତ୍ରପତି ସମ୍ଭାଜୀନଗର (ଏପ୍ରିଲ ୨୪) ରେ ଅନୁଷ୍ଠିତ ସମାବେଶକୁ ସମ୍ବୋଧିତ କରିଥିଲେ। କୃଷକ ଆତ୍ମହତ୍ୟା, ଦଳିତ ପ୍ରସଙ୍ଗ ଇତ୍ୟାଦିକୁ ନେଇ ରାଓ କହିଥିଲେ କି ମହାରାଷ୍ଟ୍ରରେ ତାଙ୍କ ଦଳ କ୍ଷମତାକୁ ଆସିଲେ ବହୁ କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ଚନ୍ଦ୍ରପୁରରେ ଏକ ମେଗା ରାଲି ଦଳର ଏଜେଣ୍ଡା ଉପରେ ରହିଛି ଏବଂ ଖୁବ ଶୀଘ୍ର ତାରିଖ ଘୋଷଣା କରାଯିବ ବୋଲି ଏ ସମ୍ପର୍କରେ ପରିଚିତ ଲୋକମାନେ କହିଛନ୍ତି।



## ସମସ୍ତ ବେଆଇନ୍ ଅଧିଗ୍ରହଣ ଉଚ୍ଛେଦ କରାଯିବ: ଧାମି



ଡେରାଡୁନ୍: ଉତ୍ତରାଖଣ୍ଡର ସମସ୍ତ ବେଆଇନ ଅଧିଗ୍ରହଣ ଯେକୌଣସି ମୂଲ୍ୟରେ ଭାଙ୍ଗି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ମଙ୍ଗଳବାର କହିଛନ୍ତି। ସେ ଆହୁରି କହିଛନ୍ତି ଯେ ହଲଦୱାନି ମାମଲାରେ ରାଜ୍ୟ ସରକାର କୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବେ। ରାଜ୍ୟରେ ବେଆଇନ ଅଧିଗ୍ରହଣ ହଟାଇବା ପାଇଁ ଉଚ୍ଛେଦ ପ୍ରକ୍ରିୟା ଚାଲିଛି ଏବଂ ସେଗୁଡିକୁ ହଟାଇବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଏଠାରେ ଥିବା ସଚିବାଳୟରେ ସେ ଗଣମାଧ୍ୟମକୁ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉତ୍ତରାଖଣ୍ଡ ଗସ୍ତକୁ ନେଇ ଧାମି କହିଛନ୍ତି, "ପ୍ରଧାନମନ୍ତ୍ରୀ ଉତ୍ତରାଖଣ୍ଡକୁ ଭଲ ପାଆନ୍ତି। ତାଙ୍କ ପରିଦର୍ଶନକୁ ରାଜ୍ୟବାସୀ ମଧ୍ୟ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ସିଏମ୍ କହିଛନ୍ତି ଯେ ଯମୁନୋତ୍ରି, ଗଙ୍ଗୋତ୍ରୀ ଏବଂ ବଦ୍ରିନାଥ ପର୍ଯ୍ୟନ୍ତ ଯାତ୍ରା ସୁରୁଖୁରୁରେ ଚାଲିଛି କିନ୍ତୁ ଖରାପ ପାଗ ହେତୁ କେଦାରନାଥ ଯାତ୍ରା ବାଧାପ୍ରାପ୍ତ ହୋଇଛି।

# ବାଣିଜ୍ୟ

amazon.in

ଭୁବନେଶ୍ୱର: ଆମାଜନ.ଇନ ବିଭିନ୍ନ ବ୍ରାଣ୍ଡର ଡିସୱାସର ଗୁଡ଼ିକ ଉପରେ ଆକର୍ଷଣୀୟ ଅଫର ଓ ଡିଲ ପ୍ରଦାନ କରୁଛି। ଏଥିରେ ଭୋଲଟାସ, ବୋସ, କ୍ରମ୍ପଟନ, ଗୋଦରେଜ ଓ ଆହୁରି ଅନେକ ବ୍ରାଣ୍ଡ ରହିଛି। ଗ୍ରାହକମାନେ ପ୍ରଯୁଜ୍ୟ କ୍ରେଡିଟ କାର୍ଡ ଇଏମଆଇ ଟ୍ରାନ୍ସକ୍ସନର ବ୍ୟବହାର କରି ୧୦% ଇନଷ୍ଟାଂଟ ରିହାତି ଲାଭ କରିପାରିବେ। ଭୋଲଟାସ ବେକୋ ୮ ପ୍ଲେସ ସେଟିଂସ ଟେବୁଲ ଟପ ଡିସୱାସରରେ ରହିଛି ୬ ୱାସର ପ୍ରୋଗ୍ରାମ ଏବଂ ୩୦ ମିନି ପ୍ରୋଗ୍ରାମ। ଆମଜନରେ ଏହାର ମୂଲ୍ୟ ୧୭,୪୯୦ଟଙ୍କାରୁ ଆରମ୍ଭ ହେଉଛି। ବୋସ ୧୩ ପ୍ଲେସ ସେଟିଂ ଡିସୱାସର ୬ଟି ୱାସ ପ୍ରୋଗ୍ରାମ ଏବଂ ୩ଟି ବିକଳ୍ପ ସହିତ ଆସୁଛି ଏବଂ ଆମାଜନରେ ଏହାର ମୂଲ୍ୟ ୪୨,୪୯୦ଟଙ୍କାରୁ ଆରମ୍ଭ ହେଉଛି। ଆଇଏଫବି ୧୨ ପ୍ଲେସ ସେଟିଂ ହଟ ୱାଟର ୱାସ ଫ୍ରି ଷ୍ଟାଡିଂ ଡିସୱାସରରେ ଏକ ସ୍ମାର୍ଟ ସେନ୍ସର, ୭୦° ହଟ ୱାଟର ୱାସ ଭଳି ଫିଚର ରହିଛି ଏବଂ ଏହାର ମୂଲ୍ୟ ୩୪, ୪୯୦ଟଙ୍କାରୁ ଆରମ୍ଭ ହେଉଛି।

## ଇଲେକ୍ଟ୍ରିକ୍ ମୋଟରବାଇକ୍ ଏରା ପାଇଁ ପ୍ରି-ବୁକ୍ ଅଫର୍ ଘୋଷଣା କରିଛି ମ୍ୟାଟର୍

ମୁମ୍ବାଇ: ଏକ ବୈଷୟିକ ଉଦ୍ଭାବନ-ଆଧାରିତ ଷ୍ଟାର୍ଟଅପ୍ ମ୍ୟାଟର୍ ଏହାର ଫ୍ଲାଗସିପ୍ ମୋଟରବାଇକ୍ ମ୍ୟାଟର୍ ଏରା ପାଇଁ ପ୍ରି-ବୁକିଙ୍ଗ୍ ଆରମ୍ଭ କରିବାକୁ ପ୍ରସ୍ତୁତ ହୋଇଛି। ଏହାର ଅନ୍‌ଲାଇନ୍ ପ୍ରି-ବୁକିଙ୍ଗ ଆସନ୍ତା ମେ' ୧୭ ତାରିଖରୁ ଦେଶର ୨୫ଟି ଜିଲ୍ଲାରେ ମ୍ୟାଟର ଡଟ୍ ଇନ୍, ଫ୍ଲିପ୍‌କାର୍ଟ ଡଟ୍ କମ୍ ଓ ଓଟୋକ୍ୟାପିଟାଲ ଡଟ୍ ଇନ୍‌ରେ ଆରମ୍ଭ ହେବ। ପ୍ରି-ବୁକ୍ ସହରଗୁଡିକ ହେଉଛି: ହାଇଦ୍ରାବାଦ, ବିଶାଖାପାଟ୍‌ନମ୍, ବିଜୟୱାଡା, କ୍ରିଷ୍ଣା, ବେଙ୍ଗାଲୁରୁ, ମହୀଶୂର, ଚେନ୍ନାଇ, କୋଏମ୍ବାଟୁର, ମଦୁରାଇ, ମୁମ୍ବାଇ, ନଭି-ମୁମ୍ବାଇ, ଥାନେ, ରାୟଗଡ, ପୁନେ, ନାଗପୁର, ନାସିକ, ଅହମ୍ମଦାବାଦ, ଗାନ୍ଧୀନଗର, ସୁରଟ, ବଡୋଦରା, ଜୟପୁର, ଇନ୍ଦୋର, ଦିଲ୍ଲୀ ଏନ୍‌ସିଆର୍, ପାଟ୍‌ନା, ଲକ୍ଷ୍ନୌ, କାନପୁର, ଗୌହାଟୀ, କାମ୍ରୁପ, କୋଲ୍‌କାତା, ଭୁବନେଶ୍ୱର ଓ ଖୋର୍ଦ୍ଧା ଇତ୍ୟାଦି। ଇଲେକ୍ଟ୍ରିକ୍ ମୋବିଲିଟି ବା ବୈଦ୍ୟୁତିକ ଯାତାୟତର ପ୍ରାରମ୍ଭିକ ଗ୍ରହଣକାରୀ ଓ ଉଦ୍ଭାବକମାନେ ଏରାକୁ ପ୍ରି-ବୁକ୍ କରିବାକୁ ସକ୍ଷମ ହେବେ ଏବଂ ସ୍ୱତନ୍ତ୍ର ପ୍ରାରମ୍ଭିକ ମୂଲ୍ୟ, ବାର୍ଷିକ ଅଫର୍ ଓ ଏକ ବାର୍ଷିକ ପ୍ରି-ବୁକିଙ୍ଗ୍ ରାଶି ଭଳି ଲାଭ ପାଇପାରିବେ। ମ୍ୟାଟର ଏରାକୁ ପ୍ରଥମ ୯୯୯୯ ପ୍ରି-ବୁକିଙ୍ଗ୍ ପାଇଁ ୫୦୦୦ ଟଙ୍କାର ଏକ ସ୍ୱତନ୍ତ୍ର ଲାଭ ସହିତ ପ୍ରଦାନ କରାଯିବ; ଗ୍ରାହକମାନେ ଏହାକୁ ୧୯୯୯ ଟଙ୍କାରେ ପ୍ରିବୁକ୍ କରିପାରିବେ। ୧୦୦୦୦ ପ୍ରିବୁକିଙ୍ଗରୁ ୨୯୯୯୯ ପ୍ରିବୁକିଙ୍ଗ୍ ପର୍ଯ୍ୟନ୍ତ, ମ୍ୟାଟର୍ ଏରାକୁ ୨୫୦୦ ଟଙ୍କାର ସ୍ୱତନ୍ତ୍ର ଲାଭ ସହ ପ୍ରଦାନ କରାଯିବ; ଏହାକୁ ଗ୍ରାହକମାନେ ୨୯୯୯ ଟଙ୍କାରେ ପ୍ରିବୁକ୍ କରିପାରିବେ। ଏବଂ ଏହାପରଠାରୁ ଗ୍ରାହକମାନେ ଏହାକୁ ୩୯୯୯ ଟଙ୍କାରେ ପ୍ରିବୁକ୍ କରିପାରିବେ।

## ଖିମଜୀ ଜୁଏଲର୍ସ ନେଇ ଆସିଛି ସ୍ୱତନ୍ତ୍ର ହ୍ୱାଏ ନଟ୍ ଡାଇମଣ୍ଡ କ୍ୟାମ୍ପେନ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍) : ୮୬ ବର୍ଷର ବିଶ୍ୱାସ ଓ ଅଳଙ୍କାର କାରୀଗରୀର ଅଭିଜ୍ଞତା ସହିତ ଖିମଜୀ ଜୁଏଲର୍ସ ନିଜର ନୂତନ 'ହ୍ୱାଏ ନଟ୍ ଡାଇମଣ୍ଡ୍'କ୍ୟାମ୍ପେନ୍ ର ଶୁଭାରମ୍ଭ କରିଛି। ଏହି କ୍ୟାମ୍ପେନ୍ ପ୍ରତ୍ୟେକ ଗ୍ରାହକଙ୍କ ବ୍ୟକ୍ତିତ୍ୱକୁ ପାଳନ କରିବ ଏବଂ ଖିମଜୀର ଚମତ୍କାର ଅଳଙ୍କାର ସଂଗ୍ରହ ମାଧ୍ୟମରେ ଗ୍ରାହକମାନେ ସେମାନଙ୍କର ଅନନ୍ୟ ଷ୍ଟାଇଲ୍‌କୁ ଆପଣାଇପାରିବେ। କେବଳ ଏହା ନୁହେଁ ଖିମଜୀ ଜୁଏଲର୍ସ ନିଜର ହାଏ-ଫ୍ୟାଶନ୍ ହୀରା ଅଳଙ୍କାର ସଂଗ୍ରହରେ ସ୍ୱତନ୍ତ୍ର ଅଫର୍ ଦେଇ, ହୀରା ଅଳଙ୍କାର ଏକ ମହଙ୍ଗା ବିନିଯୋଗ ବୋଲି ଥିବା ଧାରଣାକୁ ବଦଳାଉଛି। ଖିମଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି,'ଆମ ହୀରା ଅଳଙ୍କାରର ଚାହିଦା ଗ୍ରାହକମାନଙ୍କ ମଧ୍ୟରେ ବେଶ୍ ଅଧିକ। ହୀରା ଅଳଙ୍କାର ମହଙ୍ଗା ବୋଲି ଲୋକମାନଙ୍କ ମଧ୍ୟରେ ଥିବା ଏହି ଧାରଣା କୁ ବଦଳାଇବା ପାଇଁ ଆମେ ହୀରା ଅଳଙ୍କାରରେ ସ୍ୱତନ୍ତ୍ର ଅଫର୍ ନେଇଆସିଛୁ। ଆମ ଗ୍ରାହକଙ୍କ ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ସର୍ବଶ୍ରେଷ୍ଠ ମୂଲ୍ୟରେ ଆକର୍ଷଣୀୟ ଅଳଙ୍କାର ନେଇଆସିଛୁ ଏବଂ ଏହା ନିଶ୍ଚିତ ଆମ ଗ୍ରାହକଙ୍କୁ ଆକର୍ଷିତ କରିବ। ଗ୍ରାହକମାନେ ୧୩ ମଇ ରୁ ୩୦ମଇ ୨୦୨୩ ପର୍ଯ୍ୟ' ଖିମଜୀ ଜୁଏଲର୍ସ ଷ୍ଟୋର୍ କୁ ଆସି ଏହି ସ୍ୱତନ୍ତ୍ର ଅଫର୍ ଗୁଡିକର ଲାଭ ଉଠାଇପାରିବେ। ସର୍ବଶ୍ରେଷ୍ଠ ମୂଲ୍ୟରେ ସୂକ୍ଷ୍ମ କାରୀଗରୀ ସହିତ ନିର୍ମିତ ପ୍ରତ୍ୟେକ ହୀରା ଖଣ୍ଡ ବ୍ୟକ୍ତିତ୍ୱକୁ ଦର୍ଶାଇବ, ଗ୍ରାହକମାନେ ସଂଗ୍ରହକୁ ଉପଭୋଗ କରିପାରିବେ ଏବଂ ସେମାନଙ୍କ ପାଇଁ ଉପଯୁକ୍ତ ହୀରା ବାଛିପାରିବେ। ଏଥିସହ, ଗ୍ରାହକମାନେ ସେମାନଙ୍କ ଅଳଙ୍କାର କ୍ରୟକୁ ସମ୍ପୂର୍ଣ୍ଣ ଉପଭୋଗ କରିବା ପାଇଁ ବ୍ରାଣ୍ଡ ପ୍ରତ୍ୟେକ କ୍ରୟରେ ମାଗଣା ବୀମାର ସୁବିଧା ମଧ୍ୟ ରଖିଛି। ଖିମଜୀ ଜୁଏଲର୍ସର ଏହି ହୀରା ଅଳଙ୍କାରର ଆକର୍ଷଣୀୟ କ୍ୟାମ୍ପେନ୍‌ର ଲାଭ ଉଠାନ୍ତୁ ଏବଂ 'ହ୍ୱାଏ ନଟ୍ ଡାଇମଣ୍ଡ୍' କ୍ୟାମ୍ପେନ୍ ଏବଂ ହୀରା ଅଳଙ୍କାର ର ଆକର୍ଷଣୀୟ ସଂଗ୍ରହ ବିଷୟରେ ଅଧିକ ଜାଣିବା ପାଇଁ ସେମାନଙ୍କ ଷ୍ଟୋର୍ ପରିଦର୍ଶନ କରନ୍ତୁ।

DIAMONDS FROM KHIMJI® Jewellers since 1936

## ଅଲ୍ଟିମେଟ୍ ବ୍ୟାଟେରୀ ପାୱାରହାଉସ୍ ଓପୋ ଏଫ୍୨୩ ୫ଜିର ଶୁଭାରମ୍ଭ




ନୂଆଦିଲ୍ଲୀ: ଅଗ୍ରଣୀ ଗ୍ଲୋବାଲ ସ୍ମାର୍ଟ ଡିଭାଇସ୍ ବ୍ରାଣ୍ଡ ଓପୋ ପକ୍ଷରୁ ଏହାର ନୂଆ ସ୍ମାର୍ଟଫୋନ୍ ଓପୋ ଏଫ୍୨୩ ୫ଜିର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଡିଭାଇସ୍ ୨୪୯୯୯ ଟଙ୍କାରେ ଆସ'। ମେ' ୧୮ ତାରିଖ ୨୦୨୩ ରାତି ୧୨ଟାରୁ ଓପୋ ଷ୍ଟୋର୍, ଆମାଜନ ଓ ମେନ୍‌ଲାଇନ୍ ରିଟେଲ୍ ଆଉଟ୍‌ଲେଟ୍‌ଗୁଡିକ ମାଧ୍ୟମରେ ଉପଲବ୍ଧ ହେବ। ନୋମୋଫୋବିଆ ସମସ୍ୟାର ମୁକାବିଲା କରିବା ପାଇଁ ଏବଂ ଏକ ଦୀର୍ଘସ୍ଥାୟୀ, ବୃହତ୍ କ୍ଷମତାଯୁକ୍ତ ଓ ସ୍ଥାୟୀ ବ୍ୟାଟେରୀ ଥିବା ଏକ ଡିଭାଇସ୍ ପାଇଁ ଗ୍ରାହକଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂରଣ କରିବା ଲାଗି ଓପୋ ପକ୍ଷରୁ ଏଫ୍୨୩ ୫ଜି ଶୁଭାରମ୍ଭ କରାଯାଇଛି। ଏହି ହ୍ୟାଣ୍ଡସେଟ୍‌ରେ ଓପୋର ମାଲିକାନାଯୁକ୍ତ ୬୭ୱାଟ୍ ସୁପର୍‌ଭିଓଓସି ଫ୍ଲାଶ୍ ଚାର୍ଜିଙ୍ଗ୍ ରହିଛି ଯାହା ଡିଭାଇସ୍‌କୁ କେବଳ ୧୮ ମିନିଟ୍‌ରେ ୫୦% ଚାର୍ଜ କରୁଥିବା ବେଳେ ୫ ମିନିଟ୍‌ର ଚାର୍ଜ ୬ ଘଂଟା ପର୍ଯ୍ୟ' ଫୋନ୍ କଲ୍ କିମ୍ବା ୨.୫ ଘଂଟାର ୟୁଟ୍ୟୁବ୍ ଭିଡିଓ ଦେଖିବା ସୁବିଧା ପ୍ରଦାନ କରିପାରିଥାଏ। ସମ୍ପୂର୍ଣ୍ଣ ଚାର୍ଜ ହେଲେ ଏହାର ୫୦୦୦ ଏମ୍‌ଏଏଚ ବ୍ୟାଟେରୀ ୩୯ ଘଂଟା ପର୍ଯ୍ୟ' ଫୋନ୍ କଲ୍ ଓ ୧୬ ଘଂଟାର ୟୁଟ୍ୟୁବ୍ ଭିଡିଓ ଦେଖିବା ସୁବିଧା ଦେଇଥାଏ। ଓପୋର ବ୍ୟାଟେରୀ ହେଲ୍‌ଥ ଇନ୍ ସୁନିଶ୍ଚିତ କରୁଛି ଯେ, ଏହି ଡିଭାଇସ୍‌କୁ ୧୬୦୦ ଥର ଚାର୍ଜଡ୍-ଡିସ୍‌ଚାର୍ଜଡ୍ କରାଯାଇପାରିବ, ଯାହାର ଅର୍ଥ ହେଉଛି ଏଫ୍୨୩ ୫ଜି ୪ ବର୍ଷ ପର୍ଯ୍ୟନ୍ତ ସର୍ବୋଚ୍ଚ କ୍ଷମତାରେ କାର୍ଯ୍ୟ କରିବ। ଏସମ୍ପର୍କରେ ଓପୋର ମୁଖ୍ୟ ବାଣିଜ୍ୟକ ଅଧିକାରୀ ଦମୟ' ଖନୋରିଆ କହିଛ", 'ଓପୋରେ ଆମେ ବୁଝିଛୁ ଯେ, ନୋମୋଫୋବିଆ କିମ୍ବା ନିଜ ଫୋନ୍ ବ୍ୟବହାର ନକରିପାରିବା କିମ୍ବା ନିଜ ମୋବାଇଲ ଫୋନ୍ ବିନା ରହିବାର ଭୟ ହେଉଛି ଅନେକ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ପାଇଁ ଏକ ପ୍ରକୃତ ଚି'ାର ବିଷୟ। ଓପୋ ଏଫ୍୨୩ ୫ଜି ସହିତ ଆମେ ବ୍ୟାଟେରୀ ହେଲ୍‌ଥ ଇନ ଓ ସୁପରଭିଓଓସି ଫାଷ୍ଟ ଚାର୍ଜିଙ୍ଗ ଭଳି ଅଭିନବ ଟେକ୍ନୋଲୋଜିଗୁଡିକୁ ପ୍ରଦାନ କରି ଗର୍ବିତ ଯାହା ଏକ ବାଧାହୀନ ଅନୁଭୂତି ପାଇଁ ନିର୍ଭରଯୋଗ୍ୟ ଓ ସୁବିଧାଜନକ ବ୍ୟାଟେରୀ କାର୍ଯ୍ୟଦକ୍ଷତା ପ୍ରଦାନ କରୁଛି। ଯାହାଫଳରେ ଆପଣ ବ୍ୟାଟେରୀ ଶେଷ ହେବାର ଚି'। ବିନା ନିଜ ଫୋନ୍‌ରେ ଯାହା କରିବାକୁ ପସନ୍ଦ କର" ତାହାକୁ ଉପଭୋଗ କରିବା ଉପରେ ଧ୍ୟାନ ଦେଇପାରିବେ। ଏହାବ୍ୟତୀତ ଓପୋ ସାରାଦିନ ଏଆଇ ପାୱାର-ସେଭିଙ୍ଗ ମୋଡ୍, ସୁପର ନାଇଟ୍-ଟାଇମ୍ ଷ୍ଟାଣ୍ଡବାଏ ଏବଂ ୫-ଲେୟର ଚାର୍ଜିଙ୍ଗ ପ୍ରୋଟେକ୍ସନ ଭଳି ଫିଚରଗୁଡିକ ସହ ବ୍ୟାଟେରୀ ନିର୍ଭରଶୀଳତା ଓ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛି। ୫-ଲେୟର ଚାର୍ଜିଙ୍ଗ ପ୍ରୋଟେକ୍ସନରେ ଆଡାପ୍ଟର ଓଭରଲୋଡ୍ ପ୍ରୋଟେକ୍ସନ, ଫ୍ଲାଶ୍ ଚାର୍ଜ କଣ୍ଡିସନ ଆଇଡେଂଟିଫିକେଶନ ପ୍ରୋଟେକ୍ସନ, ଚାର୍ଜିଙ୍ଗ ପୋର୍ଟ ଓଭରଲୋଡ୍ ପ୍ରୋଟେକ୍ସନ, ବ୍ୟାଟେରୀ କରେଂଟ/ଭୋଲ୍‌ଟେଜ୍ ଓଭର୍‌ଲୋଡ୍ ପ୍ରୋଟେକ୍ସନ ଓ ବ୍ୟାଟେରୀ ଫ୍ୟୁଜ୍ ପ୍ରୋଟେକ୍ସନ ଆଦି ସାମିଲ ରହିଛି। ଏଫ୍୨୩ ୫ଜି କ୍ୱାଲ୍‌କମ୍ ସ୍ନାପଡ୍ରାଗନ୍ ୬୯୫ ୫ଜି ଏସ୍‌ଓସି ଦ୍ୱାରା ସୁସଜ୍ଜିତ ରହିଛି ଏବଂ ଏହା ୨୫୬ଜିବି ଷ୍ଟୋରେଜ୍ ସହ ଆସୁଛି।

## ଜିଓଫାଇବର ଓଡ଼ିଶାରେ ୨ ଲକ୍ଷରୁ ଅଧିକ ଘରକୁ ହାଇ-ସ୍ପିଡ୍ ଓ୍ୟାରଲାଇନ୍ ବ୍ରଡ୍‌ବ୍ୟାଣ୍ଡ ସେବା ସହ ଯୋଡ଼ିଲା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏକ ଉଲ୍ଲେଖନୀୟ ସଫଳତା କ୍ରମେ, ଦେଶର ସବୁଠୁ ଲୋକପ୍ରିୟ ହାଇ-ସ୍ପିଡ୍ ଗୃହ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନକାରୀ ଜିଓଫାଇବର୍ ଓଡ଼ିଶାରେ ୨ ଲକ୍ଷରୁ ଅଧିକ ଘରକୁ ଏହାର ହାଇ-ସ୍ପିଡ୍ ଓ୍ୟାରଲାଇନ୍ ବ୍ରଡ୍‌ବ୍ୟାଣ୍ଡ ସେବା ସହ ଯୋଡ଼ିଛି। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଓ୍ୟାରଲାଇନ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ ୨୦୨୩ ଫେବ୍ରୁଆରି ୨୮ ସୁଦ୍ଧା ୨.୦୨ ଲକ୍ଷ ଜିଓଫାଇବର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକଙ୍କ ସହିତ ରାଜ୍ୟର ଏକ ନମ୍ବର ହାଇ-ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନକାରୀ ଭାବେ ଜିଓ ଏହାର ସ୍ଥିତିକୁ ଆହୁରି ମଜଭୁତ କରିଛି। ରିଲାଏନ୍ସ ଜିଓ ଏକମାତ୍ର ଟେଲିକମ୍ ସେବା ପ୍ରଦାନକାରୀ ଭାବେ ୨୦୨୩ ଫେବ୍ରୁଆରିରେ ଓ୍ୟାରଲାଇନ୍ ଗ୍ରାହକ ଯୋଡ଼ିଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ୨୦୨୩ ଫେବ୍ରୁଆରି ଶେଷ ସୁଦ୍ଧା ଓଡ଼ିଶାରେ ମୋଟ ଓ୍ୟାରଲାଇନ୍ ଗ୍ରାହକ ସଂଖ୍ୟା ୩.୮୮ ଲକ୍ଷକୁ ବୃଦ୍ଧି ପାଇଛି। ଜାତୀୟ ସ୍ତରରେ ମଧ୍ୟ ଜିଓ ୨୦୨୩ ଫେବ୍ରୁଆରିରେ ୧.୮୮ ଲକ୍ଷରୁ ଅଧିକ ନୂଆ ଓ୍ୟାରଲାଇନ ଗ୍ରାହକ ଯୋଡ଼ିଦେଶର ଏକ ନମ୍ବର ଓ୍ୟାରଲାଇନ ସେବା ପ୍ରଦାନକାରୀ ଭାବେ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଉଲ୍ଲେଖଯୋଗ୍ୟ, ସାରା ଓଡ଼ିଶାରେ ନିଜ ଉପସ୍ଥିତିକୁ ଆହୁରି ସମ୍ପ୍ରସାରିତ କରି ଜିଓଫାଇବର୍ ଏବେ ରାଜ୍ୟର ୩୯ରୁ ଅଧିକ ସହର ଓ ନଗରରେ ଉପଲବ୍ଧ ହୋଇଛି ଏବଂ ରାଜ୍ୟର ଅନ୍ୟ ପ୍ରମୁଖ ସହର ଓ ନଗରକୁ ଏହାର ସେବା ଦ୍ରୁତ ଗତିରେ ସମ୍ପ୍ରସାରଣ କରୁଛି।

Jio Fiber

## ଜିଓ-ବିପି ପକ୍ଷରୁ ଉଚ୍ଚ ଦକ୍ଷତା ସମ୍ପର୍ଣ୍ଣ ନୂଆ ଡିଜେଲ୍‌ର ଶୁଭାରମ୍ଭ

 କଟକ(ଭାସ୍କର ନ୍ୟୁଜ୍): ଜିଓ-ବିପି ପକ୍ଷରୁ ଆକ୍ଟିଭ୍ ଟେକ୍ନୋଲୋଜି ସହିତ ଏହାର ନୂଆ ଡିଜେଲ୍‌ର ଶୁଭାରମ୍ଭ ଘୋଷଣା କରାଯାଇଛି ଯାହା ଭାରତୀୟ ଉପଭୋକ୍ତାଙ୍କ ପାଇଁ ଡିଜେଲର ମାନ ବୃଦ୍ଧି କରିବା ପାଇଁ ପ୍ରସ୍ତୁତ ରହିଛି। ନୂଆ କରି ଶୁଭାରମ୍ଭ ହୋଇଥିବା ଏହି ଆଡିଟିଭାଇଜ୍‌ଡ ଡିଜେଲ, କମ୍ପାନୀର ନେଟ୍‌ୱର୍କରେ ଉପଲବ୍ଧ ରହିଥିବାବେଳେ ଏହି ଡିଜେଲ ୪.୩% ପର୍ଯ୍ୟନ୍ତ ଉନ୍ନତ ଫୁଏଲ୍ ଇକୋନୋମି କାରଣରୁ ଟ୍ରକର୍‌ମାନଙ୍କୁ ନିଜ ଯାନ ଉପରେ ବାର୍ଷିକ ୧.୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଂଚୟ ପ୍ରଦାନ କରିବ। ଏହି ନୂତନ ଉଚ୍ଚ ପ୍ରଦର୍ଶନକ୍ଷମ ଡିଜେଲ ଜିଓ-ବିପି ଆଉଟ୍‌ଲେଟ୍‌ଗୁଡିକରେ ଉପଲବ୍ଧ ହେବ ଏବଂ ପ୍ରଥମ ଥର ପାଇଁ ବିନା କୌଣସି ଅତିରିକ୍ତ ଖର୍ଚ୍ଚରେ ନିୟମିତ ମୂଲ୍ୟରେ ଭାରତୀୟ ବଜାରରେ ପ୍ରଦାନ କରାଯିବ। ଜିଓ-ବିପି ଆଉଟ୍‌ଲେଟ୍‌ଗୁଡିକରେ ଆକ୍ଟିଭ୍ ଟେକ୍ନୋଲୋଜି ସହିତ ଏହି ଡିଜେଲ ଜମା ହୋଇଥିବା ମଇଳା କାରଣରୁ ଅବାଂଛିତ ମରାମତିର ବିପଦକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ ଏବଂ ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନ ପାର୍ଟଗୁଡିକରେ ବିଦ୍ୟମାନ ମଇଳାକୁ ଦୂର କରିବା ସହିତ ଏହାକୁ ଜମାହେବାରୁ ସୁରକ୍ଷା ଦେଇଥାଏ। ଏହାକୁ ବାଣିଜ୍ୟିକ ଯାନର ଏକ ଶୃଙ୍ଖଳରେ କାର୍ଯ୍ୟ କରିବା ପାଇଁ ଡିଜାଇନ କରାଯାଇଛି ଏବଂ ବିଦ୍ୟମାନ ବ୍ୟବହାର ସହିତ ଏହା ଚାଳକ ଓ ମାଲିକମାନଙ୍କୁ ବିଭିନ୍ନ ଲାଭ ପ୍ରଦାନ କରିଥାଏ। ଏହା ବିଦ୍ୟମାନ ବ୍ୟବହାର ସହିତ ଇଞ୍ଜିନର ଶକ୍ତିକୁ ପୁନଃସଂରକ୍ଷିତ ଓ ବଜାୟ ରଖିବାରେ ସାହାଯ୍ୟ କରିଥାଏ, ଯେବେକି ଯାନର ଅବାଂଛିତ ମରାମତିର ବିପଦକୁ ହ୍ରାସ କରିଥାଏ। ଜିଓ-ବିପି ସିଇଓ ଶ୍ରୀ ହରିଶ ସି ମେହତା କହିଛନ୍ତି ଯେ, 'ପ୍ରତ୍ୟେକ ଗ୍ରାହକ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଜିଓ-ବିପି ପାଇଁ ଟ୍ରକରଗୁଡ଼ିକ ସର୍ବଦା ଏକ ସ୍ୱତନ୍ତ୍ର ସ୍ଥାନ ଧାରଣ କରିଛ"। ଅଧାରୁ ଅଧିକଟ୍ରକର୍‌ର ପରିଚାଳନା ଖର୍ଚ୍ଚକୁ ଦେଖି ଆମେ ସେମାନଙ୍କ ସାମଗ୍ରିକ ବ୍ୟବସାୟ ପ୍ରଦର୍ଶନ ଉପରେ ଇନ୍ଧନର ଗୁରୁତ୍ୱପୂର୍ଣ୍ଣ ପ୍ରଭାବକୁ ବୁଝିପାରିଛୁ। ଇନ୍ଧନ କାର୍ଯ୍ୟଦକ୍ଷତା ଏବଂ ଇଞ୍ଜିନ ମେଂଟେନାନ୍ସକୁ ନେଇ ସେମାନଙ୍କ ଚିନ୍ତା ହ୍ରାସ କରିବା ପାଇଁ, ଜିଓ-ବିପି ସ୍କ୍ରାଚରୁ କଷ୍ଟମାଇଜ ଆଡିଟିଭ ବିକଶିତ କରିବା ଲାଗି ସର୍ବୋତମ ଟେକ୍ନୋଲୋଜି ବିଶେଷଜ୍ଞମାନଙ୍କ ସହିତ ଏକାଧିକ ବର୍ଷ ଧରି କାର୍ଯ୍ୟ କରିଛି। ଏହି ଆଡିଟିଭ ସମୃଦ୍ଧ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଡିଜେଲ ବିଶେଷ କରି ଭାରତୀୟ ଯାନ ପାଇଁ, ଭାରତୀୟ ରାସ୍ତାରେ ଏବଂ ଭାରତୀୟ ଗାଡ଼ିଚାଳନା ସ୍ଥିତିରେ ପ୍ରସ୍ତୁତ ହୋଇଛି। ଜିଓ-ବିପିର ଆକ୍ଟିଭ୍ ଟେକ୍ନୋଲୋଜି ବିଶିଷ୍ଟ ଏହି ଡିଜେଲ ପ୍ରତିବର୍ଷ ଗୋଟିଏ ଟ୍ରକ୍ ପିଛା ୧.୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଂଚୟ କରିଥାଏ ଏବଂ ୪.୩% ପର୍ଯ୍ୟନ୍ତ ଏକ ଫୁଏଲ ଇକୋନୋମି ଦେଇଥାଏ। ଇନ୍ଧନ କ୍ଷେତ୍ରରେ ୧୦୦ ବର୍ଷରୁ ଅଧିକ ଗବେଷଣା ସହିତ ବିପିର ବୈଜ୍ଞାନିକ ଓ ଇଞ୍ଜିନିୟରମାନଙ୍କର ସମର୍ପିତ ଟିମ୍ ନିକଟରେ ଇନ୍ଧନ ଓ ଯାନର ଟେକ୍ନୋଲୋଜି ମଧ୍ୟରେ ଯୋଗାଯୋଗର ଏକ ଗଭୀର ବୁଝାମଣା ରହିଛି ଏବଂ ଏମାନେ ବିଶ୍ୱର ଅଗ୍ରଣୀ ଯାନ ନିର୍ମାତାମାନଙ୍କ ସହ ଘନିଷ୍ଠ ଭାବେ ସହଯୋଗିତା କରିଥାନ୍ତି।

Jio bp

# ବିବିଧବର୍ଣ୍ଣା



ଜହ୍ନି ଏକ ଲୋକପ୍ରିୟ ପରିବା । ଜହ୍ନିକୁ ଖାଇବାକୁ ସମସ୍ତେ ପସନ୍ଦ କରିଥାଆନ୍ତି । ଅନେକ ତରକାରୀରେ ମଧ ଆମେ ଜହ୍ନି ବ୍ୟବହାର କରିଥାଉ । ତେବେ ବହୁ ଲୋକ ଅଛନ୍ତି ଯେଉଁମାନେ ଜହ୍ନିକୁ ପସନ୍ଦ କରନ୍ତି ନାହିଁ । ଜହ୍ନି ଏକ କମ୍ କ୍ୟାଲୋରୀଯୁକ୍ତ ପନିପରିବା, ଯାହା ଫାଇବର, ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଅଟେ । ଏହା ବ୍ୟତୀତ ଏଥିରେ ଆଇରନ, ମ୍ୟାଗ୍ନେସିୟମ୍ ଏବଂ ପୋଟାସିୟମ ମଧ ମିଳିଥାଏ। ଏହା ଶରୀର ଉପରେ ଥଣ୍ଡା ପ୍ରଭାବ ପକାଇଥାଏ ବୋଲି କୁହାଯାଏ। ତେବେ ଆସନ୍ତୁ ଜାଣିବା ଜହ୍ନି ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ । ଜହ୍ନିରେ ଭିଟାମିନ୍ ଏ ଏବଂ ସି ଭରପୂର ପରିମାଣରେ ରହିଛି । ଯାହା ସୁସ୍ଥ ଚର୍ମ ଏବଂ କେଶ ପାଇଁ ଜରୁରୀ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ମଧ ଥାଏ, ଯାହା ମୁକ୍ତ କଣିକା କ୍ଷତିକୁ ରୋକିବାରେ ସାହାଯ୍ୟ କରିଥାଏ। ମୁକ୍ତ ରେଡିକାଲଗୁଡିକ ଅକାଳ ବୃଦ୍ଧାବସ୍ଥା ସୃଷ୍ଟି କରେ ଏବଂ ଅନ୍ୟ କେଶ ସମସ୍ୟା ମଧ ସୃଷ୍ଟି କରିପାରେ। ଜହ୍ନିରେ ରହିଛି ଫାଇବର । ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଜହ୍ନି ଭିଟାମିନ୍ ସିର ଏକ ଉତ୍ତମ ଉତ୍ସ, ଯାହା ସଂକ୍ରମଣ ଏବଂ ଅନ୍ୟାନ୍ୟ ରୋଗକୁ ମଧ ରକ୍ଷା କରିବାରେ ସାହାଯ୍ୟ କରିଥାଏ। ଜହ୍ନି ଖାଇବା ଦ୍ୱାରା କୋଲେଷ୍ଟ୍ରୋଲ ନିୟନ୍ତ୍ରଣ ହୋଇଥାଏ ।

## ‘ପଠାନ୍’ ଓ ‘କେଜିଏଫ୍-୨’କୁ ପଛରେ ପକାଇଲା ‘ଦ କେରଳ ଷ୍ଟୋରୀ’




ବକ୍ସ ଅଫିସ୍‌ରେ କ୍ରେଜ୍ କରୁଛି ‘ଦ କେରଳ ଷ୍ଟୋରୀ’ । ଏହି ଫିଲ୍ମ ବିବାଦ ସତ୍ତ୍ୱେ ପ୍ରଶଂସା ସାଉଁଣ୍ଟୁଛି। ଏହି ଫିଲ୍ମଟି ବକ୍ସ ଅଫିସ୍‌ରେ ଜବରଦସ୍ତ ଆୟ କରୁଥିବା ଦେଖାଯାଇଛି। ଛୋଟ ବଜେଟରେ ବଡ ଧମକା ଦେଖାଇଛି ଏହି ଫିଲ୍ମ। ନିକଟରେ ‘ପଠାନ୍’ ଓ ‘କେଜିଏଫ୍-୨’ ବକ୍ସ ଅଫିସରେ ରିଲିଜ ହୋଇଥିଲା। କିନ୍ତୁ ଏହି ଦୁଇ ଫିଲ୍ମକୁ ପଛରେ ପକାଇଛି ‘ଦ କେରଳ ଷ୍ଟୋରୀ’। ଅଳ୍ପ ଦିନ ମଧ୍ୟରେ ଏହା ପାଖାପାଖି ୧୫୦ କୋଟି ବେପାର କଲାଣି। ପ୍ରଥମ ସପ୍ତାହାନ୍ତରେ ଫିଲ୍ମଟି ୩୫ କୋଟି ଟଙ୍କା ରୋଜଗାର କରିଥିବା ବେଳେ ଦ୍ୱିତୀୟ ସପ୍ତାସରେ ଖୁବ୍ ଭଲ ପ୍ରଦର୍ଶନ କରିଛି। ତେବେ ଦ୍ୱିତୀୟ ସପ୍ତହରେ ‘ଦି କେରଳ ଷ୍ଟୋରି’ର ପ୍ରାୟ ୫୫ କୋଟି ଟଙ୍କାର ରୋଜଗାର କରିଛି। ତେବେ କେତେକ କ୍ଷେତ୍ରରେ ଏହା ଶାହାରୁଖଙ୍କ ‘ପଠାନ୍’ ଓ ‘କେଜିଏଫ୍-୨’ ପରି ଫିଲ୍ମକୁ ଧୂଳି ଚଟାଇଲାଣି। ଦ୍ୱିତୀୟ ସପ୍ତାହାନ୍ତ ପରେ ସୋମବାରକୁ ‘ପଠାନ୍’ ୮.୨୫ କୋଟି ରୋଜଗାର କରିଥିବା ବେଳେ ‘କେଜିଏଫ୍-୨’ ୮.୨୮ କୋଟି ଟଙ୍କାର ବେପାର କରିଥିଲା। ମାତ୍ର ସୂଚନାରୁ ଜାଣିବାକୁ ମିଳିଛି ଯେ ‘ଦ କେରଳ ଷ୍ଟୋରି’ ଦ୍ୱିତୀୟ ସପ୍ତାହାନ୍ତ ପରେ ୧୨.୪ କୋଟି ଟଙ୍କାର ରୋଜଗାର କରିଛି। ଆଶା କରାଯାଉଛି ଯେ ଏହା ବଲିଉଡ୍‌ର ଦ୍ୱିତୀୟ ବଡ଼ ଫିଲ୍ମ ବନିପାରେ।



## ଦିଶା-ଟାଇଗରଙ୍କ ସଂପର୍କକୁ ନେଇ ମୁହଁ ଖୋଲିଲେ ଆୟଶା

ଦିଶା ପାଟନି ଓ ଟାଇଗର ଶ୍ରଫଙ୍କ ଡେଟିଂ ଏବଂ ବ୍ରେକଅପ୍ ଗୁଜବକୁ ନେଇ ମୁହଁ ଖୋଲିଲେ ଟାଇଗରଙ୍କ ମା’। ଟାଇଗରଙ୍କ ମା’ ଆୟଶା ଶ୍ରଫ୍ ଏକ ସାକ୍ଷାତକାରରେ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଟାଇଗରଙ୍କ ମା’ କହିଥିଲେ ଦିଶା ଏବଂ ଟାଇଗର ହେଉଛନ୍ତି ଭଲ ବନ୍ଧୁ। ଡେଟ, ବ୍ରେକ୍‌ଅପ୍ ଖବର ସବୁ ମିଛ। ଏପଟେ କିନ୍ତୁ ଏହି କଥାକୁ ସହଜରେ ହଜମ କରିପାରିନାହାନ୍ତି ଫ୍ୟାନ୍। ଫ୍ୟାନ୍ କହିଛନ୍ତି ଯେ ଟାଇଗର ଶ୍ରଫ୍ ଏବଂ ଦିଶା ପାଟନୀ ବି- ଟାଉନ୍‌ର ଏକ ହଟ୍ ଯୋଡ଼ି। ସେମାନେ ସବୁବେଳେ ଏକାଠି ନଜର ଆସନ୍ତି। ସେମାନେ ବିବାହ ବନ୍ଧନରେ ବାନ୍ଧି ହୋଇଥାନ୍ତେ ବୋଲି ଶୁଣାଯାଉଥିଲା। କିନ୍ତୁ ସେମାନଙ୍କ ବ୍ରେକ୍‌ଅପ୍ ଯୋଗୁଁ ଦୁହିଁଙ୍କୁ ଆଉ ଏକାଠି ଦେଖିବାକୁ ମିଳୁନାହିଁ। ଯଦି ସେମାନେ ଭଲ ବନ୍ଧୁ ତେବେ କାହିଁକି ଏକାଠି ନଜର ଆସୁନାହାନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି। ଟାଇଗର ଶ୍ରଫ ଏବଂ ଦିଶା ପାଟନୀ ଫିଲ୍ମ ବାଗୀ-୨’ ଏବଂ ବାଗୀ-୩’ ରେ ନଜର ଆସିଥିଲେ। ଏହି ଫିଲ୍ମ ମଧ୍ୟ ପ୍ରଶଂସକଙ୍କ ପସନ୍ଦ ଆସିଥିଲା। ବର୍ତ୍ତମାନ ଟାଇଗର ଖୁବ୍ ଶୀଘ୍ର ଅକ୍ଷୟ କୁମାରଙ୍କ ସହ ବଡେ ମିଆଁ ଛୋଟେ ମିଆଁରେ ନଜର ଆସିବେ । ଏହି ଚଳଚ୍ଚିତ୍ର ଆସନ୍ତା ଇଦ୍‌ରେ ରିଲିଜ ହେବ ବୋଲି ସୋସିଆଲ ମିଡିଆରେ ନିର୍ମାତା ଘୋଷଣା କରିଛନ୍ତି। ଫିଲ୍ମ ‘ଯୋଦ୍ଧା’ରେ ସିଦ୍ଧାର୍ଥ ମଲହୋତ୍ରା ସାଥୀରେ ଦିଶାଙ୍କୁ ଦେଖିବାକୁ ମିଳିବ।







ବଲିଉଡରେ ଖୁବ ଶୀଘ୍ର ପାଦ ଥାପିବାକୁ ଯାଉଛନ୍ତି ଆଉ ଏକ ଷ୍ଟାରଙ୍କ ସନ। ଆପଣ ଜାଣିଛନ୍ତି ସେ ସେମାନେ କିଏ। ହଁ ସେ ହେଉଛନ୍ତି ସୁପରଷ୍ଟାର ବବି ଦେଓଲଙ୍କ ପୁଅ। ଏନେଇ ବବି ଦେଓଲଙ୍କ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ପୁଅ ଆର୍ଯ୍ୟନ ଓ ଧରମ ଅଭିନୟ କରିବେ । ଅବଶ୍ୟ ପୂର୍ବରୁ ବବି ଏହାକୁ ଖଣ୍ଡନ କରୁଥିଲେ । ସେମାନେ ସାଧାରଣ ଜୀବନଯାପନ କରନ୍ତୁ । ଗ୍ଲାମର ସହିତ ଶୀଘ୍ର ଯୋଡି ହୋଇଯିବା ଠିକ ନୁହେଁ । ଅବଶ୍ୟ ବବିଙ୍କ ପୁଅ ଯଥସମ୍ଭବ ଗ୍ଲାମର ଦୁନିଆଠାରୁ ଦୂରେଇ ରହିଛନ୍ତି । ନ୍ୟୁୟର୍କ ୟୁନିଭରସିଟିରେ ପଢ଼ା ଶେଷ କରିବା ପରେ ସେମାନେ ତାଙ୍କ ମନ ଯାହା ଚାହୁଁଛି ତାହା କରିପାରିବେ । ସେମାନେ ଅଭିନୟ କରିବାକୁ ଚାହିଲେ ମୁଁ ମନା କରିବି ନାହିଁ ବୋଲି ବବି କହିଛନ୍ତି । ସନୀ ଓ ମୋ ପରି ସେମାନେ ମଧ ଶାନ୍ତ ଏବଂ ଲାଜକୁଳା ସ୍ୱଭାବର ଅଟନ୍ତି । ଫିଲ୍ମରେ ଅଭିନୟ କଲେ ସେ ଏହାକୁ ପେଶାଦାର ଭାବେ କରିବେ ବୋଲି ବବି ଆଶା ବ୍ୟକ୍ତ କରିଛନ୍ତି । ଅଭିନେତା ଭାବେ ବବିଙ୍କ କ୍ୟାରିୟର ପ୍ରାୟତଃ ଶେଷ ହୋଇ ଯାଉଥିବା ବେଳେ ଆଶ୍ରମ ୱେବ ସିରିଜ ତାଙ୍କ ପାଇଁ ଜୀବନଦାନ ସାବ୍ୟସ୍ତ ହୋଇଥିଲା । ଏବେ ସେ ଲଭ ହଷ୍ଟେଲ ଏବଂ ଆନିମଲ ଫିଲ୍ମର ରିଲିଜକୁ ଅପେକ୍ଷା କରିଛନ୍ତି । ବବି ସୋଲଜର, ଗୁପ୍ତ, ହାଉସଫୁଲ ୪ ପରି ହିଟ ଫିଲ୍ମରେ ଅଭିନୟ କରି ଶ୍ରେଷ୍ଠତା ପ୍ରତିପାଦିତ କରିଛନ୍ତି ।

## ଅମିତାଭ ଓ ଅନୁଷ୍କାଙ୍କୁ ବିନା ହେଲମେଟରେ ଯିବା ପଡିଲା

ବିନା ହେଲ୍‌ମେଟରେ ବାଇକ୍‌ରେ ଯିବା ନେଇ ଦୁଇ ବଲିଉଡ୍ ଅଭିନେତା, ଅଭିନେତ୍ରୀଙ୍କୁ ମହଙ୍ଗା ପଡିଛି। ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ୟୁଜରମାନେ ଅଭିଯୋଗ କରିଥିଲେ। ଏଥିନେଇ ମୁମ୍ବାଇ ପୋଲିସ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୋମବାର ଅମିତାଭ ତାଙ୍କ କାର୍ଯ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଜଣେ ଅଜଣା ଫ୍ୟାନ୍‌ସଙ୍କୁ ଲିଫ୍‌ଟ ମାଗି ବିନା ହେଲମେଟରେ ବାଇକ୍‌ରେ ଯାଇଥିଲେ। ଅନ୍ୟପଟେ ଅନୁଷ୍କା ଶର୍ମା ଟ୍ରାଫିକ୍ ଜାମ୍ କାରଣରୁ ସୁଟିଂ ସେଟରେ ଶୀଘ୍ର ପହଞ୍ଚିବା ନେଇ ନିଜ ବଡିଗାର୍ଡଙ୍କ ସହ ଏକ ବାଇକରେ ଯାଇଥିଲେ। ସେମାନଙ୍କ ବିରାଟ ବଡ଼ ଭୁଲ ଥିଲା ଏଥିରେ। ଯେ କି ଅମିତାଭ ଓ ଅନୁଷ୍କା ବିନା ହେଲମେଲଟରେ ଯାଉଥିବାବେଳେ ବାଇକ୍ ଚାଳକ ମଧ୍ୟ ପିନ୍ଧିନଥିଲେ ହେଲମେଟ। ଏହି ଫଟୋ ଭାଇରାଲ ହେବାପରେ ୟୁଜରମାନେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।





Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

